# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ◆ISSUE-37 ◆THURSDAY ◆31 JULY 2025 ◆PAGE-12 ◆₹ 6.00

SAMBALPUR

◆ବର୍ଷ-୪୩ ◆ସଂଖ୍ୟା-୩୭ ◆ଗୁରୁବାର ◆୩୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ଡେଲିଭରି ବୟ-୨’

▶ପୃଷ୍ଠା ୧୧ ଦେଖନ୍ତୁ...

# ଅଧା ବିଶ୍ୱ ଥରହର

## ୮.୮ ଭୂକମ୍ପରେ ଥରିଲା ରୁଷ ଓ ଜାପାନ



■ **ମସ୍କୋ, ୩୦।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ବଡ଼ ଭୂମିକମ୍ପରେ ଥରିଛି ରୁଷିଆ ଓ ଜାପାନ । ଏହାର ତୀବ୍ରତା ରିଚର ସ୍କେଲରେ ୮.୮ ମପାଯାଇଛି । ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ରୁଷିଆ ଠାରୁ ଆରମ୍ଭ କରି ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଚିଲି, ଆଲସ୍କା, କଲମ୍ବିଆ ଓ ଆମେରିକା କୂଳ ପର୍ଯ୍ୟନ୍ତ ସୁନାମୀ ଆତଙ୍କ ସୃଷ୍ଟି କରିଛି । ଉପକୂଳ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୨୧ କିଲୋମିଟର ଗଭୀର ସମୁଦ୍ର ଭିତରେ ଭୂମିକମ୍ପର କେନ୍ଦ୍ର ଥିବାରୁ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ । ତେବେ ଅନେକ ସ୍ଥାନରେ କୋଠା କ୍ଷତିଗ୍ରସ୍ତ ହୋଇଛି । ୨୦୧୧ ପରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ।

ଆମେରିକାର ଜିଓଲୋଜିକାଲ୍ ସର୍ଭେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ରୁଷିଆ ଉପକୂଳରୁ ୧୩୬ କିଲୋମିଟର ଦୂର କାମଚାସ୍କି ଦ୍ୱୀପ ନିକଟରେ ଶକ୍ତିଶାଳୀ ଭୂମିକଂପ ହୋଇଛି । ୨୦.୭ କିଲୋମିଟର ଗଭୀର ସମୁଦ୍ର ଭିତରେ କେନ୍ଦ୍ରୀଭୂତ ଏହି ଭୂକଂପର ତୀବ୍ରତା ରିଚର ସ୍କେଲରେ ୮.୮

### ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଚିଲିରେ ସୁନାମୀ ସତର୍କତା

### ରୁଷ ସହରରେ ବ୍ୟାପକ କ୍ଷତି, ସମୁଦ୍ରରେ ଭାସିଗଲା କୋଠା

ମପାଯାଇଛି । ଏହାର କିଛି ସମୟ ମଧ୍ୟରେ ଆହୁରି ଦୁଇଟି ଭୂମିକଂପ ମଧ୍ୟ ଅନୁଭୂତ ହୋଇଛି । ପରବର୍ତ୍ତୀ ଝଟକା କୁହାଯାଉଥିବା ଏହି ଦୁଇଟି ଭୂମିକମ୍ପର ତୀବ୍ରତା ୬.୯ ଏବଂ ୬.୩ ଥିଲା ବୋଲି କୁହାଯାଇଛି । ଏହି ▶ପୃଷ୍ଠା-୭

### ବିଶ୍ୱର ସବୁଠୁ ଦାମୀ, ଶକ୍ତିଶାଳୀ ଉପଗ୍ରହ ‘ନିସାର’ର ଉତ୍କ୍ଷେପଣ

# ୯୭ ମିନିଟ୍‌ରେ ପୃଥିବୀ ପରିକ୍ରମଣ

■ **ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି):** ବୁଧବାର ସନ୍ଧ୍ୟାରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଦାମୀ ଉପଗ୍ରହ ‘ନିସାର’ର ଉତ୍କ୍ଷେପଣ ହୋଇଛି । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍‌୧୬ ରକେଟ୍ ନିସାରକୁ ନେଇ ମହାକାଶକୁ ଯାଇଛି । ଏହି ରକେଟ ନିସାରକୁ ପୃଥିବୀଠାରୁ ୭୪୭ କିମି ଉଚ୍ଚରେ ଥିବା ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରିଛି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଓ ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେସନ (ନାସା) ମିଳିତ ଭାବେ ଏହି ଉପଗ୍ରହକୁ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ୧.୫ ବିଲିଅନ ଡଲାର ଅର୍ଥାତ ୧୨, ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଇସ୍ରୋ ଓ ନାସାର ନାମକୁ ▶ପୃଷ୍ଠା-୭



# ଭାରତ ଉପରେ ୨୫% ଟ୍ରମ୍ପ୍ ଶୁଳ୍କ !

■ **ୱାଶିଂଟନ୍, ୩୦।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବାଣିଜ୍ୟ ମୋର୍ଚ୍ଚାରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲଗାଇବା ନେଇ ସେ ଘୋଷଣା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ । ହେଲେ କୌତୂହଳର ବିଷୟ ଯେ, ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହି ଟ୍ରମ୍ପ୍ ଏପରି ପଦକ୍ଷେପ ନେଇଛନ୍ତି । ନୂଆ ଶୁଳ୍କ ଅଗଷ୍ଟ ପହିଲାରୁ ଲାଗୁ ହେବ । ଭାରତ ରୁଷ ସହ ତେଲ କାରବାର କରୁଥିବାରୁ ଦେଶ ଉପରେ ଏପରି ଶୁଳ୍କ ଛାଟ ଲାଗିଥିବା ଟ୍ରମ୍ପ୍ କହିଛନ୍ତି । ତେଣୁ ରୁଷ ସହ ବନ୍ଧୁତ୍ୱ ଭାରତ ପାଇଁ ଏବେ ମହଙ୍ଗା ପଡ଼ିଥିବା ଟ୍ରମ୍ପ୍‌ଙ୍କ ପଦକ୍ଷେପରୁ ଜଣାପଡିଛି ।

ପୂର୍ବରୁ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ କିଛି କାରଣ ଯୋଗୁଁ ଏହି ଚୁକ୍ତି ଚୂଡାନ୍ତ ହୋଇପାରି ନ ଥିଲା । ଏବେ ଭାରତ ଉପରେ ୨୫% ଶୁଳ୍କ ଲାଗିବାକୁ ଯାଉଥିବାର କାରଣ ହେଉଛି, ରୁଷ ସହିତ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି । ଟ୍ରମ୍ପ ବୁଧବାର ଏକ ସୋସିଆଲ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କର ‘ବନ୍ଧୁ’ ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଦେବ । ଟ୍ରମ୍ପ



### ଅଗଷ୍ଟ ପହିଲାରୁ ହେବ ଲାଗୁ

### ମହଙ୍ଗା ପଡ଼ିଲା ରୁଷ ସହ ବନ୍ଧୁତ୍ୱ

### ଲାଗିପାରେ ଅତିରିକ୍ତ ଜରିମାନା

ଏହା ମଧ୍ୟ କହିଛନ୍ତି ଯେ ରୁଷ ଠାରୁ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଜରିମାନା ଦେବାକୁ ପଡିବ । ତାଙ୍କ କହିବାନୁଯାୟୀ, ମନେରଖିବାକୁ ହେବ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଗତ କିଛି ବର୍ଷ ହେବ ଆମେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କାରବାର କରିଛୁ । କାରଣ ଭାରତ ଅଧିକ ଶୁଳ୍କ ଲାଗୁ କରୁଛି, ଯାହା ବିଶ୍ୱରେ ସର୍ବାଧିକ । ଏପରିକି ଭାରତରେ ସବୁଠାରୁ କଠୋର ଏବଂ ଅପ୍ରୀତିକର ଅଣ-ଆର୍ଥିକ ବାଣିଜ୍ୟ ପ୍ରତିବନ୍ଧକ ସବୁ ରହିଛି । ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ସବୁବେଳେ ରୁଷଠାରୁ ଅଧିକାଂଶ ସାମରିକ ଉପକରଣ କିଣୁଛି । ଶକ୍ତି କ୍ଷେତ୍ରରେ ଚୀନ୍ ସହିତ ଭାରତ ହେଉଛି ରୁଷର ସବୁଠାରୁ ବଡ଼ କ୍ରେତା । ଯେତେବେଳେ ସମସ୍ତେ ଚାହାଁନ୍ତି ଯେ ରୁଷ ୟୁକ୍ରେନରେ ଦମନଲୀଳା ବନ୍ଦ କରୁ, ସେତେବେଳେ ଭାରତ ରୁଷ ସହ ତେଲ କାରବାର ବଢ଼ାଉଛି । ତେଣୁ ଭାରତକୁ ଅଗଷ୍ଟ ୧ ରୁ ୨୫% ଶୁଳ୍କ ଦେବାକୁ ପଡିବ । ଏହି ନିଷ୍ପତ୍ତି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସନ୍ତୁଳନକୁ ନଷ୍ଟ କରିପାରେ ଏବଂ ରପ୍ତାନିକୁ ପ୍ରଭାବିତ ମଧ୍ୟ କରିବାର ସମ୍ଭାବନା ରହିଛି । ଏବେ ଏହା ଦେଖିବାକୁ ବାକି ଅଛି ଯେ ଭାରତ ଏହା ପ୍ରତି କିପରି ପ୍ରତିକ୍ରିୟା ଦେଉଛି ।

ସୂଚନାଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ । ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ▶ପୃଷ୍ଠା-୭

### ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

# କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା

■ **ଭୁବନେଶ୍ୱର, ୩୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ବନ୍ୟା ସ୍ଥିତି

### ୩ ଜିଲ୍ଲାର ୩୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ

### ଜଳସ୍ତର କମୁଛି, ସ୍ଥିତି ସୁଧୁରିବାକୁ ଆହୁରି ଦୁଇ ଦିନ ଲାଗିବ

### ଆଉ ୭ ଦିନ ରନ୍ଧାଖାଦ୍ୟ, କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ

ଦେଖିଛନ୍ତି । ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍ ▶ପୃଷ୍ଠା-୭



### ହାଇକୋର୍ଟରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ପ୍ରସଂଗ

# ବଦଳି ଉପରେ ଅନ୍ତରୀଣ ରହିତାଦେଶ

■ **କଟକ, ୩୦।୭ (ସମିସ):** ରାଜ୍ୟ ସରକାର ନିକଟରେ ବିଧାୟକ ଓ ସାଂସଦଙ୍କ ସୁପାରିସ ଭିତ୍ତିରେ ଶିକ୍ଷକଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ନେଇଥିବା ବେଳେ ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଫକିର ମହାନନ୍ଦ ଓ ରାହୁଲ ତ୍ରିପାଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟ ମାନଙ୍କୁ ନୋଟିସ ଜାରିବା ସହ ଜବାବ ତଲବ କରିଛନ୍ତି ଅଦାଲତ ।



ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ବିଧାୟକ ଓ ସାଂସଦ ମାନେ ନିଜ ନିର୍ବାଚନ ମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ▶ପୃଷ୍ଠା-୭

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ୪ ଶିକ୍ଷକ ସମେତ ୬ ଗିରଫ

■ କଟକ, ୩୦।୭ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ଅନ୍ୟ ୪ ଜଣ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଜଣେ ଦଲାଲକୁ ଗିରଫ କରିଥିବା ଏକ ସମ୍ବାଦିକ

### ଉପସଭାପତିଙ୍କ ଲାପ୍‌ଟପରୁ ପେନ୍‌ଡ୍ରାଇଭରେ ଆଣିଥିଲେ ପ୍ରଶ୍ନପତ୍ର

### ଲକ୍ଷାଧିକ ଟଙ୍କାରେ ବିକିଛନ୍ତି ପ୍ରଶ୍ନପତ୍ର

ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ଲିକ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରି ଅଭିଯୁକ୍ତମାନେ ଲକ୍ଷଲକ୍ଷ ▶ପୃଷ୍ଠା-୭



# ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ବାତିଲ୍

## କୋର୍ଟଙ୍କୁ ଅବଗତ କଲେ ଆଡଭୋକେଟ୍ ଜେନେରାଲ୍

■ **ଭୁବନେଶ୍ୱର/କଟକ, ୩୦।୭ (ସମିସ):** ପ୍ରଥମରୁ ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପରୀକ୍ଷା ଶେଷରେ ବାତିଲ୍ ହୋଇଛି । ବ୍ୟାପକ ଅନିୟମିତତା, ପରୀକ୍ଷାରେ ବିଭ୍ରାଟ କାରଣରୁ ପ୍ରିଲିମିନାରୀ ପରୀକ୍ଷାକୁ ବାତିଲ୍ କରିବା ପାଇଁ ପରୀକ୍ଷାର୍ଥୀମାନେ ମୂଳରୁ ଦାବି କରୁଥିଲେ । ସେମାନଙ୍କ ଦାବିକୁ ଆଗ୍ରାହ୍ୟ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ ସରକାର । ଏହି ନିଷ୍ପତ୍ତି ସରକାରଙ୍କୁ ଆଇନ୍ ଜାଲରେ ଛନ୍ଦିଥିଲା । ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବାର

### ୧୪ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ

### ପ୍ରିଲିମ୍ ଓ ମେନ୍ ବଦଳରେ ଗୋଟିଏ ପରୀକ୍ଷା ପାଇଁ ଦାବି

ନିୟମ ଥିଲେ ମଧ୍ୟ ଏହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ହୋଇଥିଲା । ଆଜି ଏହାର ଶୁଣାଣୀ ବେଳେ ତ୍ରୁଟି ସ୍ୱୀକାର କରିବା ସହ ସମଗ୍ର ପରୀକ୍ଷା ପକ୍ରିୟାକୁ ବାତିଲ୍ କରି ଆଉଥରେ ପ୍ରିଲିମିନାରୀ ପରୀକ୍ଷା କରାଯିବ ବୋଲି ନେଇ ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ଉଚ୍ଚନ୍ୟାୟାଳୟକୁ ଅବଗତ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କୋର୍ଟଙ୍କୁ କହିଛନ୍ତି ଯେ ମୋଟ୍ ୫ଲକ୍ଷ ୫୮ ହଜାର ୧୨୯ ଜଣ ଆଶାୟୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ବାତିଲ୍ ହୋଇଥିବାରୁ ପୁନଃ ପ୍ରିଲିମ୍‌ନାରୀ ପରୀକ୍ଷା ପାଇଁ ସମସ୍ତଙ୍କୁ ନୂତନ ଭାବେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ । ଏଥିପାଇଁ କୌଣସି ଫି’ ନିଆଯିବ ନାହିଁ । ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରକ୍ଷା ପାଇଁ ଉତ୍ତୀର୍ଣ୍ଣ କରିବା ନିଷ୍ପତିରେ ବହୁ ମେଧାବୀ ପରୀକ୍ଷାର୍ଥୀ ▶ପୃଷ୍ଠା-୭


With best compliments from:

JSW BPSL
Better Everyday



COMMITTED TO BUILDING
A STRONG FOUNDATION OF THE NATION

## ପତ୍ନୀଙ୍କ ପରଲୋକ ଖବର ଶୁଣି ପତିଙ୍କ ମୃତ୍ୟୁ

ରେବାଡି, ୩୦।୭(ଏଜେନ୍ସି): ହରିୟାଣାର ରେବାଡୀରେ ମାତ୍ର ଅଧଘଣ୍ଟା ମଧ୍ୟରେ ପତି ଓ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଦୁହେଁ ହାତଧରାଧରି ହୋଇ ପରଲୋକଗମନ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରଥମେ ପତ୍ନୀ ମୃତ୍ୟୁବରଣ କରିଥିଲେ। ଏହାକୁ ଶୁଣି ସ୍ୱାମୀ ମାନସିକ ଆଘାତ ପାଇଥିଲେ ଓ ବରଦାସ୍ତ କରି ନପାରି ଚେୟାର ଉପରେ ବସିଥିବାବେଳେ ପରଲୋକଗମନ କରିଥିଲେ। ପତ୍ନୀ ସୂରଜୀ ଦେବୀଙ୍କ ବୟସ ୯୦ ଓ ପତି ଦଲୀପ ସିଂଙ୍କ ବୟସ ୯୩ ବର୍ଷ ଥିଲା। ଦୀର୍ଘବର୍ଷ ଧରି ବଞ୍ଚି ରହିବା ଓ ଚତୁର୍ଥ ପିଢିର ସନ୍ତାନ ସନ୍ତତିଙ୍କୁ ଦେଖିବା କାରଣରୁ ପରିବାର ଲୋକେ ବାଜା ବଜାଇ ଏହି ବୟସ୍କ ଦମ୍ପତିଙ୍କର ଅନ୍ତିମ ଶୋଭାଯାତ୍ରା ବାହାର କରିଥିଲେ। ଗୋଟିଏ ଚିତାରେ ଦୁହିଁଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସୂରଜୀ କୋଠରୀ ଭିତରେ ଓ ଦଲୀପ ବାହାରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଉଭୟ ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ତାଙ୍କ ପୁଅ ପୁଲ ସିଂ କହିଛନ୍ତି।

## ଟ୍ରୁଡୋ- ପେରୀଙ୍କ ସିକ୍ରେଟ ଡିନର



ମଣ୍ଟ୍ରିଲ, ୩୦।୭(ଏଜେନ୍ସି): କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଓ ଆମେରିକାର ପ୍ରଖ୍ୟାତ୍ ପପ୍ ଗାୟିକା କେଟି ପେରୀଙ୍କୁ ନିକଟରେ ଏକାଠି ଡିନର କରୁଥିବା ଦେଖାଯାଇଛି। ଦୁହେଁ ସ୍ଥାନୀୟ ବାୟୋଲୋନ ରେଷ୍ଟୋରାଁରେ ଜୁଲାଇ ୨୮ରେ ଏକାଠି ଡିନର କରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦୁହେଁ ଏକାଠି ସାମ୍ନାସାମ୍ନି ହୋଇ ଗୋଟିଏ ଟେବୁଲରେ ବସିଥିବା ଦେଖାଯାଇଛି। ଦୁହେଁ ଡେଟିଂ କରୁଛନ୍ତି ଓ ରୋମାନ୍ସ କରିବା ନେଇ ଅନୁମାନ କରାଯାଉଛି। ଦୁହିଁଙ୍କ ସୁରକ୍ଷା ପାଇଁ ଏକାଧିକ ଗାର୍ଡ ନିୟୋଜିତ ଥିଲେ। ଦୀର୍ଘ ସମୟ ଧରି ରେଷ୍ଟୋରାଁର କୋଣରେ ବସି ବହୁ ସମୟ କଥା ହୋଇଥିଲେ। ପେରୀ ନିଜର ନୂଆ ଆଲବମ୍ ୧୪୩ର ପ୍ରମୋଶନ ପାଇଁ ଏବେ କାନାଡାରେ ଅଛନ୍ତି।

## ସାଉଦି ଆରବରେ ସମ୍ପତ୍ତି କିଣି ପାରିବେ ବିଦେଶୀ ନାଗରିକ

ରିୟାଦ, ୩୦।୭(ଏଜେନ୍ସି):ସାଉଦି ସରକାର ବିଦେଶୀ ନାଗରିକ ଓ କମ୍ପାନୀଗୁଡିକ ପାଇଁ ଓପନ୍ ରିୟଲ ଇଷ୍ଟେଟ୍ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏବେ ସାଉଦି ଆରବରେ ବିଦେଶୀ ନାଗରିକ ସମ୍ପତ୍ତି କ୍ରୟ କରିବା ନେଇ ବାଟ ସଫା ହୋଇଛି। ଏହି ନୂଆ ନିୟମ ୨୦୨୬ରୁ ଲାଗୁ ହେବ। ଏହା ଦ୍ୱାରା ବିଦେଶୀ ପୁଞ୍ଜିନିବେଶକାରୀ ରାଜଧାନୀ ରିୟାଦ ସମେତ ଜେଦ୍ଦା ଓ ଅନ୍ୟ ଅଞ୍ଚଳରେ ଜମି ତଥା ସମ୍ପତ୍ତି କ୍ରୟ କରିପାରିବେ। ଏହି ପଦକ୍ଷେପ ସାଉଦି ଆରବର ଭିଜନ ୨୦୩୦ର ଅଂଶବିଶେଷ। ତେଲ ଉପରେ ନିର୍ଭରତା କମ୍ କରିବାକୁ ଓ ଅର୍ଥବ୍ୟବସ୍ଥାରେ ବିଭିଧତା ଆଣିବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି କୁହାଯାଇଛି। ସାଉଦି କ୍ୟାବିନେଟ ଏହି ନୂଆ ନିୟମକୁ ମଞ୍ଜୁରୀ ଦେଇଛି। ଏହା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ବୃଦ୍ଧି କରିବ ଓ ଏହା ଦ୍ୱାରା ସାଉଦିର ସହରଗୁଡିକ ଗ୍ଲୋବାଲ ଇନଭେଷ୍ଟର ସେଣ୍ଟରରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମ ଅନୁସାରେ ବିଦେଶୀ ନିବେଶକ ୪୯ ପ୍ରତିଶତ ସେୟାର କ୍ରୟ କରିପାରିବେ।

### ଅଲକାଏଦା ମଡ୍ୟୁଲ୍‌ର ପର୍ଦ୍ଦାଫାସ୍

## ଶମା ପରବିନ୍ ଗିରଫ



ଅହମଦାବାଦ୍, ୩୦।୭ (ଏଜେନ୍ସି): ଗୁଜରାଟର ଆଣ୍ଟି ଟେରରିଜମ ସ୍କ୍ୱାଡ (ଏଟିଏସ୍) ବେଙ୍ଗାଲୁରୁର ହେବଲ ଅଞ୍ଚଳରୁ ଶମା ପରବିନ ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ଅଲକାଏଦା ସହ ଜଡିତ ଏକ ଅନ୍ତର୍ଦେଶୀୟ ଆତଙ୍କୀ ମଡ୍ୟୁଲର ଶମା ଅଂଶବିଶେଷ ବୋଲି ଏଟିଏସ୍ ତରଫରୁ କୁହାଯାଉଛି। ତାଙ୍କୁ ଜୁଲାଇ ୨୯ରେ ଗିରଫ କରାଯାଇଛି। ୩୦ ବର୍ଷୀୟା ସମା ସୋସିଆଲ ମିଡିଆ ଜରିଆରେ ଅଲକାଏଦା ସହିତ ସମ୍ପର୍କ ରଖିଥିଲେ। ସୋସିଆଲ ମିଡଆ ମାଧ୍ୟମରେ ସେ ଯୁବକମାନଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିବାର ଦାୟିତ୍ୱରେ ଥିଲା। ଏବେ ତାଙ୍କୁ ପଚରାଉଚରା କରାଯାଉଛି। ଏହି ନେଟୱର୍କ ସହିତ ଜଡିତ ଅନ୍ୟ ଆତଙ୍କୀଙ୍କୁ ମଧ୍ୟ ଚିହ୍ନଟ କରିବା ସହଜ ହେବ। ଗତ ୨୩ ତାରିଖରେ ଗୁଜରାଟ ଏଟିଏସ୍ ନୋଏଡା, ଦିଲ୍ଲୀ, ୟୁପି ଓ ଗୁଜରାଟରୁ ୪ ଜଣ ଆତଙ୍କୀଙ୍କୁ ମଧ୍ୟ ଗିରଫ କରିଥିଲା।

## ୨ ଆତଙ୍କବାଦୀ ନିହତ

ପୁଞ୍ଚ, ୩୦।୭ (ଏଜେନ୍ସି): ଜମ୍ମୁ-କଶ୍ମୀର ପୁଞ୍ଚର ଏଲଓସିରେ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ୨ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ସୀମାର ଦେଗୱାର ସେକ୍ଟର ଅନ୍ତର୍ଗତ ମାଲଦିବଲନ ଅଞ୍ଚଳରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଏହା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ 'ଅପରେସନ ଶିବଶକ୍ତି' ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ନିକଟରୁ ୩ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ଗତ ତିନି ଦିନରେ ଦ୍ୱିତୀୟ ଏନକାଉଣ୍ଟର ହୋଇଛି।

## ୧୨ରୁ ଅଧିକ ଦେଶ ଉପରେ ରୁଷ୍ ଭୂକମ୍ପର ପ୍ରଭାବ



ମସ୍କୋ, ୩୦।୭ (ଏଜେନ୍ସି): ରୁଷ୍ ଭୂକମ୍ପକୁ ନେଇ ବିଶ୍ୱ ଥରି ଉଠିଛି। ୧୨ରୁ ଅଧିକ ଦେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଭୂକମ୍ପ ପରେ ରୁଷ୍, ଜାପାନ, ଆମେରିକା (ହୱାଇ ଓ ଆଲାସ୍କା), କାନାଡ଼ା (ବ୍ରିଟିଶ କଲମ୍ବିଆ), ନ୍ୟୁଜିଲାଣ୍ଡ, ଚୀନ୍, ଇଣ୍ଡୋନେସିଆ, ତାଇୱାନ, ଫିଲିପିନ୍ସ, ପେରୁ, ମେକ୍ସିକୋ ଏବଂ ଇକ୍ୱେଡର ଭଳି ଦେଶରେ ସୁନାମୀ ଚେତାବନୀ ଜାରି କରାଯାଇଛି। ଜାପାନର ହୋକ୍କାଇଡୋ ଦ୍ୱୀପର ନେମୁରୋ ଉପକୂଳରେ ପ୍ରାୟ ୩୦ ସେମି ଉଚ୍ଚର ଲହରୀ ମାଡ଼ ହୋଇଛି। ସେହିପରି ରୁଷ୍‌ର କୁରିଲ ଦ୍ୱୀପ ପୁଞ୍ଜରେ ପ୍ରଥମ ଲହରୀ ପହଞ୍ଚିଥିବା ଜଣାପଡ଼ିଛି। ଜାପାନ ଉପକୂଳରୁ ୨୦ ଲକ୍ଷ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଫୁକୁସିମା ପରମାଣୁ କେନ୍ଦ୍ରକୁ ମଧ୍ୟ ଜାପାନ ଖାଲି କରିଦେଇଛି। ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗ ପ୍ରାଧ୍ୟାପକ ପବନ କୁମାର ଯୋଶୀଙ୍କ ଅନୁଯାୟୀ ରୁଷ୍‌ରେ ଏକ ନର୍ଥ ଆମେରିକା ଏବଂ ନର୍ଥ ପ୍ୱେସିଫିକ ପ୍ଲେଟ୍ ରହିଛି। ଉଭୟ ପ୍ଲେଟ ଭୂପୃଷ୍ଠ ତଳେ ଏବଂ ସମୁଦ୍ର ତଳେ ପରସ୍ପର ସହ ଧକ୍କା ହୋଇଛି। ଏଥିଯୋଗୁଁ ରୁଷ୍‌ରେ ୮.୮ ତୀବ୍ରତାର ଭୂକମ୍ପ ଆସିଲା ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଭୂକମ୍ପର ପୂର୍ବାନୁମାନ ହୋଇପାରି ନାହିଁ। କିନ୍ତୁ ଏ ଦିଗରେ ଗବେଷଣା ଜାରି ରହିଛି।

## ଜାପାନ ଉପକୂଳକୁ ପଳାଇ ଆସିଲେ ଅନେକ ତିମି



ଟୋକିଓ, ୩୦।୭ (ଏଜେନ୍ସି): ରୁଷ୍‌ର କାମଚଟ୍‌କା ଉପଦ୍ୱୀପରେ ବୁଧବାର ସକାଳେ ଆସିଥିବା ୮.୮ ତୀବ୍ରତାର ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଭୂପୃଷ୍ଠରୁ ୧୯.୩ କିମି ତଳେ ଏହାର କେନ୍ଦ୍ରସ୍ଥଳ ରହିଛି। ଭାରତୀୟ ସମୟ ପ୍ରାୟ ୪.୫୪ରେ ଏହି ଝଟ୍‌କା ଅନୁଭୂତ ହୋଇଥିଲା। ଏହା ପରେ ୬.୯ ତୀବ୍ରତାର ଅନେକ ଝଟ୍‌କା ଲାଗିଥିଲା। ଲୋକେ ଭୟରେ ଘରଦ୍ୱାର ଛାଡ଼ି ବାହାରକୁ ପଳାଇ ଆସିଥିଲେ। ଛାତରୁ ଅବଶେଷ ତଳେ ପଡ଼ି ଯାଇଥିଲା। ଅନେକ ଘର ଦୋହଲିବାରେ ଲାଗିଥିଲା। କିଛି ଘରର ଛାତ ଖସି ପଡ଼ିଥିଲା। କିଛି ସ୍କୁଲ୍ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟରେ କାମଚ୍‌ଟାର ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ଚାଲିଥିଲା। ଭୂକମ୍ପ ସତ୍ତ୍ୱେ ଡାକ୍ତର ଏହାକୁ ଅଟକାଇ ନ ଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭୂକମ୍ପର କିଛି ସମୟ ପରେ ୫ ମିଟର ଉଚ୍ଚର ଲହରୀ ଆସି କାମଚଟ୍‌କା ଉପକୂଳରେ ମାଡ଼ ହୋଇଥିଲା। ଭୂକମ୍ପ ଏବଂ ଏହା ପରେ ଆସିଥିବା ସୁନାମୀର କିଛି ଘଣ୍ଟା ପରେ ଅନେକ ତିମି ଭାସି ଆସି ଜାପାନ ଉପକୂଳରେ ଲାଗିଥିଲେ। ଏହାକୁ ଦେଖି ସାମୁଦ୍ରିକ ଜୀବଙ୍କ ଉପରେ ସୁନାମୀର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଚିନ୍ତା ବୃଦ୍ଧି ପାଇଛି।

# ସରିଲା 'ସିନ୍ଦୂର' ଆଲୋଚନା

**ରାଜ୍ୟସଭାରେ ସରକାର-ବିରୋଧୀ ମୁହାଁମୁହିଁ**

**ଆଲୋଚନାର ଉତ୍ତର ଦେଲେ ଅମିତ ଶାହ**

**କକ୍ଷତ୍ୟାଗ କଲେ ବିରୋଧୀ ଦଳ**

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଜି ରାଜ୍ୟସଭାରେ ଆଲୋଚନା ଚାଲିଥିବା ବେଳେ ସରକାର ଓ ବିରୋଧୀ ଦଳ ପୁଣି ମୁହାଁମୁହିଁ ହୋଇଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ଆତଙ୍କବାଦ ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଅଲୋଚନାର ଉତ୍ତର ଦେଇ ଶାହ କହିଲେ ଯେ ଆତଙ୍କବାଦ ସଂପର୍କରେ କହିବା ଲାଗି କଂଗ୍ରେସର କୌଣସି ଅଧିକାର ନାହିଁ। କାରଣ କଂଗ୍ରେସ ସରକାର ବେଳେ ଭୋଟ ବ୍ୟାଙ୍କ ରାଜନୀତି ଯୋଗୁଁ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଆତଙ୍କବାଦର ମୂଳପୋଛ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପରେସନ ସିନ୍ଦୂର ସଂପର୍କରେ ସେ କହିଲେ ଯେ ଅସ୍ତ୍ରବିରତି ପାଇଁ କୌଣସି ଦେଶ ଭାରତ ଉପରେ ଚାପ ପକାଇ ନ ଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଭୀଷଣ କ୍ଷତି ହେବାରୁ ଆକ୍ରମଣ ବନ୍ଦ କରିବା ଲାଗି ପାକିସ୍ତାନର ସେନା ଅଧିକାରୀ ଭାରତ ନିକଟରେ ନେହୁରା ହୋଇଥିଲେ। ଏହାପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଅଟକାଇଥିଲା। ପାକିସ୍ତାନର ୧୧ଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯିବା ପରେ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଯାଇଥିଲା।

ଅମିତ ଶାହ ଆଲୋଚନାର ଉତ୍ତର ଦେଉଥିବା ବେଳେ ସମଗ୍ର ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲା। ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁପସ୍ଥିତିର ବିରୋଧ କରି ସେମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଅଂଶ ଗ୍ରହଣ କରି ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ବିରୋଧୀଙ୍କ ଉପରେ ପ୍ରହାର କରିଥିଲେ। ଜୟଶଙ୍କର କହିଥିଲେ ଯେ ପହଲଗାମରେ ଆକ୍ରମଣ କରି ଆତଙ୍କବାଦୀମାନେ ଲକ୍ଷ୍ମଣ ରେଖା ଅତିକ୍ରମ କରିଥିଲେ। ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛି। ସେହିଭଳି ନଡ୍ଡା କହିଥିଲେ ଯେ ୟୁପିଏ ଶାସନ କାଳରେ ଆତଙ୍କବାଦ ଏବଂ ଆତଙ୍କବାଦର ଜନ୍ମଦାତା ପାକିସ୍ତାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ୟୁପିଏ ସରକାର କଠୋର ହୋଇଥିଲେ ଆତଙ୍କବାଦ ଆଜି ଏତେ ଦୂରକୁ ଆସି ପାରିନଥାଆନ୍ତା। ଏହାପୂର୍ବରୁ ବିରୋଧୀ ଦଳର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ ଅପରେସନ ସିନ୍ଦୂର କାହା ଚାପରେ ବନ୍ଦ କରାଯାଇଥିଲା? କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ପ୍ରଶ୍ନ କରିଥିଲେ ଯେ ପ୍ରଧାନମନ୍ତ୍ରୀ ପହଲଗାମ ଆକ୍ରମଣର ଶିକାର ପରିବାରକୁ କାହିଁକି ଭେଟୁ ନାହାନ୍ତି। ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଆତଙ୍କବାଦ ମୁକାବିଲାରେ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ନାମ ଅପରେସନ ସିନ୍ଦୂର କାହିଁକି ରଖାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

## ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): କ୍ୟାସ ମାମଲାରେ ସୁପ୍ରିମକୋର୍ଟ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରି ରାୟ ସୁରକ୍ଷିତ ରଖିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କୁ କୋର୍ଟ ଭର୍ତ୍ସନା କରିଛନ୍ତି। ତାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ବ୍ୟବହାରକୁ ଭରସା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଯଦି ଯାଞ୍ଚ କମିଟିର ପ୍ରକ୍ରିୟା ନେଇ ତାଙ୍କର ବିରୋଧ ଥିଲା, ତେବେ ସେତେବେଳେ କାହିଁକି ସେ ଚ୍ୟାଲେଞ୍ଜ କରି ନ ଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିହଙ୍କ ଖଣ୍ଡପୀଠ ବର୍ମାଙ୍କୁ ପ୍ରଥମେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଉଚିତ ଥିଲା ବୋଲି କହିଛନ୍ତି। ଯାଞ୍ଚ କମିଟି ତାଙ୍କୁ ଦୋଷୀ ବୋଲି ଜାଣିବା ପରେ ସେ ସୁପ୍ରିମକୋର୍ଟ ଆସିବା ଠିକ୍ ନୁହଁ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖିଥିଲେ। ସଂସଦରେ ମହାଭିଯୋଗ ଏକ ପ୍ରକ୍ରିୟା ବୋଲି ସେ କହିଥିଲେ ଓ ମହାଭିଯୋଗ ପାଇଁ କରାଯାଇଥିବା ସୁପାରିସ ଠିକ୍ ନୁହଁ ବୋଲି ଉଲ୍ଲେଖ କରିଥିଲେ। ଇନ୍ ହାଉସ କମିଟି ରିପୋର୍ଟ ଓ ମହାଭିଯୋଗ ନେଇ କରାଯାଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ରିପୋର୍ଟରେ ଘରୁ ଅଧାଜଳା ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି କୁହାଯାଇଥିଲା। ପୂର୍ବରୁ ଜଷ୍ଟିସ ବର୍ମାଙ୍କ ଆବେଦନ ନେଇ ଦୁଇଥର ଜୁଲାଇ ୨୩ ଓ ୨୮ରେ ଶୁଣାଣି ହୋଇସାରିଛି। ଘରୁ ନୋଟ ମିଳିଥିଲେ ମଧ୍ୟ ଏହା ମୋର ବୋଲି ପ୍ରମାଣିତ ହେଉ ନଥିବା କଥା ଜଷ୍ଟିସ ବର୍ମା ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି।

**ନ୍ୟାୟପାଳିକା ମୋତେ ନିରାଶ କଲା**

# ମହିଳା ବିଚାରପତିଙ୍କ ଇସ୍ତଫା

**ମୁଖ୍ୟ ବିଚାରପତିଙ୍କୁ ଲେଖିଲେ ଚିଠି**

**ଯିଏ ଅଭିଯୁକ୍ତ ତାଙ୍କୁ କଲେ ହାଇକୋର୍ଟ ବିଚାରପତି**

**ନ୍ୟାୟ ନିରବୀ ଯାଇଛି**



ଜବଲପୁର, ୩୦।୭ (ଏଜେନ୍ସି): ମଧ୍ୟପ୍ରଦେଶ ସହଡୋଲର ଜଣେ ମହିଳା ସିଭିଲ ଜଜ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଯେଉଁ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ ତାଙ୍କୁ ହାଇକୋର୍ଟ ବିଚାରପତି ନିଯୁକ୍ତିକୁ ବିରୋଧ କରି ମହିଳା ବିଚାରପତି ଅଦିତି କୁମାର ଶର୍ମା ଏହି ପଦକ୍ଷେପ ନେଇଛନ୍ତି। ସେ ଗତ ୨୮ ତାରିଖରେ ଏ ନେଇ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏଥିରେ ନ୍ୟାୟପାଳିକା ମୋତେ ନିରାଶ କଲା ବୋଲି କହିଛନ୍ତି। ପ୍ରତିଷ୍ଠାନକୁ ସେ ନୁହେଁ, ବରଂ ପ୍ରତିଷ୍ଠାନ ତାଙ୍କୁ ବିଫଳ କରିଦେଲା ବୋଲି ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ ମହିଳା ଯାହା ବିରୋଧରେ ଅଭିଯୋଗ ଲଗାଇ ଥିଲେ ସେହି ବିଚାରପତି ରାଜେଶ କୁମାର ଗୁପ୍ତାଙ୍କୁ ନିକଟରେ ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ନିଯୁକ୍ତ କରାଯାଇଛି। କେନ୍ଦ୍ର ମଧ୍ୟ ଏହାକୁ ମଞ୍ଜୁରୀ ଦେଇଛନ୍ତି। ତେବେ ସେ ଏ ପର୍ଯ୍ୟନ୍ତ ଶପଥ ଗ୍ରହଣ କରିନାହାନ୍ତି। ମହିଳା ବିଚାରପତି ନିଜ ଇସ୍ତଫାକୁ ବିରୋଧର ପ୍ରତୀକ ଦର୍ଶାଇଛନ୍ତି। ମହିଳା ନିଜକୁ ଜଣେ ବିଚାରପତି ଭାବରେ ପରିଚୟ ଦେଇ କହିଛନ୍ତି ଯେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ କହିବାକୁ ସାହସ କରିଥିଲେ। ଏହି ବ୍ୟକ୍ତି କ୍ଷମତାର ଅପବ୍ୟବହାର କରୁଥିଲେ। ତାଙ୍କୁ ବର୍ଷ ବର୍ଷ ଧରି ନିର୍ଯାତନା ଦେଉଥିଲେ। ସେ ନ୍ୟାୟ ପାଇଁ ପ୍ରତ୍ୟେକ ବୈଧ ପଥ ଅନୁସରଣ କରିଥିଲେ। ଯଦି ନ୍ୟାୟ ନ ମିଳି ତେବେ ମାମଲାରେ ଶୁଣାଣି ହେବ ବୋଲି ସେ ଆଶା ରଖିଥିଲେ। କିନ୍ତୁ ଏହା ବି ହୋଇ ନ ଥିଲା। ଯିଏ ଦୁଃଖ ଦେଇଥିଲା ତାଙ୍କୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଏହାର ପ୍ରତି ବଦଳରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସୁପାରିସ କରାଯାଇ ପଦୋନ୍ନତି ମଧ୍ୟ ଦିଆଯାଇଥିଲା। ସମନ ବଦଳରେ ଉଚ୍ଚ ପଦରେ ଅବସ୍ଥାପିତ କରି ଦିଆଯାଇଥିଲା। ନ୍ୟାୟକୁ ଅଣଦେଖା କରାଯାଇ ଏଭଳି ନିଷ୍ଠୁର ପଦକ୍ଷେପ ନିଆଯାଇଥିଲା

ମହିଳା ବିଚାରପତି ଦାବି କରିଛନ୍ତି ଯେ ସେ ପ୍ରମାଣ ସହିତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। କିନ୍ତୁ ମାମଲାର ତଦନ୍ତ କରାଗଲା ନାହିଁ, ନୋଟିସ ବି ଦିଆଗଲା ନାହିଁ। ଦୋଷ ଧାର୍ଯ୍ୟ କରିବା ତ ଦୂରର କଥା ମାମଲାକୁ ନେଇ ତାଙ୍କୁ କୌଣସି ସ୍ପଷ୍ଟୀକରଣ ମଧ୍ୟ ମଗାଗଲା ନାହିଁ। ସେ ବିଚାରପତି ହେବାକୁ ଯୋଗ୍ୟ ନୁହେଁ। ଏହା ଏକ ନିଷ୍ଠୁର ପରିହାସ ସହ ସମାନ। ସଚ୍ଚୋଟତାର ସହ ନ୍ୟାୟ ପାଇଁ ଲଢ଼ିଥିବା ଜଣେ ମହିଳା ବିଚାରପତିଙ୍କୁ ସେହି ବ୍ୟବସ୍ଥା ହିଁ ଭାଙ୍ଗି ଦେଲା। ଏହା ସାରା ଦିନ ପାଇଁ ରେକର୍ଡରେ ରହିବା ଉଚିତ। ନ୍ୟାୟ ଉପରୁ ବିଶ୍ୱାସ ହରାଇ ନୁହେଁ, ବରଂ ନ୍ୟାୟ ନିଜ ରାସ୍ତା ଭୁଲି ଯାଇଛି ବୋଲି ଇସ୍ତଫା ଦେଉଛି। ନ୍ୟାୟର ରକ୍ଷା ପାଇଁ ଶପଥ ନେଇଥିବା ବ୍ୟକ୍ତି ଆଜି ସେହି ସଂସ୍ଥାକୁ ଛାଡ଼ି ଯାଉଛି। ଆଜି ନ୍ୟାୟର ନିରବତାର ଫଳ ଭୋଗୁଛି ବୋଲି ମହିଳା କହିଛନ୍ତି। ସେ ୨୦୨୩ରେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟ କଲେଜିୟମକୁ ଚିଠି ଲେଖି ଉକ୍ତ ବିଚାରପତିଙ୍କ ପଦୋନ୍ନତି ରୋକିବାକୁ ନିବେଦନ କରିଥିଲେ। ଏହା ସହିତ ଦୁଇ ମହିଳା ନ୍ୟାୟିକ ଅଧିକାରୀ ସେହି ବିଚାରପତିଙ୍କ ବିରୋଧରେ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ବିନା ଯାଞ୍ଚରେ ଉକ୍ତ ବିଚାରପତିଙ୍କୁ ହାଇକୋର୍ଟରେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ୨୦୨୩ରେ ଉକ୍ତ ମହ ମହିଳା ବିଚାରପତିଙ୍କ ସମେତ ୬ ଜଣଙ୍କୁ ସେବାରୁ ବହିଷ୍କାର କରିଦିଆଯାଇଥିଲା। ପ୍ରଦର୍ଶନ ଭଲ ନ ଥିବା କୁହାଯାଇଥିଲା। ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ତାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ।

### ରାଜସ୍ଥାନ-ଏମ୍‌ପିରେ ବନ୍ୟାସ୍ଥିତି

## ୧୮ ଜିଲ୍ଲାରେ ସ୍କୁଲ ବନ୍ଦ



ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ବର୍ଷା ଜାରି ରହିଛି। ରାଜସ୍ଥାନରେ ବୁଧବାର ସବୁ ୬ ଜିଲ୍ଲାରେ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ବାକି ଜିଲ୍ଲାଗୁଡିକରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କରାଣରୁ ୧୪ଟି ଜିଲ୍ଲାରେ ସ୍କୁଲ ବନ୍ଦ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଭୋପାଳ, ନର୍ମଦାପୁରମ, ସିହୋର, ଅଶୋକନଗର ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଛି। ମଧ୍ୟପ୍ରଦେଶରେ ୩୦ରୁ ୩୫ ଲୋକ ବନ୍ୟାରେ ଫସି ରହିଛନ୍ତି ଓ ଉଦ୍ଧାର ପାଇଁ ଯବାନ କର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ବାଦଲ ଫଟା ବର୍ଷା ପାଇଁ ଗୋଟିଏ ପରିବାରର ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

### ସେନାଗାଡ଼ି ଉପରେ ଖସିଲା ପଥର

## ଲେଫ୍ଟନାଣ୍ଟ କର୍ଣ୍ଣେଲ, ଯବାନ ମୃତ

ଶ୍ରୀନଗର, ୩୦।୭(ଏଜେନ୍ସି): ଲଦାଖରେ ସେନାର ଏକ ଗାଡ଼ି ଉପରେ ବୁଧବାର ସକାଳେ ପଥର ଖସିବାରୁ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭାନୁ ପ୍ରତାପ ସିଂ ଓ ଲାନ୍ସ ଦଫାଦାର ଦଲଜିତ ସିଂ ପ୍ରାଣ ହରାଇଛନ୍ତି। ୩ ଜଣ ସେନା ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଡୋଙ୍ଗତାସରୁ ଲଦାଖ ଯିବା ମାର୍ଗରେ ଏହି ଅଘଟଣ ଘଟିଥିଲା। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ଗାନ୍ଦରବାଲର କୁଲ୍ଲାନରେ ପ୍ରବଳ ବର୍ଷା ଯୋଗୁଁ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ସିନ୍ଧ୍ ନଦୀକୁ ଖସି ପଡ଼ିଛି। ବସ୍‌ରେ ଯାତ୍ରା କରୁଥିବା ସବୁ ଯବାନଙ୍କୁ ଉଦ୍ଧାର କରାଯାଇଛି।

# ଡିଜିସିଏ ଅଡିଟ୍‌ରେ ଏୟାର ଇଣ୍ଡିଆର ୧୦୦ ତ୍ରୁଟି




ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): ବିମାନର ସୁରକ୍ଷା ସଂକ୍ରାନ୍ତରେ ଦେଖାଶୁଣା କରୁଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆର ବହୁ ସଂଖ୍ୟରେ ତ୍ରୁଟିକୁ ଚିହ୍ନଟ କରିଛି। ଡିଜିସିଏର ଅଡିଟ୍ ପରେ ପାଖାପାଖି ୧୦୦ଟି ତ୍ରୁଟିକୁ ଡିଜିସିଏ ସାମ୍ନାକୁ ଆଣିଛି। ଏଗୁଡିକ ମଧ୍ୟରୁ ପାଇଲଟ ଓ କେବିନ କ୍ରୁମାନଙ୍କର ଟ୍ରେନିଂ, ସେମାନଙ୍କ ବିଶ୍ରାମ ଓ ଡ୍ୟୁଟିର ନିୟମ, ଉଡ଼ାଣ ଓ ଅବତରଣ ସମ୍ପର୍କିତ ମାନ ହେଉଛି ମୁଖ୍ୟ। କିନ୍ତୁ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ତ୍ରୁଟିର ସଂଖ୍ୟା ୫୧ ବୋଲି ଜଣା ଯାଇଛି। ଏଗୁଡିକ ମଧ୍ୟରୁ ୭ଟି ତ୍ରୁଟି ଲେବଲ-୧ର। ଏହାକୁ ସବୁଠାରୁ ଗମ୍ଭୀର ବୋଲି କୁହାଯାଇଛି। ଏହାକୁ ବୁଧବାର ସୁଦ୍ଧା ଠିକ୍ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି। କିନ୍ତୁ ଏହି ତ୍ରୁଟିଗୁଡିକୁ ସାର୍ବଜନୀନ କରାଯାଇନାହିଁ। ଏୟାର ଇଣ୍ଡିଆ ମଧ୍ୟ ଏହି ଅଡିଟ୍‌ର ଫଳାଫଳକୁ ସ୍ୱୀକାର କରିଛି ଓ ନିର୍ଦ୍ଧାରିତ ସମୟ ସୁଦ୍ଧା ଡିଜିସିଏକୁ ଜବାବ ଦେବ ବୋଲି କହିଛି।

ପୂର୍ବରୁ ଡିଜିସିଏ ଜୁଲାଇ ୨୩ରେ ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। କେବିନ କ୍ରୁମାନଙ୍କର ବିଶ୍ରାମ ଓ ଡ୍ୟୁଟି ନିୟମ, ଟ୍ରେନିଂ ନିୟମ ଓ ଅପରେସନ ପ୍ରସିଜିଅର ଉଲ୍ଲଙ୍ଘନକୁ ନେଇ ଏହି ନୋଟିସ ଜାରି କରାଯାଇଥିଲା। ଗୁରଗ୍ରାମ୍‌ରେ ଏୟାର ଇଣ୍ଡିଆର ମୁଖ୍ୟ ସେଣ୍ଟରରେ ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ଡିଜିସିଏ ତରଫରୁ ଏହି ବଡ଼ ଧରଣର ଅଡିଟ୍ ହୋଇଥିଲା। ଡିଜିସିଏ ମଧ୍ୟ ମାର୍ଚ୍ଚରେ ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ଭର୍ତ୍ସନା କରିଥିଲା।

ଉଲ୍ଲେଖଥାଉ କି, ଅହମଦାବାଦରେ ଜୁଲାଇ ୧୨ରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଟେକ୍ ଅଫ୍ କରିବାର କିଛି ସେକେଣ୍ଡ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା ପରେ ଏୟାର ଇଣ୍ଡିଆ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ ମୋଟ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୬୮ ଜଣ ଆହତ ହୋଇଥିଲେ। ଏହି ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିଲା।

# ମାଛଗାଁ କେନାଲ ବନ୍ଧରେ ୧୦ ଫୁଟର ଘାଇ

## ୫-୫ନଂ ଜାତୀୟ ରାଜପଥରେ ଆଣ୍ଠୁଏ ପାଣି



ଜଗତସିଂହପୁର/ରଘୁନାଥପୁର, ୩୦।୭ (ସମିସ): ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ବନ୍ଧରେ ଆଜି ଅପରାହ୍ନରେ ୧୦ ଫୁଟର ଘାଇ ହେବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପାଣିର ସୁଅ ପ୍ରବଳ ଥିବାରୁ ତରିକୁନ୍ଦ ପଞ୍ଚାୟତ ଅଫିସ ଗୃହ ଓ ପୁଲିସ ଫାଣ୍ଡି ପରିସରରେ ପାଣି ପଶିବା ସହିତ ଜାତୀୟ ରାଜପଥ ୫୫ ଉପରେ ଦୁଇ ଫୁଟର ପାଣି ଚାଲିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଆଜି ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗିଯିବାରୁ ଅନେକ ଘର ଜଳବନ୍ଦୀ ହୋଇଥିବାବେଳେ ବହୁ ଦୋକାନରେ ପାଣି ପସିଯାଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ତରିକୁନ୍ଦ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୨୩ ଜୁଲାଇ ମାସରେ ମଧ୍ୟ ଏହି ସ୍ଥାନରେ ଓ ଦଳେଇଘାଇ ନିକଟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଜଳସେଚନ ବିଭାଗର ଦାୟିତ୍ୱହୀନତା, କେନାଲ ସଫେଇ ନାମରେ ଜେସିବି ଲଗାଇ ମାଟି ତାଡ଼ିଦେବା ଓ ଦୁର୍ବଳ କେନାଲ ବନ୍ଧରେ ଗାର୍ଡୱାଲ କରା ନ ଯିବାରୁ ମାଛଗାଁ କେନାଲ କୂଳରେ ଥିବା ତରିକୁନ୍ଦ ବଜାର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ବନ୍ଧ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଚଳିତ ବର୍ଷ ବିଳମ୍ବରେ ଅର୍ଥାତ ଗତ ୨୪ ତାରିଖରେ ମାଛଗାଁ ମୁଖ୍ୟ କେନାଲ ଓ ଶାଖା କେନାଲରେ ପାଣି ଛଡ଼ାଯାଇଛି। ପୂର୍ବରୁ ଏହି ସ୍ଥାନରେ ଘାଇ ହୋଇଥିବାରୁ ଜଳସେଚନ ବିଭାଗ ଯନ୍ତ୍ରୀ ପାଣି ଆସିବା ପୂର୍ବରୁ କେନାଲ ବନ୍ଧ ସଠିକ୍ ଭାବେ ତଦାରଖ ନ କରି ମନମୁଖୀ ଭାବେ ଭରାପାଣି ଛାଡି ଦେବାରୁ ତରିକୁନ୍ଦଠାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

# ସମ୍ପତ୍ତିରେ ଭାଗିଦାରି
# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୩୦।୭ (ସମିସ): ଭାଗିଦାରିରେ ସମ୍ପତ୍ତି ଠୁଳ କରିବା ସରକାରୀ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଆୟ ବହିର୍ଭୂତ ମାମଲାର ତଦନ୍ତ କରୁଥିବା ବେଳେ ଆଉଜଣେ ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ। ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଟିମ୍ ଗତକାଲି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା। ଶ୍ରୀ ଜେନା ଓ ତାଙ୍କ ସଂପର୍କୀୟଙ୍କ ନାମରେ ଥିବା କୋଠା, ଦୁଇଟି ଫ୍ଲାଟ୍, ଦୁଇଟି ମଲ୍‌ରେ ଦୋକାନ ଘର, ଭୁବନେଶ୍ୱର, ନୟାଗଡ଼ ଓ ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍ ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା।



ତଦନ୍ତ ବେଳେ ସାଙ୍ଘାତିକ ସତ ପଦାକୁ ଆସିଥିଲା। ରାଜକିଶୋର ଜେନା ଓ ସେହି ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ନିଜ ନିଜ ପତ୍ନୀଙ୍କ ନାମରେ ମିଳିତ ଭାବେ କସ୍‌ମୋପଲିସରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଆଉ ସେହି ଫ୍ଲାଟରେ ହିଁ ଅଶୋକ କୁମାର ପଣ୍ଡା ପରିବାର ସହ ରହୁଛନ୍ତି। କେବଳ ଗୋଟିଏ ନୁହଁ; ଏକାଧିକ ସମ୍ପତ୍ତି ଉଭୟଙ୍କ ଯୁଗ୍ମ ମାଲିକାନାରେ ରହିଥିବାବେଳେ ଟଙ୍କା ଦେଣନେଣ ସାମ୍ନାକୁ ଆସିଥିଲା। ଭାଗିଦାରିରେ ସମ୍ପତ୍ତି ଠାବ ହେବାପରେ ଶ୍ରୀ ପଣ୍ଡା ଭିଜିଲାନ୍ସ ସ୍କାନରକୁ ଆପେ ଆସି ଯାଇଥିଲେ। ଗତକାଲି ଭିଜିଲାନ୍ସର ଏକ ଟିମ୍ ଉକ୍ତ ଫ୍ଲାଟରେ ଚଢ଼ଉ କରିବାବେଳେ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଶ୍ରୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ରହିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢ଼ଉ ସାରି ରାତିରେ କସ୍‌ମୋପଲିସ୍ ସ୍ଥିତ ଫ୍ଲାଟକୁ ସିଲ୍ କରିବାବେଳେ ଶ୍ରୀ ପଣ୍ଡା ବାହାର ପଟୁ ତାଲା ପକାଇ ପରିବାର ସହ ଫ୍ଲାଟ୍ ଭିତରେ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲେ। ଫ୍ଲାଟ୍ ସିଲ୍ ହେଉଥିବା ଜାଣିପାରି ଶ୍ରୀ ପଣ୍ଡା ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ। ଘରେ ଲୁଚିଥିବା ସମୟରେ ଶ୍ରୀ ପଣ୍ଡା ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ଝରକା ପଟେ ବାହାରକୁ ଫୋପାଡ଼ିଥିଲେ। ଆଜି ସକାଳୁ ଉକ୍ତ ବ୍ୟାଗକୁ ଭିଜିଲାନ୍ସ ଜବତ କରିଥିଲା। ବ୍ୟାଗ୍ ଭିତରୁ ୧ ଲକ୍ଷ ଟଙ୍କା, ୬୦ ଗ୍ରାମ ଓଜନର ସୁନାଗହଣା, ୧୦ ଗ୍ରାମର ରୁପା କଏନ, ଜମି ପଟ୍ଟା, ମୋବାଇଲ ଫୋନ, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

**■ ବାହାରୁ ତାଲା ପକାଇ ସପରିବାର ଘରେ ଲୁଚିଥିଲେ**
**■ ଚଢ଼ଉ ବେଳେ ଝରକା ପଟେ ଫୋପାଡ଼ିଲେ ଟଙ୍କା ବ୍ୟାଗ୍**
**■ ଠାବ ହେଲାଣି ୨ କୋଠା, ୨ ଦୋକାନ ଘର ଓ ଗୋଟିଏ ଫ୍ଲାଟ୍**

ଅଶୋକ କୁମାର ପଣ୍ଡା ୨୦୦୭ ଏପ୍ରିଲ ମାସରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ୨୦୧୩ ଏପ୍ରିଲ ବେଳକୁ ତାଙ୍କ ଚାକିରି କନିଷ୍ଠ ଯନ୍ତ୍ରୀ (ସିଭିଲ) ନିୟମିତ ହୋଇ ଯାଇଥିଲା। ୨୦୧୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ଭୁବନେଶ୍ୱର ରୁରାଲ ୱାର୍କ ଡିଭିଜନ, ସମ୍ବଲପୁର ଗୁଣବତ୍ତା ନିୟନ୍ତ୍ରଣ ଡିଭିଜନ, ଖୋର୍ଦ୍ଧା ରାସ୍ତା ଓ କୋଠାବାଡ଼ି ଡିଭିଜନ, ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୦ ଡିସେମ୍ବର ମାସରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପରେ ମଧ୍ୟ ସେହି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ୧୮ ବର୍ଷର ଚାକିରି କାଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସେ ଭୁବନେଶ୍ୱରରେ ବିତାଇଛନ୍ତି।

ଏତେ ସବୁ ଜବତ କରିବା ପରେ ବିଭିନ୍ନ ଶ୍ରୀ ପଣ୍ଡା ଓ ତାଙ୍କ ପରିବାରର ବେଆଇନ ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଡୁମୁଡୁମା ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ କୋଠା, କମମୋପଲିସ୍ ଆପାର୍ଟମେଣ୍ଟରେ ୪ ବିଏଚକେ ଫ୍ଲାଟ୍, ଭୁବନେଶ୍ୱରରେ ୮ଟି ପ୍ଲଟ୍, ପୁରୀରେ ଗୋଟିଏ ପ୍ଲଟ୍, ୧୨୫ ଗ୍ରାମ ଓଜନର ସୁନାଗହଣା, ୧୧୭ ଗ୍ରାମ ଓଜନର ରୁପା ଅଳଙ୍କାର, ୩୮ ଲକ୍ଷ ବ୍ୟାଙ୍କ ତଥା ପୋଷ୍ଟାଲ ଜମା, ଗୋଟିଏ କାର, ଉତ୍କଳ କନିକା ଗ୍ୟାଲେରିଆର ୨ଟି ଓ ସିମ୍ଫନୀ ମଲରେ ଗୋଟିଏ ଦୋକାନଘର ଠାବ ହୋଇଥିବା ବେଳେ ଘରୋଇ ଆସବାବପତ୍ରର ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି।

## ଜେଲ୍ ଗଲେ ରାଜକିଶୋର

ଭୁବନେଶ୍ୱର,୩୦।୭ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ- ୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ରାଜକିଶୋରଙ୍କ ଘରେ ଚଢ଼ଉ କରିଥିଲା। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫନୀ ମଲ୍‌ରେ ୨ଟି ବାଣିଜ୍ୟିକ ଆଉଟ୍‌ଲେଟ୍ (ଦୋକାନଘର), ୭୫ ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହିତ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ରାଜକିଶୋର ତାଙ୍କ ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ସେନେଇ ରାଜକିଶୋର କୌଣସି ସନ୍ତୋଷଜନକ ହିସାବ ଦେଇ ପାରି ନ ଥିଲେ। ରାଜକିଶୋରଙ୍କ ଜବତ ହୋଇଥିବା ସମ୍ପତି ତାଙ୍କ ଆୟଠାରୁ ୩୧୭% ଅଧିକ ବୋଲି ଭିଜିଲାନ୍ସ କହିଛି।

# ଧର୍ମଶାଳା ବିଧାୟକଙ୍କ ବିରୋଧରେ ଅସଦାଚାରଣ ଅଭିଯୋଗ

ଯାଜପୁର,୩୦।୭ (ସମିସ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଅନ୍ୟକେହି ନୁହନ୍ତି, ଏହି ଅଭିଯୋଗ ଆଣିଛନ୍ତି ରାଜ୍ୟ ବିଜେପି



**ଥାନାରେ ଏତଲା ଦେଲେ ବିଜେପି ନେତାଙ୍କ ପତ୍ନୀ**

ସଂଖ୍ୟାଲଘୁ ସେଲ୍‌ର ଜଣେ ନେତାଙ୍କ ପତ୍ନୀ। ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କୁ ଅସଦାଚରଣ କରିଥିବା ସଂକ୍ରାନ୍ତରେ ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତି ସିକନ୍ଦର ଅଲ୍ଲୀଙ୍କ ପତ୍ନୀ ଦିଲଜୋଏ ଆଲାମ ଥାନାରେ ଏତଲା ଦେବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି।

ଅଭିଯୋଗ ମୁତାବକ ଗତ ୧୮ ତାରିଖରେ ସିକନ୍ଦର ବ୍ୟବସାୟିକ କାର୍ଯ୍ୟରେ ରାହାଡ଼ପୁର ପଥର ଖାଦାନ ଅଞ୍ଚଳକୁ ଯାଇଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ କେତେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ସେହି ବ୍ୟକ୍ତିମାନେ ସିକନ୍ଦରଙ୍କ ମୋବାଇଲ ଛଡ଼ାଇ ନେବା ସହ ସେଠାରୁ ତଡ଼ି ଦେଇଥିଲେ। ଏ ସଂପର୍କରେ ଖବର ପାଇଁ ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଓ ଝିଅ ପଥରଖାଦାନ ବାହାରିଥିଲେ। ବାଟରେ ତେଲର ଗାଁ ନିକଟ ରେଲୱେ ଲେଭଲ କ୍ରସିଂ ନିକଟରେ ଧର୍ମଶାଳା ବିଧାୟକଙ୍କ ସହିତ ମୁହାଁମୁହିଁ ହୋଇଥିଲା। ସେଠାରେ ବିଧାୟକ ସେମାନଙ୍କୁ ଅସଭ୍ୟ ଭାଷାରେ ଧର୍ମକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ତାଙ୍କ ଗାଡ଼ି ଭିତରକୁ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସିକନ୍ଦର ଜେନାପୁର ଥାନାରେ ତାଙ୍କୁ ଆକ୍ରମଣ କରିଥିବା ଗୁଣ୍ଡାମାନଙ୍କ ବିରୋଧରେ ଏତଲା ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବରୁ ହୋଇଥିବା ଏତଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନଃ ଆଜି ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଆଲାମ ଉଭୟ ଜେନାପୁର ଓ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ଏହି ଘଟଣା ପର ଠାରୁ ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ବିବାଦର ସମାଧାନ କରିବା ପାଇଁ ଦଳୀୟ ଫୋରମରେ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳ ହେବା ପରେ ଏହି ସମ୍ମୁଖ ଯୁଦ୍ଧ ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପଟେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ସାହୁ। ଅଭିଯୋଗ କରିବାର ଅଧିକାର ସମସ୍ତଙ୍କର ଅଛି; ପୁଲିସ ତାର ତଦନ୍ତ କରିବ ବୋଲି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଇବ୍ ନଦୀରେ ୨ ନିଖୋଜ

ବାଲିଶଙ୍କରା,୩୦।୭ (ସମିସ): ବାଲିଶଙ୍କରା ବ୍ଲକ୍‌ର ପିକ୍‌ନିକ୍ ସ୍ପଟ କନାକୁଣ୍ଡକୁ ବୁଲିବାକୁ ଆସିଥିବା ୨ ଯୁବକ ଇବ୍ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦୁଇ ଜଣ ହେଲେ ଜୟନାରାୟଣ ପାତ୍ର (୧୮) ଓ ରୋଶନ ପାଶୱାନ (୧୯)। ସୂଚନାନୁଯାୟୀ,





ସମ୍ବଲପୁର ଜିଲ୍ଲାର ବାମରା ଗୋବିନ୍ଦପୁରର ମୁଣ୍ଡାପଡାର ୩ ଜଣ ସାଙ୍ଗ ଗୋଟିଏ ବୁଲେଟ ବାଇକରେ କନାକୁଣ୍ଡକୁ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆକାଶ ପାତ୍ର (୨୩) ବାହାରେ ବୁଲାବୁଲି କରୁଥିବାବେଳେ ନିଖୋଜ ଦୁଇ ଯୁବକ ଜୟନାରାୟଣ ଓ ରୋଶନ ଇବ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଭୟ ପ୍ରଖର ଜଳସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଏହା ଦେଖି ଆକାଶ ବାଲିଶଙ୍କରା ଦମକଳ ବାହିନୀ ଓ ତଳସରା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲିଶଙ୍କରା ଦମକଳ ବାହିନୀ ଓ ତଳସରା ପୁଲିସ ପହଞ୍ଚି ନିଖୋଜ ୨ ଜଣ ଯୁବକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଛି। ତଳସରା ପୁଲିସ ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ପ୍ରକାଶ ଯେ, ପୂର୍ବରୁ ମଧ୍ୟ ଏହି ସ୍ଥାନରେ ୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି।

# ନାରୀକୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର,୩୦।୭ (ସମିସ): ନାରୀ ହିଂସା ପ୍ରତିବାଦରେ ମହିଳା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ସହ ନିଆରା ରାଲି କରିଛି। ଏହି ସମୟରେ ପୁଲିସ ଓ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବହୁ ମହିଳା କଂଗ୍ରେସ କର୍ମୀଙ୍କୁ ପୁଲିସ ରାସ୍ତାରୁ ଉଠାଇ ନେଇଛି। ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ ନେତ୍ରୀ ବୁଧବାର କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ପାର୍ଟି ଅଫିସ ଆଡକୁ ଯାଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଫଟୋରେ ପ୍ରତୀକାତ୍ମକ ଭାବେ ଚୁଡ଼ି ପିନ୍ଧାଇବା ସହ ପୋଷ୍ଟର ଦାହ କରିଥିଲେ।

ମହିଳା ନେତ୍ରୀମାନେ ହାତରେ ପ୍ଲା-କାର୍ଡ ଧରି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ବିରୋଧରେ ପ୍ରବଳ ଗର୍ଜିବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି କରିଥିଲେ। ଯେପର୍ଯ୍ୟନ୍ତ ନାରୀଙ୍କୁ ନ୍ୟାୟ ପ୍ରଦାନ ସହ ରାଜ୍ୟରେ ନାରୀଙ୍କୁ ସମ୍ମାନ ଓ ଆଇନଶୃଙ୍ଖଳା ଠିକ୍ ନ ହୋଇଛି, ସେଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହୀନିପତି କହିଛନ୍ତି ଯେ ବିଜେପିର ଜଣେ ବଡ଼ ନେତା ମହିଳାମାନଙ୍କୁ କିପରି ନିର୍ଯାତନା ଦେଉଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି। ତାଙ୍କୁ ଦିଲ୍ଲୀରେ ଓଡ଼ିଶା ଭବନଠାରେ ଚାବିପକାଯାଇଥିଲା। ସେ ଏବେ କଂଗ୍ରେସ ଦଳ କଥା କହୁଛନ୍ତି। ସରକାରଙ୍କଠାରୁ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ମଗାଯାଉଛି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମହିଳା ସୁରକ୍ଷିତ ନାହାନ୍ତି। ସେ କିପରି ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେବେ। ତେଣୁ ସେ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

# ଚଳିତ ବର୍ଷ ବି ଛାତ୍ର ସଂସଦ ନିର୍ବାଚନ ଅନିଶ୍ଚିତ!

ଭୁବନେଶ୍ୱର, ୩୦।୭ (ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତିତ ହେବା ଅଭିଯୋଗ କେହି ନ ଶୁଣିବାରୁ ଆତ୍ମଦାହ କରିବା ଘଟଣା ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା ସୁରକ୍ଷିତ ନ ଥିବା ବିରୋଧୀ ଅଭିଯୋଗ କରିବା ଏବଂ ବହୁ ଅଧ୍ୟାପକ ଅସଦାଚରଣ ମାମଲାରେ ଜେଲ୍ ଯିବା ଘଟଣାରେ ସରକାର ଛନ୍ଦି ହୋଇଥିବାରୁ ଛାତ୍ର ସଂସଦ ନିର୍ବାଚନ ନେଇ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣା ପରଠାରୁ କ୍ୟାମ୍ପସ୍‌ରେ ଛାତ୍ର ସଂଗଠନଙ୍କ କାର୍ଯ୍ୟକ୍ରମ ଶିଥିଳ ହୋଇଥିବାବେଳେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସୁଧାରିବା ଆଳରେ ନିର୍ବାଚନ ଟାଳିଦେବାକୁ ସରକାର ବିଚାର କରୁଥିବା ଅଭିଯୋଗ ହୋଇଛି।

ସାଧାରଣତଃ ଦଶହରା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସପ୍ତାହରେ ନିର୍ବାଚନ କରିବାକୁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ସେପ୍ଟେମ୍ବର ୧୫ ତାରିଖ ପରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୧୬ ବା ୧୭ ତାରିଖରେ ନାମାଙ୍କନ ଦାଖଲ ତାରିଖ ସ୍ଥିର କରିବାକୁ ବିଭାଗସ୍ତରରେ ପ୍ରସ୍ତୁତି ହୋଇଥିଲା। ହେଲେ ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ପରେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ହୋଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ଉଜାଗର ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଥିବାରୁ ସରକାର ଛାତ୍ର ସଂସଦ ନିର୍ବାଚନ କରିବା ନେଇ ପୁଣିଥରେ ବିଚାରବିମର୍ଶ ଚଳାଇଛନ୍ତି। ଅପରପକ୍ଷରେ ଜୁଲାଇ ମାସ ଶେଷ ହୋଇଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ୪ମାସ ପରେ ମଧ୍ୟ ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ କରୁ ନଥିବାରୁ ଆଶଙ୍କା ବହୁଗୁଣିତ ହୋଇଛି। ଏପରିକି ନିର୍ବାଚନ ଘୋଷଣା ପୂର୍ବରୁ ଅଭ୍ୟନ୍ତରୀଣ ସର୍ଭେ କରି ବାତାବରଣ ପରଖିବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି।

# ରାକ୍ଷୀ ପୂର୍ଣ୍ଣମୀରେ ସୁଭଦ୍ରା ତୃତୀୟ କିସ୍ତି

**● ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରକେ ମିଳିବ**
**● ବଞ୍ଚିତ ହେବେ ୬୦ପର ୯୩ ହଜାର ମହିଳା**

ଭୁବନେଶ୍ୱର,୩୦।୭ (ସମିସ): ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା। ଏହାପରେ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ମହିଳାମାନେ ଆବେଦନ କରିପାରିବେ। ଏବଂ ଯେଉଁମାନେ ୬୦ବର୍ଷ ଅତିକ୍ରମ କରିଯାଇଛନ୍ତି ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ୬୦ବର୍ଷ ହୋଇଥିବା ପ୍ରାୟ ୯୩ ହଜାର ମହିଳାଙ୍କ ତଥ୍ୟ ସିଧାସଳଖ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରାଯାଇଛି। ଯେଉଁମାନେ ସୁଭଦ୍ରାରୁ ବଞ୍ଚିତ ହେବେ ସେମାନେ ଭତ୍ତାରେ ଯୋଡ଼ି ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏବେ ୨ଲକ୍ଷ ହିତାଧିକାରୀଙ୍କୁ ରଦ୍ଦ କରାଯାଇଛି। କେଉଁ କାରଣରୁ ବାଦ୍ ପଡ଼ିଛନ୍ତି ସେମାନଙ୍କ ତାଦରଖ କରାଯିବ। ପ୍ରଥମ କିସ୍ତି ନେଲା ପରେ ଆଇଟି ରିଟର୍ଣ୍ଣ, ଗାଡି କିଣା ଏବଂ ସେମାନଙ୍କର ୫ ଏକର ଜମି ଥିବା ସଂକ୍ରାନ୍ତରେ ଯେଉଁମାନଙ୍କର ତଥ୍ୟ ମିଳିଛି, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଜମି ସମ୍ବନ୍ଧୀୟ ତଥ୍ୟ ପାଇଁ ତହସିଲଦାର ବା ରାଜସ୍ୱ ବିଭାଗ, ଆଇଟି ରିଟର୍ଣ୍ଣରେ ଆୟକର ବିଭାଗ ଏବଂ ଯେଉଁମାନେ ଗାଡ଼ି କିଣିଛନ୍ତି ସେଥିପାଇଁ ଟ୍ରାନ୍ସପୋର୍ଟ ବିଭାଗରୁ ତୃଣମୂଳସ୍ତରରୁ ରିପୋର୍ଟ ଗ୍ରହଣ କରାଯିବ। ସେହିପରି କେହି କେହି ଚୁକ୍ତିଭିତ୍ତିକ ଚାକିରି କରୁଥିବା ବେଳେ ସେମାନେ ସରକାରୀ ଚାକିରି କରୁଥିବା ଦର୍ଶାଯାଇଛି। ତେଣୁ ଏହି ସମସ୍ତ ଦିଗ ଉପରେ ଯାଞ୍ଚ କରାଯିବ। ଅଗଷ୍ଟ ୯ ପରେ ସେମାନଙ୍କୁ ଯୋଡ଼ିବା ପାଇଁ ପୁଣିଥରେ ସର୍ଭେ କରାଯିବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେଙ୍କ ଏକାଥରକେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ ପରିଡ଼ା କହିଛନ୍ତି।

# ବନ୍ୟା ପାଣିରେ ଯାଇ ଗର୍ଭବତୀଙ୍କୁ ମେଡିକାଲ ଆଣିଲେ ଡାକ୍ତର

ରାଜନଗର,୩୦।୭ (ସମିସ): ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିଛି। ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଉଦାହରଣ ସୃଷ୍ଟି କରିଛି। ବନ୍ୟା ପାଣିରେ ଗାମୁଛା ପିନ୍ଧି ବାଡ଼ି ଧରି ଗର୍ଭବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଟ୍ରଲି ଯୋଗେ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦେଇଛନ୍ତି।



ରାଜନଗର ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ବାଜପୁର ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି। ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗ୍ରାମର ସଙ୍ଘମିତ୍ରା ରାଉତଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ପ୍ରସନ୍ନ ରାଉତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ ଯୋଗେ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଡାଯୋଡ଼ି ନିକଟରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଗାଁକୁ ଯିବାକୁ ଡଙ୍ଗା ବ୍ୟବସ୍ଥା ନ ଥିଲା। ଫଳରେ ଦୁଇ ଡାକ୍ତର ଗାମୁଛା ପିନ୍ଧି ଛତା ଓ ବାଡ଼ି ଧରି ବନ୍ୟା ପାଣିରେ ପଶି ଚକିବାଙ୍କ ଗାଁର ଗର୍ଭବତୀ ମହିଳା ସଙ୍ଘମିତ୍ରା ରାଉତଙ୍କ ନିକଟରେ ପହଞ୍ଚିଥିଲେ। ୧ କିଲୋମିଟର ବାଟ ୩ ଫୁଟ୍ ପାଣିରେ ପଶି ପହଞ୍ଚିଥିଲେ। ଗାଁ ଲୋକଙ୍କ ସହଯୋଗରେ ଏକ ଟ୍ରଲି ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ବନ୍ୟା ପାଣିରେ ଆଣି ଅଡାଯୋଡି ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସେହିଭଳି ଟାଙ୍ଗଣତେଲା ଗ୍ରାମର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ଗୀତାଞ୍ଜଳି ରାଉତଙ୍କୁ ମଧ୍ୟ ବନ୍ୟାଞ୍ଚଳରୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏ ନେଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଚାଉଳ ଗଣ୍ଡେ ପାଇଁ ଭରାନଈରେ ଜୀବନ ବାଜି

ତେଲକୋଇ, ୩୦।୭ (ସମିସ): ଆଧୁନିକତାର ଛାପ ଏବଂ ବିକାଶର ଦ୍ୱାହି ଭିତରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ବଡଖମଣ ଗାଁର ଅଧିବାସୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇଁ ହନ୍ତସନ୍ତ ହେବାର ଏକ ଜ୍ୱଳନ୍ତ ଘଟଣା ସାମନାକୁ ଆସିଛି। ବ୍ଲକର ଉପାନ୍ତ ପଞ୍ଚାୟତ ତାଳପଦା ପଞ୍ଚାୟତ। ପଞ୍ଚାୟତରେ ରହିଛି ବଡଖମଣ ଗାଁ। ବଡଖମଣ ଗାଁକୁ ବାଟ ଓଗାଳିଛି ସମାକୋଇ ନଦୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ବୃଦ୍ଧବୃଦ୍ଧା ସରକାରଙ୍କ ଚାଉଳ ପାଇବା ପାଇଁ ଭରା ନଈ ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଉଁଛନ୍ତି।



ବର୍ଷା ୪ମାସ ଗାଁ ଚାରିପଟେ ସମାକୋଇ ନଦୀ ଘେରି ରହିଥିବାରୁ ଜଳବନ୍ଦୀ ଅବସ୍ଥାରେ ଦିନ କାଟିଥାନ୍ତି ଗାଁଲୋକେ। ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ହୋଇପଡେ। ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାରି କରାଇଥାନ୍ତି ଗ୍ରାମବାସୀ। ନଦୀର ଜଳସ୍ତର ବୃଦ୍ଧି ହେଲେ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ଭଗବାନଙ୍କ ଭରସାରେ ରହିଥାନ୍ତି। ସେହିଭଳି ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେବାପାଇଁ ମଧ୍ୟ ଲୋକଙ୍କୁ ସମାକୋଇ ନଦୀ ପାରି ହେବାକୁ ପଡ଼ିଥାଏ। ବୃଦ୍ଧବୃଦ୍ଧାଙ୍କଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ନିଜର ପେଟ ପାଇଁ ଛାତିଏ ବେଳେ ପାଣିରେ ଚାଉଳ ନେବାପାଇଁ ଜୀବନକୁ ବାଜିରେ ଲଗାଇଥାନ୍ତି। କିଏ କାନ୍ଧରେ ବୋହି ତ ଆଉ କିଏ ମୁଣ୍ଡରେ ଚାଉଳ ବସ୍ତା ବୋହି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାରି ହୋଇଥାନ୍ତି।

ଗାଁରେ ଦୁଇଟି ସାହିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ରାସ୍ତାଘାଟର ସୁବିଧା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ପାଦଚଲା ରାସ୍ତା ଭରସା ପାଲଟିଛି। ଗାଁଗଣ୍ଡାରେ ରାସ୍ତାଘାଟର ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାଧୀନତାର ଅମୃତ ବେଳାରେ ମଧ୍ୟ ବଡଖମଣ ଗାଁ ଲୋକେ ଲୋକେ ବିକାଶର ସ୍ୱାଦ କ'ଣ ଚାଖି ପାରିନାହାନ୍ତି। ରାସ୍ତାଘାଟ ପାନୀୟଜଳ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେ ସରକାର ଗଲେଣି କେତେ ସରକାର ଆସିଲେଣି। ହେଲେ ଲୋକଙ୍କ ସମସ୍ୟା ଦୂର ହେବାର ନାଁ ଧରୁନି। ଦୀର୍ଘଦୀନ ଧରି ବଡଖମଣ ଗ୍ରାମବାସୀ ଯାତାୟାତ ସମସ୍ୟାରେ ଯୁଝି ହେଉଥିବା ବେଳେ କେବେ ସରକାରଙ୍କ ନିଦ ଭାଙ୍ଗୁନାହିଁ କି ସ୍ଥାନୀୟ ପ୍ରଶାସନ ଏମାନଙ୍କ ସମସ୍ୟା ଦୂର କରିବା ପାଇଁ ଆଗଭର ହେଉନାହିଁ। ଆଉ ବଡଖମଣବାସୀଙ୍କ ଯାତାୟାତ ପାଇଁ ସମାକୋଇ ନଦୀ ଉପରେ ପୋଲ ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଡିଏଏସ୍ଏ ଓ ସିଏସ୍ଏ-୨୦୨୫ ପାଇଁ ଏନ୍ଆଇଟି ମନୋନୀତ

ରାଉରକେଲା,୩୦।୭ (ସମିସ)



ବିଦେଶରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ସିଧାସଳଖ ଆଡମିସନ୍ ତଥା ଡିଏଏସ୍ଏ ଏବଂ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ ବା ସିଏସ୍ଏ- ୨୦୨୫ର ଆଡମିଶନ୍ ପରିଚାଳନା ପାଇଁ ଦେଶର ସ୍ୱନାମଧନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ରାଉରକେଲାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ମନୋନୀତ ହୋଇଛି। ରାଉରକେଲା ଏନ୍ଆଇଟି ପକ୍ଷରୁ ବିଭିନ୍ନ ଏନ୍ଆଇଟିରେ ଆଜିଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜିଠାରୁ ବିଦେଶରେ ଛାତ୍ରଛାତ୍ରୀଙ୍କ ସିଧାସଳଖ ପ୍ରବେଶ (ଡିଏଏସ୍ଏ) ଏବଂ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ (ସିଏସ୍ଏବି)ର ସ୍ୱତନ୍ତ୍ର ରାଉଣ୍ଡ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ଏହାଦ୍ୱାରା ଏନଆଇଟି, ଆଇଆଇଆଇଟି, ଆଇଆଇଇଏସଟି, ଏସ୍ପିଏ, କେନ୍ଦ୍ର କିମ୍ବା ରାଜ୍ୟ ଏବଂ କିଛି ଅନ୍ୟ ପ୍ରମୁଖ ପ୍ରତିଷ୍ଠାନ ଦ୍ୱାରା ଅନୁଦାନ ପ୍ରାପ୍ତ ଅନ୍ୟାନ୍ୟ ବୈଷୟିକ ପ୍ରତିଷ୍ଠାନରେ ସ୍ନାତକ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏକକ ପୋର୍ଟାଲ ଏବଂ ଏକକ-ୱିଣ୍ଡୋ ସିଟ୍ ଆବଣ୍ଟନ ପ୍ରକ୍ରିୟା ମାଧ୍ୟମରେ ପ୍ରାର୍ଥୀମାନଙ୍କ ଆବେଦନ ତଥା ସିଟ୍ ପୂରଣ ବ୍ୟବସ୍ଥାକୁ ଶୃଙ୍ଖଳିତ ଲକ୍ଷ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡିଏଏସ୍ଏ ଓ ସିଏସ୍ଏବି ସ୍ପେଶାଲ ୨୦୨୫ର ଅଧ୍ୟକ୍ଷ ତଥା ରାଉରକେଲା ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ଏନେଇ ସୂଚନା ଦେଇ କହିଛନ୍ତି, ଏନ୍ଆଇଟି ରାଉରକେଲାକୁ ଡିଏଏସ୍ଏ ଓ ସିଏସ୍ଏବି ସ୍ପେଶାଲ ୨୦୨୫ର ଆଡମିଶନ ପରିଚାଳନା ଦାୟିତ୍ୱ ମିଳିବା ଗୌରବର ବିଷୟ। ନୂତନ ଭାବେ ପ୍ରଚଳିତ ଏହି ସମନ୍ୱିତ ପ୍ରବେଶ ପ୍ରକ୍ରିୟା ଭାରତର ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ବିଶ୍ୱସ୍ତରୀୟ ପ୍ରବେଶ ପ୍ରକ୍ରିୟାକୁ ସରଳ କରିବ। ଏହା ବିଦେଶରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୋହରା ଏବଂ ଦ୍ୱନ୍ଦ୍ୱକୁ ହ୍ରାସ କରିବା ସହ ଭାରତକୁ ଆନ୍ତର୍ଜାତୀୟ ଶିକ୍ଷାଗତ ପ୍ରତିଭା ପାଇଁ ଏକ ସ୍ୱାଗତଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବ। ବିଦେଶରେ ଛାତ୍ରଙ୍କ ସିଧାସଳଖ ପ୍ରବେଶ (ଡାସା - ୨୦୨୫) ଏକ ସ୍ୱଚ୍ଛ, ଯୋଗ୍ୟତା ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ଜେଇଇ ମେନ୍‌ରେ ର୍ୟାଙ୍କ ହାସଲ କରିଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସିଧାସଳଖ ପ୍ରବେଶ ସୁବିଧା ପ୍ରଦାନ କରିବ। ଅନ୍ୟପକ୍ଷରେ ଯେଉଁ ପ୍ରାର୍ଥୀମାନେ ଯୋଶା ମାଧ୍ୟମରେ ସିଟ୍ ପାଇପାରି ନାହାନ୍ତି, କିମ୍ବା ପ୍ରତ୍ୟାହାର କରିନେଇଛନ୍ତି କିମ୍ବା 'ଯୋଶା' ପରେ

## ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ନାମଲେଖା ଆରମ୍ଭ

ଅପଗ୍ରେଡ୍ କରିବାକୁ ଚାହୁଁଛନ୍ତି, ସେମାନେ ସିଏସଏବି ସ୍ପେଶାଲ୍ ରାଉଣ୍ଡ ପାଇଁ ଆବେଦନ କରିପାରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ବ୍ୟବସ୍ଥାରେ ଦେଶର ୩୧ ଗୋଟି ଏନ୍ଆଇଟି, ଆଇଆଇଇଏସଟି ଶିବପୁର, ୧୩ଟି ଆଇଆଇଆଇଟି ଏବଂ ୩ଟି ଏସପିଏ ଅନ୍ତର୍ଭୁକ୍ତ ରହିଛି। କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଜିଏଫ୍‌ଟିଆଇ ଏବଂ କିଛି ଅନ୍ୟ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ପାଣ୍ଠି ପ୍ରଦାନ କରାଯାଇଥିବା ୩୦ଟି ବୈଷୟିକ ପ୍ରତିଷ୍ଠାନ ମଧ୍ୟ ରହିଛି। ଏନେଇ ଆଡମିଶନ୍ ଆୟୋଜନ କମିଟିର ଅଧ୍ୟକ୍ଷ ଏବଂ ଏନ୍ଆଇଟି ରାଉରକେଲାର ପ୍ରଫେସର ଅନିନ୍ଦ୍ୟ ବସୁ କହିଛନ୍ତି, ଏହି ମିଳିତ ପୋର୍ଟାଲ ପ୍ରକ୍ରିୟାଗତ ଓଭରଲାପ୍ ଦୂର କରିବା ସହ ପ୍ରାର୍ଥୀଙ୍କ ଚାପ ହ୍ରାସ କରିବ ଏବଂ ଶିକ୍ଷା ପ୍ରଶାସନକୁ ଆଧୁନିକୀକରଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଏହି ପଦକ୍ଷେପ ମାଧ୍ୟମରେ ଭାରତରେ ବିଶ୍ୱସ୍ତରୀୟ ବୈଷୟିକ ଶିକ୍ଷା ସୁଯୋଗ ଅନୁସନ୍ଧାନ କରିବା ପାଇଁ ଆମେ ସାରା ବିଶ୍ୱର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରୁଛୁ ବୋଲି ସେ କହିଛନ୍ତି।


ସୂଚନାଯୋଗ୍ୟ, ସିଟ୍ ଆବଣ୍ଟନ ଫଳାଫଳ ଘୋଷଣାର ପ୍ରଥମ ପର୍ଯ୍ୟାୟ ୯ ଅଗଷ୍ଟ, ଦ୍ୱିତୀୟ ପର୍ଯ୍ୟାୟ ୧୪ ଅଗଷ୍ଟ ଓ ଶେଷ ପର୍ଯ୍ୟାୟ ୧୯ ତାରିଖ ସନ୍ଧ୍ୟା ୫ ଟା ରହିଛି। ଯେଉଁ ପ୍ରାର୍ଥୀମାନେ ସେମାନଙ୍କର ସିଟ୍ ନିଶ୍ଚିତ କରିବେ, ସେମାନେ ୨୦ ରୁ ୨୩ ଅଗଷ୍ଟ ମଧ୍ୟରେ ସେମାନଙ୍କର ଆବଣ୍ଟିତ ପ୍ରତିଷ୍ଠାନରେ ପ୍ରତ୍ୟକ୍ଷ ଭାବରେ ରିପୋର୍ଟ କରିବାକୁ ପଡ଼ିବ। ଏହା ସହିତ ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ଅପଡେଟ୍ ଏବଂ ସବିଶେଷ ଘୋଷଣା ପାଇଁ ସରକାରୀ ପୋର୍ଟାଲ୍ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

# ବଣାଇଁ ରେଞ୍ଜରେ ପୁଣି ଦନ୍ତାଙ୍କ ଉପଦ୍ରବ



**ବଣାଇଁ,୩୦।୭ (ସମିସ):** ବଣାଇଁ ରେଞ୍ଜ ଅନ୍ତର୍ଗତ ବଡପୋଷ ଗ୍ରାମରେ ଦନ୍ତା ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ପୂର୍ବରୁ ଗୋଟିଏ ଦନ୍ତା ହାତୀ ଉପଦ୍ରବ ଚଳାଇ ଆସିଥିବା ବେଳେ ଗତକାଲି ଆଉ ଏକ ଗୋଠଛଡ଼ା ଦନ୍ତା ହାତୀ ନଦୀ ପାର ହୋଇ ରାତି ୩ ଟାରେ ଆସି ବଡପୋଷ ଗ୍ରାମର ଟପୋ ସାହିରେ ଶଙ୍କର କିସାନ୍‌ଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇ ନଷ୍ଟ କରିଥିବା ଜଣାପଡିଛି। ଖାଦ୍ୟ ଅନ୍ୱେଷଣରେ ଦନ୍ତା ହାତୀ ଘର ପଛପଟ କାନ୍ଥ ଭାଙ୍ଗି ଚାଉଳ ଖାଇଥିଲା। ଏଥିରେ ଶଙ୍କର କିଷାନଙ୍କ ପରିବାର ଲୋକେ ଭୟଭୀତ ହୋଇ ଘର ସମ୍ମୁଖ ପଟେ ବାହାରି ଦୌଡ଼ି ପଳାଇ ନିଜ ଜୀବନ ରକ୍ଷା କରିଥିଲେ। ସେହିଭଳି କିଛିଦିନ ପୂର୍ବରୁ ଧରଣୀଧର ପାଲିରେ ରହିଥିବା ହାତୀଟି ଉକ୍ତ ଅଞ୍ଚଳର ଗ୍ରାମରେ ଆତଙ୍କ ଖେଳାଉଛି। ରାତି ହେଲେ ଏଣେତେଣେ ଗ୍ରାମକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ବନବିଭାଗ ତୀକ୍ଷ୍ଣ ନଜର ରଖି ତାକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛି। ତଥାପି ହାତୀଟି ବାରମ୍ବାର ଜନବସତି ମୁହାଁ ହେଉଥିବା ନଜରକୁ ଆସୁଛି। ଚାଷ କାର୍ଯ୍ୟ ସମୟରେ ଏବେ ଦୁଇ ଦୁଇଟି ହାତୀ ବନବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି।

## ଭାଙ୍ଗିଲା ଘର, ଖାଇଲା ଚାଉଳ



# ଆର୍ଏସ୍‌ପିର ବିଭିନ୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ରାଉରକେଲା,୩୦।୭ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍‌ପି)ର ପ୍ରଶାସନିକ ଭବନର ତୃତୀୟ ମହଲାରେ ନବୀକୃତ ବିଭିନ୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଆର୍ଏସ୍‌ପିର ପ୍ରଶାସନିକ ଭବନରେ ନବୀକୃତ ଭିଜିଲାନ୍ସ, ମାନବ ସମ୍ବଳ-ସାଧାରଣ ପ୍ରଶାସନ ଏବଂ ବିତ୍ତ ବିଭାଗ ରହିଥିବା ପୁନଃନିର୍ମିତ ପୂର୍ବ ଓ ପଶ୍ଚିମ ପାର୍ଶ୍ୱଗୁଡିକୁ ବୁଧବାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଭିଜିଲାନ୍ସ ବିଭାଗର ସିଜିଏମ୍ ଏଣ୍ଡ ଏସିଭିଓ ସୁବ୍ରତ ପ୍ରହରାଜଙ୍କ ସହିତ ବହୁ ସିଜିଏମ୍, ଭିଜିଲାନ୍ସ, ମାନବ ସମ୍ବଳ ଏବଂ ବିତ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀ ମିଶ୍ର ବିଭାଗଗୁଡିକୁ ବୁଲି ଦେଖିବା ସହିତ ଉନ୍ନତ ସୁବିଧା ଏବଂ କାର୍ଯ୍ୟ ପରିବେଶର ପ୍ରଶଂସା କରିଥିଲେ। ଆଧୁନିକ ଭିତ୍ତିଭୂମିର ଶ୍ରେଷ୍ଠ ଉପଯୋଗ କରି କିପରି ନିଜର ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି ହୋଇପାରିବ ସେଦିଗରେ ସାମୁହିକମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଉନ୍ନତିକୃତ ଶାଖାର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଆଧୁନିକ ସୁବିଧା ସହିତ ଡିଜାଇନ୍ କରାଯାଇଛି। ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ଆଧୁନିକ ସମ୍ମିଳନୀ କକ୍ଷ, ଚାରୋଟି ନୂତନ କକ୍ଷ ସହ ଉନ୍ନତିକରଣ କରାଯାଇଛି।

ଏଥିସହିତ ଅଧିକାରୀମାନଙ୍କ ପୂର୍ବ କୋଠରୀଗୁଡ଼ିକର ଉନ୍ନତିକରଣ ମଧ୍ୟ କରାଯାଇଛି। ପ୍ରଶାସନିକ ଭବନର ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱକୁ ଆଧୁନିକ କରିଡର, ଲବି, ଫଲ୍ସ ସିଲିଂ, ଉନ୍ନତ ଆଲୋକୀକରଣ, ସୁନ୍ଦର ଚଟାଣ ଏବଂ କାନ୍ଥର ପ୍ୟାନେଲିଂ, ଟାଇଲିଂ ସହ କନ୍ସିଲ ବୈଦ୍ୟୁତିକ ତାର ସହ ଏକ ନୂଆ ରୂପ ଦିଆଯାଇଛି। ଅନ୍ୟ ଆଧୁନିକରଣ ମଧ୍ୟରେ ନୂତନ କାଚ ପ୍ୟାନ ଏବଂ ଆଧୁନିକ ଡୋର କ୍ଲୋଜର ଦ୍ୱାର ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

# ବଡମାଙ୍କ ଜନ୍ମବାର୍ଷିକୀ ସମାରୋହ



**ରାଉରକେଲା,୩୦।୭ (ସମିସ):** ସ୍ଥାନୀୟ ନୟାବଜାର ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ପରମାରାଧ୍ୟା ଜଗତଜନନୀ ଶ୍ରୀଶ୍ରୀ ବଡମାଙ୍କ ୧୩୨ତମ ପବିତ୍ର ଜନ୍ମବାର୍ଷିକୀ ପାଳିତ ହୋଇଥିଲା।

କାର୍ଯ୍ୟକ୍ରମ ସକାଳେ ବେଦମାଙ୍ଗଳୀ ଏବଂ ଉଷା କୀର୍ତ୍ତନ ସହିତ ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରେ ସାମୂହିକ ପ୍ରାର୍ଥନା ଏବଂ ପବିତ୍ର ଶାସ୍ତ୍ର ପାଠ ହୋଇଥିଲା। ଏହି ଅବସରରେ ଆୟୋଜିତ ସତ୍‌ସଙ୍ଗ ସାଧାରଣ ସଭାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସମେତ ବିଶିଷ୍ଟ ବକ୍ତାମାନେ ବଡମାଙ୍କ ତ୍ୟାଗମୟ ଜୀବନୀ, ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତି ତାଙ୍କର ଭକ୍ତି ଏବଂ ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ।

ସଂଧ୍ୟାରେ ଏକ ସାମୂହିକ ସନ୍ଧ୍ୟା ପ୍ରାର୍ଥନା ଏବଂ ଗ୍ରନ୍ଥ ପାଠ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ଭଜନ, ଭକ୍ତି ସଙ୍ଗୀତ 'ସଙ୍ଗୀତାଞ୍ଜଳି' ଆୟୋଜିତ ହୋଇଥିଲା, ଯାହା ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ଏହାପରେ ଆୟୋଜିତ ମାତୃ ସମ୍ମିଳନୀରେ ମହିଳାମାନେ ଶ୍ରୀଶ୍ରୀ ବଡମାଙ୍କ ଜୀବନୀ ଓ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

## ଏବିଇଓଙ୍କ ପ୍ରତିଶ୍ରୁତି ପରେ ଖୋଲିଲେ ତାଲା



**ବଣାଇଁ,୩୦।୭ (ସମିସ):** ବଣାଇଁ ବ୍ଲକ୍ ସରସରା ବଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିର ପ୍ରତିବାଦ କରି ଆଜି ଗ୍ରାମବାସୀ ତାଲା ପକାଇଛନ୍ତି। ସରସରା ବଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୫୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟରେ ନିଯୁକ୍ତ ଥିବା ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଶିକ୍ଷୟିତ୍ରୀ ଲିପ୍ସାମୟୀ ନାୟକଙ୍କୁ ଗତ ୨ ଦିନ ତଳେ ଜମ୍ବାରୀ ପୋଷ ସ୍କୁଲକୁ ବଦଳି ହୋଇଛି। ଯାହାର ପ୍ରତିବାଦ କରି ଆଜି ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯିବା ନେଇ ଲିଖିତ ପ୍ରତିଶୃତି ଦେବା ପରେ ଗ୍ରାମବାସୀ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲେ। ପରେ ବିଦ୍ୟାଳୟରେ ପାଠପଢ଼ା ହୋଇଥିଲା। ଏହାପରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ମିଳିତ ବୈଠକ ହୋଇଥିବା ଜଣାପଡ଼ିଛି।

# ୩ରେ ସର୍ବଭାରତୀୟ ଅଭିଭାବକ ସଂଘର ରାଜ୍ୟ ସମ୍ମିଳନୀ

**ରାଉରକେଲା, ୩୦।୭ (ସମିସ):** ସର୍ବଭାରତୀୟ ଅଭିଭାବକ ସଂଘର ଓଡିଶା ରାଜ୍ୟ କମିଟିର ସମ୍ମିଳନୀ ଆସନ୍ତା ଅଗଷ୍ଟ ୩ ତାରିଖରେ ରାଉରକେଲାର ଉଦିତନଗର ସ୍ଥିତ ଆଇଟିଡିଏ ହଲଠାରେ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୮୦ ଜଣ ପ୍ରତିନିଧି ଭାବରେ ଯୋଗ ଦେବେ। ଏହି ରାଜ୍ୟ ସମ୍ମିଳନୀରେ ନୂତନ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରାଯିବା ସହ ରାଜ୍ୟରେ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାର ମାନ ବୃଦ୍ଧି କରାଇବା, ଶିକ୍ଷାର ଘରୋଇକରଣ ଉପରେ ଅଙ୍କୁଶ ଲଗାଇବା, ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ପ୍ରଦାନ କରାଯିବା ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଏହାକୁ ସଫଳ କରେଇବା ପାଇଁ ଆଜି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ବୈଠକ ସେକ୍ଟର-୧୭ ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏସନର ଯୁଗ୍ମ ସମ୍ପାଦକ ନିହାର ସାମଲ, ଯଯାତୀ କେଶରୀ ସାହୁ, ସନ୍ତୋଷ ବିଶ୍ୱାଲ, ରାଜୀବ ବସନ୍ତରାଏ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ।

# ଗଳ୍ପପୁସ୍ତକ 'ଶେଷଚିଠି' ଲୋକାର୍ପିତ

**ରାଉରକେଲା,୩୦।୭ (ସମିସ):** ସ୍ଥାନୀୟ ସେକ୍ଟର - ୫ କଲ୍‌ଚୁରାଲ ଏକାଡ଼େମୀ ପରିସରରେ ଆୟୋଜିତ ଏକ ଉତ୍ସବରେ ଡ. ରଜତକାନ୍ତି ମିଶ୍ରଙ୍କ ଗଳ୍ପ ପୁସ୍ତକ 'ଶେଷଚିଠି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ଗାଳ୍ପିକ ଭୂପେନ ମହାପାତ୍ର ଡ. ରଜତକାନ୍ତି ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବର ଅଧ୍ୟକ୍ଷତା କରି କଲଚରାଲ ଏକାଡ଼େମୀର ସଭାପତି ପଶୁପତିନାଥ ଚାଟାର୍ଜୀ 'ଶେଷଚିଠି' ପୁସ୍ତକର ଗଳ୍ପଗୁଡ଼ିକ ମାନବବାଦ ଉପରେ ପର୍ଯ୍ୟବସିତ ବୋଲି କହିଥିଲେ। ନବପତ୍ରର ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ରୋଗୀ ସେବାକାଳର ପ୍ରତ୍ୟକ୍ଷ ଅନୁଭୂତି, ପୀଡ଼ିତ ଜନତା ତଥା ଗାଈ କୁକୁରଙ୍କ ଭଳି ଗୃହପାଳିତ ପଶୁଙ୍କର ଆଖର ଭାଷା ପଢ଼ି ଗଳ୍ପ ରଚନା କରିବାରେ ଡକ୍ଟର ମିଶ୍ର ସଫଳ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ କଲଚରାଲ ଏକାଡ଼େମୀର ସାଧାରଣ ସମ୍ପାଦକ ତଥା ଚିତ୍ରଶିଳ୍ପୀ କାଶୀନାଥ ପାତ୍ର ଯୋଗଦେଇଥିଲେ। ଏହି ଉତ୍ସବରେ ପୁସ୍ତକର 'ଏକ ବୁଲା କୁକୁରର ଆପରି' ଶୀର୍ଷକର ଏକ ଗଳ୍ପ ପାଠ କରିଥିଲେ କବି ଆର୍ତ୍ତତ୍ରାଣ ମହାପାତ୍ର। ଗାଳ୍ପିକ ଡ. ରଜତକାନ୍ତି ମିଶ୍ର ଏ ଅବସରରେ ତାଙ୍କର ଲେଖକୀୟ ଅଭିମତ ପ୍ରଦାନ କରିଥିବାବେଳେ ତାଙ୍କ ସହଧର୍ମିଣୀ ଡ. ଅପରାଜିତା ମିଶ୍ର ପାଠକୀୟ ଅଭିମତ ପ୍ରଦାନ କରିଥିଲେ। ବବିତା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶେଷରେ ନବପତ୍ର ସମ୍ପାଦନା ମଣ୍ଡଳୀର ସଦସ୍ୟ ତଥା ପ୍ରାବନ୍ଧିକ ଡ. ନଗେନ ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସହରର ବହୁ ବୁଦ୍ଧିଜୀବୀ, ଲେଖକ, ଶିଳ୍ପୀ, ଅନେକ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।



# ରୋଟାରୀ ଓ ଇନରହ୍ୱିଲ କ୍ଲବ୍‌ର 'ସିପିଆର୍' ପ୍ରଶିକ୍ଷଣ ଶିବିର

**ରାଉରକେଲା, ୩୦।୭ (ସମିସ):** ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍, ଇନରହ୍ୱିଲ୍ କ୍ଲବ ରିଭରସାଇଡ ଓ ହାଇଟେକ୍ ମେଡିକାଲ୍ କଲେଜର ମିଳିତ ସହଯୋଗରେ ବିର୍ସା ମୁଣ୍ଡା ହାଇସ୍କୁଲଠାରେ ଏକ 'ସିପିଆର' ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀ ପିଲାମାନେ ପ୍ରଶିକ୍ଷଣ ନେଇଥିଲେ। ହାଇଟେକ୍ ମେଡିକାଲ୍ କଲେଜର କ୍ରିଟିକାଲ୍ କେୟାର ମେଡ଼ିସିନ୍ ବିଭଗର ବିଶେଷଜ୍ଞ ଡାକ୍ତର ଭକ୍ତି ପ୍ରସାଦ ମହାପାତ୍ର ପିଲାଙ୍କୁ 'ପିସିଆର୍'ର ଉପଯୋଗିତା ବୁଝାଇବା ସହ ଏକ ରବର ତିଆରି ମଡେଲ 'ମାନିକୁଇନ' ମାଧ୍ୟମରେ ଛାତିର ମଧ୍ୟଭାଗକୁ ଦବାଇବା କୌଶଳ ଶିଖାଇଥିଲେ। ରୋଟାରୀଆନ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ହୃତପିଣ୍ଡର ପୁନଃ ସକ୍ରିୟକରଣ ପଦ୍ଧତି ବିଷୟରେ ବୁଝାଇଥିଲେ। ରୋଟାରୀ କ୍ଲବ୍ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ଭଗବାନ ପାଢ଼ୀ, ପ୍ରମିଳା ମିଶ୍ର ଓ ପରମେଶ୍ୱର ପ୍ରଧାନଙ୍କ ସହିତ ଇନରହ୍ୱିଲ ସଦସ୍ୟା ପ୍ରତିମା ମହାପାତ୍ର, ଅର୍ଚ୍ଚନା ଦେବତା, ଅନିତା ନାୟକ, ବିଦ୍ୟୁତଲତା ସୂତାର ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଷାଠିଏ ଜଣ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ବିଜୟ ପ୍ରଧାନ ଓ ଅନ୍ୟସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ସର୍ଟସର୍କିଟରୁ ଜଳିଗଲା ବିଦ୍ୟୁତ୍ ତାର

**ରାଉରକେଲା, ୩୦।୭ (ସମିସ):** କଚେରୀ ରୋଡରେ ଥିବା ବିଦ୍ୟୁତ୍ ଖୁଣ୍ଟର ତାରରେ ସର୍ଟସର୍କିଟ୍ ଯୋଗୁଁ ଏକ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। କଚେରୀ ରୋଡରେ ଥିବା ଆକ୍ସିସ୍ ବ୍ୟାଙ୍କ୍ ସମ୍ମୁଖ ଗିରିଧାରୀ ଲାଲ୍ ଆଣ୍ଡ କମ୍ପାନୀ ପାଖରେ ଥିବା ଲେନ୍‌ର ମୁଖ୍ୟ ବିଦ୍ୟୁତ୍ ଖୁଣ୍ଟ ଚାରିପାଖରେ ଗୁଡ଼ାଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକରେ ବିଳମ୍ବିତ ରାତି ପ୍ରାୟ ୩ରୁ ୪ଟାରେ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା। ଯାହା ଫଳରେ ଗିରିଧାରୀଲାଲ୍ କମ୍ପାନୀ କପଡ଼ା ଦୋକାନ ପଛ ଲେନ୍‌ରେ ଥିବା ୬ ରୁ ୭ଟି ଘରର ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଏ ବିଷୟରେ ସକାଳେ ପାୱାର ହାଉସ୍ ରୋଡସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ବିଭାଗର ଉଚ୍ଚ ପଦାଧିକାରୀ ଓ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଅଧିକାରୀ ଏବଂ କର୍ମଚାରୀ କୈଳାସପୁରୀ ମୁଖ୍ୟ ରାସ୍ତା ସାମ୍ନାରେ ଥିବା ମୁଖ୍ୟ ଖୁଣ୍ଟରୁ ତାର ବାହାର କରି ନୂତନ ତାର ଲଗାଇଥିଲେ। ପରେ ଅପରାହ୍ନ ୩ଟାରେ ଘରଗୁଡିକୁ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ମୁଖ୍ୟ ରାସ୍ତାର ପ୍ରତ୍ୟେକ ଖୁଣ୍ଟରେ ବିଦ୍ୟୁତ୍ ତାରର ଯୋଡା ରହିଥିବା ଦେଖାଯାଉଛି, ଯାହା ଯୋଗୁଁ ପ୍ରତିଦିନ ସର୍ଟସର୍କିଟ୍ ଯୋଗୁଁ ଅନେକ ବିଦ୍ୟୁତ୍ ଖୁଣ୍ଟରେ ତାରଗୁଡ଼ିକ ନିଆଁ ଲାଗିଯାଉଛି। ତେଣୁ ବିଦ୍ୟୁତ୍ ଖୁଣ୍ଟରୁ ଇଣ୍ଟରନେଟ୍ ତାର ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ତାରଗୁଡ଼ିକୁ ଦୂରେଇ ରଖିବା ଦିଗରେ ରାଉରକେଲା ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ରାଉରକେଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱର ଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

## ପଞ୍ଚାୟତ ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା

# ବଣାଇଁ ହିନ୍ଦୁ ବାହିନୀ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ବଣାଇଁ,୩୦।୭ (ସମିସ)

ବଣାଇଁଗଡ ପଞ୍ଚାୟତରେ ଦୋକାନଗୃହ ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବଣାଇଁ ହିନ୍ଦୁ ବାହିନୀ ସଂଗଠନ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ବଣାଇଁଗଡ ସହରର ଉଭୟ ପାର୍ଶ୍ୱରେ ଥିବା ଅସ୍ଥାୟୀ କେବିନ୍ ଓ ଉଠା ଦୋକାନୀଙ୍କୁ ଉଚ୍ଛେଦ କରି ବଣାଇଁର ରାସ୍ତା ପାର୍ଶ୍ୱ ସହ ବିଭିନ୍ନ ସ୍ଥାନରେ ୨୬୦ ଟି ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଚ୍ଛେଦ ହୋଇଥିବା ପୁରୁଣା ଦୋକାନୀ, ବ୍ୟବସାୟୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ପ୍ରାଥମିକତା ଦିଆଯାଇ ଦୋକାନ ଗୃହ ଗୁଡିକ ବଣ୍ଟନ କରାଯାଇଥିଲା। କିନ୍ତୁ ଗତ କିଛିବର୍ଷ ହେବ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ନାମରେ ଦିଆଯାଇଥିବା ଦୋକାନ ଗୃହ ଗୁଡିକ କେତେଜଣ ବ୍ୟକ୍ତି ଚକ୍ରାନ୍ତ କରି ନିଜ ଅକ୍ତିଆରକୁ ନେଇ ଯାଇଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ କୌଣସି ଦୋକାନୀ କିମ୍ବା ବ୍ୟବସାୟୀ ଆଉ ଦୋକାନ କରିବାକୁ ଇଚ୍ଛା ନ କରନ୍ତି ତାହେଲେ ସେ ତାଙ୍କର ଦୋକାନକୁ ପଞ୍ଚାୟତକୁ ହସ୍ତାନ୍ତର କରିବା କଥା। କିନ୍ତୁ ଏବେ ଅନେକ ଗୁଡ଼ିଏ ଦୋକାନୀ ଦୋକାନ ଗୃହ ଗୁଡିକୁ ନିଜ ଇଚ୍ଛାରେ ଲକ୍ଷ ଲକ୍ଷ ଟଙ୍କା ନେଇ ଅନ୍ୟ ଲୋକଙ୍କୁ ହସ୍ତାନ୍ତର କରି ଦେଉଥିବା ଅଭିଯୋଗ ହୋଇଛି। ରାସ୍ତା କଡ଼ ଦୋକାନ ଗୁଡିକ ଚାହିଦା ଥିବାରୁ ବଣାଇଁର ଏକ ଗୋଷ୍ଠୀ ସ୍ଥାନୀୟ ବାସିନ୍ଦା ନହୋଇ ମଧ୍ୟ ଅଧିକାରୀଙ୍କୁ ଧରାଧରି କରି ଲକ୍ଷ ଲକ୍ଷ ଟଙ୍କାର ଡିଲ କରି ଜଣେ ଜଣେ ବ୍ୟକ୍ତି ୪ ରୁ ୫ ଟି ଦୋକାନ ହାତେଇ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ସ୍ଥାନୀୟ ବାସିନ୍ଦାମାନେ କିଛି ବ୍ୟବସାୟ କରିବାକୁ ଚାହିଁଲେ ମଧ୍ୟ ଦୋକାନ ଗୃହ ଖଣ୍ଡେ ନ ପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏସବୁ ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ସହ ମନ ଇଚ୍ଛା ଦୋକାନ ଗୃହ ବିକ୍ରି ଉପରେ ରୋକ ଲଗାଇବା ପାଇଁ ବଣାଇ ହିନ୍ଦୁ ବାହିନୀ ସଂଗଠନ ପକ୍ଷରୁ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ କାର୍ତ୍ତିକ କିସାନ, ଜଗା ସାହୁ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗରଡିଆ, ଲିଟୁ ମହାରଣା, ଶାଶ୍ୱତ ପ୍ରଧାନ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ବଣାଇଁ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରିବା ସହ ଆଗକୁ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

# ବେଆଇନ ପାଉଁଶ ପରିବହନ ବନ୍ଦ ପାଇଁ ସାଂସଦଙ୍କ ଦାବି

ଝାରସୁଗୁଡ଼ା,୩୦।୭ (ସମିସ):

ଝାରସୁଗୁଡ଼ା ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୪୯ରେ ବେଆଇନ ପାଉଁଶ ପରିବହନ ଏବଂ ଡମ୍ପିଂ ବିରୋଧରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୁଧବାର ଦିଲ୍ଲୀରେ ପରିବହନ ମନ୍ତ୍ରୀ ନୀତିନ ଗଡ଼କରିଙ୍କୁ ଏନେଇ ସେ ଏକ ପତ୍ର ପ୍ରଦାନ କରିଛନ୍ତି। ଝାରସୁଗୁଡ଼ାରେ ଚାଲିଥିବା ରାଜପଥ ବିକାଶ ପ୍ରକଳ୍ପ ଅଧୀନରେ, ପରିବହନକାରୀ ମାନେ ପରିବହନ ନିୟମର ଖୋଲା ଉଲ୍ଲଂଘନ କରି ବେଆଇନ ଭାବେ ଅତ୍ୟଧିକ ଓଭରଲୋଡ୍ ଯାନରେ ପାଉଁଶ ବହନ କରୁଛନ୍ତି। ଏହି ଯାନଗୁଡିକ ରାସ୍ତା କଡରେ ପାଉଁଶ ପକାଉଥିବା ବେଳେ ଅନେକ କ୍ଷେତ୍ରରେ ସିଧାସଳଖ ହାଇୱେ ନିର୍ମାଣ ପାଇଁ ଏହି ପାଉଁଶ୍ ବ୍ୟବହାର ହେଉଛି। ବର୍ଷା ଋତୁରେ ପାଉଁଶ ଧୋଇ ହୋଇ ଯିବାରୁ ରାସ୍ତାରେ ବ୍ୟାପକ କ୍ଷତି ଘଟୁଛି। ଏପରିକି ଧୋଇ ହୋଇଯାଇଥିବା ପାଉଁଶ ନିକଟବର୍ତ୍ତୀ କୃଷି କ୍ଷେତକୁ ପ୍ରବାହିତ ହେବା ଫଳରେ ଫସଲର ଗୁରୁତର କ୍ଷତି କରୁଛି। କେବଳ ସ୍ଥାନୀୟ ଚାଷୀଙ୍କ ଜୀବନଜୀବିକାକୁ



ବିପଦରେ ପକାଇ ନାହିଁ ବରଂ ମାଟିର ଗୁଣବତ୍ତା ହ୍ରାସ କରିବା ସହ ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ସାଂସଦ ଉଲ୍ଲେଖ କରିଛନ୍ତି। ଏପରି ବେପରୁଆ ପରିବହନ କାର୍ଯ୍ୟ ଆର୍ଥିକ ତଥା ପରିବେଶ ପାଇଁ ବିପଦପୂର୍ଣ୍ଣ। ଓଭରଲୋଡିଂ ଏବଂ ପାଉଁଶର ଅବୈଧ ଡମ୍ପିଂରେ ଲିପ୍ତ ପରିବହନକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ତେଣୁ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଂସାଦ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ରାଜପଥ ନିକଟରେ ପାଉଁଶ ପରିଚାଳନା ଏବଂ ନିଷ୍କାସନ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସହିତ ସମନ୍ୱୟ କରିବାକୁ ସେ କହିଛନ୍ତି। ରାସ୍ତା, ଚାଷ ଜମି ଏବଂ ପରିବେଶର ଅଧିକ କ୍ଷତି ରୋକିବା ପାଇଁ ଏନ୍ଏଚ୍ ୪୯ରେ ନିୟମିତ ତଦାରଖ ନିଶ୍ଚିତ କରନ୍ତୁ, ରାସ୍ତା, ଚାଷୀ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉ ବୋଲି ସାଂସଦ ପ୍ରଦୀପ ପୁରୋହିତ ଉଲ୍ଲେଖ କରିଛନ୍ତି।

# ମଣ୍ଡଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ଭିତ୍ତିଭୂମୀ ପାଇଁ ମନ୍ତ୍ରୀଙ୍କୁ ଚିଠି କଲେ ସାଂସଦ

## ■ ଫଳ ଫସି ଶିଶୁ ମୃତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଝାରସୁଗୁଡ଼ା,୩୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମଣ୍ଡଳିଆ କେନ୍ଦ୍ରୀୟ ଡାକ୍ତରଖାନାର ଦୂରାବସ୍ଥା ବିଷୟରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଅବଗତ କରାଇବା ସହ ଏହା ଉନ୍ନତିକରଣ ପାଇଁ ଆବଶ୍ୟକ ଯନ୍ତ୍ରପାତି ଏବଂ ଡାକ୍ତର ଯୋଗାଇ ଦେବାକୁ ଚିଠି କରିଛନ୍ତି। କେନ୍ଦ୍ରୀୟ ଡାକ୍ତରଖାନାରେ ଆଇସିୟୁ କାର୍ଯ୍ୟକ୍ଷମ ନଥିବା ବେଳେ ଅଲଟ୍ରାସାଉଣ୍ଡ ବିଭାଗ ବନ୍ଦ ଅଛି, ଏକ୍ସ-ରେ ବିଭାଗ ବିନା ଫିଲ୍ମ କିମ୍ବା ଅତି କମ ଉପକରଣ ସହିତ କାର୍ଯ୍ୟ କରୁଛି। ସେହିପରି ଏଠାରୁ ଡାକ୍ତରଙ୍କ ସ୍ଥାନାନ୍ତର ହେଲେ ବିକଳ୍ପ ଡାକ୍ତର ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ରୋଗୀଙ୍କୁ ବ୍ରଜରାଜନଗରରୁ ବହୁତ ଦୂରରେ ଅବସ୍ଥିତ ଘରୋଇ ଡାକ୍ତରଖାନାକୁ ରେଫର କରାଯାଉଥିବା ଆଦି ବିଷୟରେ କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି କିସନ ରେଡ୍ଡୀଙ୍କୁ ସାଂସଦ ଶ୍ରୀ ପୁରୋହିତ ଅବଗତ କରାଇଛନ୍ତି।

ସେହିପରି ୨୩ ଜୁଲାଇରେ ଏକ ୧୮ ମାସର ଶିଶୁ ଏକ ଛୋଟ ସେଓ ଖଣ୍ଡ ଗିଳି ଦେଇଥିଲା। ତାହା ଗଳାରେ ଫସି ରହିଥିଲା। ପିଲାଟିର ପିତାମାତା ତାକୁ ବ୍ରଜରାଜନଗରର କେନ୍ଦ୍ରୀୟ ହସ୍ପିଟାଲ, ଇବ ଭ୍ୟାଲି ଏରିଆକୁ ନେଇଯାଇଥିଲେ। ସେଠାରେ କୌଣସି ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ଉପଲବ୍ଧ ନଥିଲେ ଏବଂ ଉପସ୍ଥିତ ଡାକ୍ତରମାନେ ଶିଶୁର ଗଳାରୁ ସେଓ ଖଣ୍ଡ ବାହାର କରିବା ପାଇଁ କୌଣସି ଚିକିତ୍ସା ଉପକରଣ ଉପଲବ୍ଧ ନଥିବାରୁ ଚିକିତ୍ସା କରିବାକୁ ମନା କରି ଦେଇଥିଲେ। ପରିବାର ଲୋକେ ଶିଶୁକୁ ଝାରସୁଗୁଡ଼ା ଜିଲ୍ଲା ଡାକ୍ତରଖାନାକୁ ନେବାକୁ ବାଧ ହୋଇଥିଲେ। ଶେଷରେ କଷ୍ଟ ପାଇ ଶିଶୁଟି ରାସ୍ତାରେ ପ୍ରାଣ ହରାଇ ଥିଲା। ଏହି ଘଟଣାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ଦାୟୀ ଅଧିକାରୀଙ୍କ ବରୋଧରେ ଗୁରୁତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ କେନ୍ଦ୍ରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହିପରି ଘଟଣାର ପୁନରବୃତ୍ତି ଯେପରି ନ ହୁଏ ସେଥିପାଇଁ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକେ ଯେପରି ଆବଶ୍ୟକ ଚିକିତ୍ସା ସେବା ପାଇ ପାରିବେ ସେଥିପାଇଁ ଏଠାରେ ଖାଲି ଡାକ୍ତର ପଦବୀ ପୂରଣ କରିବା, ବନ୍ଦ ଥିବା ଓଟି ଏବଂ ଅନ୍ୟାନ୍ୟ ବିଭାଗଗୁଡିକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବରଗଡ଼ ସାଂସଦ ଦାବି ଉପସ୍ଥାପନ କରିଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି

ଦେବଗଡ଼,୩୦।୭ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ମୋଟର ଯାନ ନିରୀକ୍ଷକ ଶ୍ରୀବଚ୍ଛ ଦଳେଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାରେ ସଡ଼କ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ରିଆମାଳରୁ ଏନ୍ଏଚ୍ ୫୩ ରାସ୍ତାର ସୁରକ୍ଷା ନିମନ୍ତେ ସାଇନ୍ ବୋର୍ଡ, ତିଲେଇବଣିରୁ ବଞ୍ଜାରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ, ସାଧାରଣ ଜନତାଙ୍କ ଦ୍ୱାରା ପୌରାଞ୍ଚଳ ରାସ୍ତାରେ ବାଲି, କଂକ୍ରିଟ ଓ ଇଟା ଦ୍ୱାରା ଅବରୋଧ ଉପରେ କଟକଣା ପାଇଁ ଆଲୋଚନା ହୋଇଥିଲା। ସେହିପରି ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଢାବା ଓ ବିଦ୍ୟାଳୟ ପାଶ୍ୱର୍ରେ ଥିବା ବେଆଇନ ମଦ ବିକ୍ରୟ, ବସ୍ ଟର୍ମିନାଲ ଓ ହେଲମେଟ ଚେକିଂ ଆଦି କଟକଣା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ରାସ୍ତା ଓ ଗୃହ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହାନ୍ତ, ଅବକାରୀ ଇନ୍ସପେକ୍ଟର ସନ୍ତୋଷ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର, ସଂସ୍କାର ଅନୁଷ୍ଠାନ କୁମୁଦ ବନ୍ଧୁ ଶତପଥୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୩୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି କକ୍ଷରେ ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମଙ୍ଗଳବାର ଜିଲ୍ଲାର ସାମ୍ବାଦିକ ମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଏକ ଶିଳ୍ପ ବହୁଳ ଜିଲ୍ଲା ହୋଇଥିବା ବେଳେ ଏଠାରେ କିଭଳି ପ୍ରଦୂଷଣ ରୋକାଯାଇ ପାରିବ, କିପରି ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଗଠନ କରିହେବ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି ଜିଲ୍ଲାପାଳ କହିଛନ୍ତି। ସେହିପରି ଶିଳ୍ପ ସହିତ ସମାଜର ବିକାଶ କରି ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିବେ ବୋଲି ସେ କହିଛନ୍ତି। ଶିକ୍ଷା, ସାସ୍ଥ୍ୟ, ଗମନା ଗମନ ଆଦିର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ସେ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରଥିଲେ। ଝାରସୁଗୁଡ଼ାରେ ଶିଳ୍ପର ବିକାଶ ସହିତ କୃଷି ଓ ଜଳସେଚନର ବିକାଶ, କିପରି ଜିଲ୍ଲାରେ ରାଜସ୍ୱ ବୃଦ୍ଧି ପାଇବ ସେ ଦିଗରେ ଧ୍ୟାନ ଦେବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ନୂତନ ଜିଲ୍ଲାପାଳ କହିଥିଲେ।

# ରାଜପୁରରେ ଜନଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୩୦।୭ (ସମିସ): ରାଜପୁର ପଞ୍ଚାୟତ ସଭାଗୃହରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ୮୦ଟି ଅଭିଯୋଗ ଦାଖଲ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଥାଶୀଘ୍ର ସେଗୁଡ଼ିକର ସମାଧାନ ହେବ ବୋଲି ଲୋକମାନଙ୍କୁ ଜଣାଇଥିଲେ।

# ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ




ଝାରସୁଗୁଡ଼ା,୩୦।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଅଧୀନ ଲଇକେରା ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲରେ ସାହିତ୍ୟର ସ୍ୱର ନିରଞ୍ଜନା ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ, କିମ୍ବଦନ୍ତୀ ନାଟ୍ୟ ମହର୍ଷି ଶାସ୍ତ୍ରୀୟ ଶବ୍ଦ ନୃତ୍ୟର ପ୍ରଣେତା ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆବାହକ ଅନୁଷ୍ଠାନର ସମ୍ପାଦକ କବି ଅଧ୍ୟାପକ ପ୍ରମୋଦ ସିଂହ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ନାଟ୍ୟକାର ନିର୍ଦ୍ଦେଶକ ପ୍ରାକ୍ତନ ପ୍ରାଧ୍ୟାପକ ରୋହିତ ପଟେଲଙ୍କ ସଭାପତିତ୍ୱରେ ଗୁରୁ ଚରଣ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ସୁଶାନ୍ତ ରଥ, ମୁଖ୍ୟ ବକ୍ତା ଶାନ୍ତିଲତା ହାଁସଦା, ସମ୍ମାନିତ ଅତିଥି ରସାୟନ ବିଜ୍ଞାନ ଅଧ୍ୟାପକ ସୁଦୀପ ପୁରୋହିତ, ସୁପ୍ରଭା ନାୟକ, ରୁଦ୍ରାକ୍ଷ ପ୍ରଧାନ, ରାସେଶ୍ୱର ସାହୁ, ଚନ୍ଦ୍ରିକା ମାଝି, ଜେମିନୀ ନେଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ଉପରେ ଛାତ୍ରୀ ମାମି ମହାପାତ୍ର, ଅନ୍ନପୂର୍ଣ୍ଣା ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଜଗନ୍ନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବେଲପାହାଡରେ ଚାରାରୋପଣ

ଝାରସୁଗୁଡ଼ା,୩୦।୭ (ସମିସ): ବୃକ୍ଷର ବନ୍ଧୁ ସଂଗଠନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଗୁମାଡେରା ଖଲଗୁଡାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭବାରେ ପ୍ରୀତିପ୍ରଭା କୁଲ୍ଲୁ, ଅଲିଭା ତାଣ୍ଡି ଉପସ୍ଥିତ ଥିଲେ। ବୃକ୍ଷର ବନ୍ଧୁ ସଂଗଠନର ସଭାପତି ଜେନାମଣି ସେଠ ଏବଂ ସମସ୍ତ ମହିଳା ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ। ବେଲପାହାଡ ଖଲଗୁଡାରେ ଆମ୍ବ, ନିମ୍ବ, ପଣସ, କରଞ୍ଜ, ଜାମୁକୋଳି ପରି ବିଭିନ୍ନ ପ୍ରକାର ୧୦୦ଟି ଗଛଚାରା ଲଗା ଯାଇଥିଲା।



# ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ବିଇଏମ ବିଦ୍ୟାଳୟରେ ପାଳିତ




ଝାରସୁଗୁଡ଼ା,୩୦।୭ (ସମିସ): ପ୍ରତିବର୍ଷ ୨୯ ଜୁଲାଇକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଭାବେ ପାଳନ କରାଯାଏ। ଦିବସକୁ ବାଘ ସଂରକ୍ଷଣ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବାର ଜରୁରୀ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବେଲପାହାଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଇକୋ କ୍ଲବ୍ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥି ଭାବେ ବିଦ୍ୟାଳୟର ଉପାଧ୍ୟକ୍ଷ ବିଜୟ ଗୌଡ, ସୁନନ୍ଦ ପଣ୍ଡା, ଧର୍ମେନ୍ଦ୍ର ବିଶ୍ୱକର୍ମା ଉପସ୍ଥିତ ଥିଲେ। ଇକୋ କ୍ଲବ୍ ପ୍ରଭାରୀ ଶିକ୍ଷକ ହମିଦ ମହାପାତ୍ର ଏବଂ ମୁଖ୍ୟ ଅତିଥି ପିଲାମାନଙ୍କୁ ବ୍ୟାଘ୍ର ତଥା ବ୍ୟାଘ୍ରମାନଙ୍କ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା ଦେବା ଉପରେ ବୁଝାଇଥିଲେ। ଛାତ୍ର ପଙ୍କଜରାୟ ବାଘ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ।

# ବେଲପାହାଡରେ ହେବ ଆଲୋଚନାଚକ୍ର ଓ କବି ସମ୍ମିଳନୀ

ଝାରସୁଗୁଡ଼ା,୩୦।୭ (ସମିସ): ବେଲପାହାଡ ମିରର ଥିଏଟରର ୩୩ ତମ ପ୍ରତିଷ୍ଠା ଦିବସ ଆସନ୍ତା ଅଗଷ୍ଟ ୧୨ ତାରିଖ ଦିନ ମହାସମାରୋହରେ ପାଳନ କରାଯିବ। ଏହି ଅବସରରେ ଥିଏଟର ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଆଲୋଚନାଚକ୍ର ଓ କବି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀକର ଭୋଇ, କୈଳାଶ ଚନ୍ଦ୍ର ପଟ୍ଟନାୟକ, ମିନତୀ ମହାପାତ୍ର, ଅବନିକାନ୍ତ ପାଣି, ପଣ୍ଡିତରଘୁନାଥ ନାୟକ, ସୁରେଶ ପ୍ରଧାନ, ଡ.ଦିଲୀପ ନାଏକ, ଜେନାମଣି ସେଠ, ଠାକୁର ପ୍ରଧାନ, ସଞ୍ଜୟ ମହାରଣା, ମନୋଜ ମେହେର, ସରୋଜ ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ସାମିଲ ରହି ଆଲୋଚନା କରିଥିଲେ।

# ଗୋହିଡାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଘୋଷଣା ସମାରୋହ

ରିଆମାଳ,୩୦।୭ (ସମିସ): ରିଆମାଳ ବ୍ଲକ୍ କଣ୍ଟାବାହାଲ ପଞ୍ଚାୟତ ଅଧୀନ ଗୋହିଡାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ବୁଧବାର ଗୋହିଡା ଗାଁରେ ଏକ ଭବ୍ୟ ସମାରୋହ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ଆଦିତ୍ୟ ପଣ୍ଡା, ଡିଡବ୍ଲ୍ୟୁଓ ଶିଶିର ପୁହାଣ, କଣ୍ଟାବାହାଳ ଡବ୍ଲ୍ୟୁଇଓ, ସରପଞ୍ଚ କୁବେର ପ୍ରଧାନ, ସମିତି ସଦସ୍ୟ ମଦନ ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୪୫ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଯୋଜନାରେ ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଜି ସମସ୍ତ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗାଁ ଘୋଷଣା କରାଯାଇଛି। ଏହି ଯୋଜନା ଦ୍ୱାରା ଗାଁର ଶିକ୍ଷା, କୃଷି, ଗମନା ଗମନ, ସାଂସ୍କୃତିକ ତଥା ସାମଗ୍ରିକ ବିକାଶ ହୋଇପାରିବ ବୋଲି ଅତିଥି ମାନେ ତାଙ୍କ ଅଭିଭାଷଣରେ କହିଥିଲେ। ଏହା ସହିତ ଗାଁରେ ଏକ ଖେଳ ପଡିଆ ନ ଥିବାରୁ ଯଥାଶୀଘ୍ର କରିବା ପାଇଁ ଅଧିକାରୀଙ୍କୁ ଗ୍ରାମବାସୀ ନିବେଦନ କରିଥିଲେ। ଉତ୍ସବରେ ସମସ୍ତ ୱାର୍ଡ ମେମ୍ବର ଏବଂ ଶତାଧିକ ଗୋହିଡା ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବାଟିକାରେ ମାତୃସମ୍ମିଳନୀ

ଝାରସୁଗୁଡ଼ା,୩୦।୭ (ସମିସ): ବ୍ରଜରାଜନଗର ଶିଶୁ ବାଟିକାରେ ବୁଧବାର ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲଖନପୁର ଶିଶୁ ବାଟିକା ପ୍ରମୁଖା ତଥା ବ୍ରଜରାଜନଗର ସଂକୁଳ ପ୍ରମୁଖ ଲଳିତା ବିଶ୍ୱାଳ ଗୁରୁମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ବୀଣାପାଣି ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସାହେବ ରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିଶୁମାନେ ସୁନ୍ଦର ଗୀତ ଅଭିନୟ ପ୍ରଦର୍ଶନ କରିଥିଲେ। ମା' ମାନଙ୍କୁ ନେଇ ଚର୍ଚ୍ଚା କାଳାଂଶ ହୋଇଥିଲା। ସମ୍ପାଦକ ସାହେବ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୭୫ଜଣ ମା' ଉପସ୍ଥିତ ଥିଲେ। ମାରା ଗୁରୁମା, ଭାଷାରାଣୀ ଗୁରୁମା, ପ୍ରେମଲତା ଗୁରୁମା, ସରିତା ଗୁରୁମା, ସୁନୀତି ଗୁରୁମା, ପ୍ରିୟଙ୍କା ଗୁରୁମା ଓ ଦିପ୍ତିରାଣୀ ଗୁରୁମା ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।



# ବନ୍ଧବାହାଲ ଶିଶୁ ବିଦ୍ୟାମନ୍ଦିରରେ ଚାରାରୋପଣ

ଇବଥର୍ମାଲ,୩୦।୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବନ୍ଧବାହାଲରର ଜଗନ୍ନାଥନଗର ବିଦ୍ୟାଳୟ ପରିସରରେ ବୁଧବାର ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଶିଶୁ ବାଟିକା ବିଭାଗର କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଧାନଆଚାର୍ଯ୍ୟ ଶ୍ରୀ ସାହୁ ଉଦ୍‌ବୋଧନ ଦେଇ ପରିବେଶ ସୁରକ୍ଷା ହିଁ ଇଶ୍ୱରଙ୍କ ଶ୍ରେଷ୍ଠ ଉପସନା ବୋଲି କହିଥିଲେ। ଗୁରୁମା ରୋଜାଲି ହୋତାଙ୍କ ନିର୍ଦ୍ଦେଶରେ ଶିକ୍ଷାର୍ଥୀମାନେ ଔଷଧୀୟ ଗୁଣ ଥିବା ୧୭ ପ୍ରକାରର ଚାରା ଯଥା ତୁଳସୀ, ନିମ୍ବ, ବରକୋଳି, ବେଲ, ଘିକୁଆଁରୀ, ସଜନା, ଅଁଳା ଆଦି ଗଛଚାରା ଆଣିଥିଲେ। ସେମାନଙ୍କୁ ଜନ୍ମଦିନ ପାଳନରେ ମଧ୍ୟ ଗୋଟିଏ ଲେଖାଁ ଗଛ ଲଗାଇବା ପାଇଁ କୁହାଯାଇଥିଲା। ଶିଶୁ ବାଟିକା ବିଭାଗର ଗୁରୁଜୀ ସୀମାଞ୍ଚଳ ଜେନା, ପ୍ରଜ୍ଞା ଦାସ ଗୁରୁମା, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଟ ଓ ପୂଜା ମେହେର ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ରହିଥିଲେ।



# ଭୁଜାଲି ଦେଖାଇ କାଉଡ଼ିଆଙ୍କୁ ଲୁଟ୍, ୩ ଗିରଫ

ଝାରସୁଗୁଡ଼ା,୩୦।୭ (ସମିସ): ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଞ୍ଚଳରୁ ଜଣେ ବୋଲବମ ଭକ୍ତଙ୍କୁ ଲୁଟ କରିବା ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୋମବାର ସୁନ୍ଦରଗଡ ଜିଲ୍ଲା କନକତୋରା ଗାଁର ଶଙ୍କର ରଣା ଇବ ନଦୀ ତଟରେ ଥିବା ବରଘାଟ ଶିବ ମନ୍ଦିରରେ ଜଳଲାଗି ପାଇଁ ବୋଲବମ ଯାତ୍ରାରେ ଆସିଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇବା ସହିତ ମୋବାଇଲ ଆଦି ଲୁଟ କରିଥିଲେ। କିନ୍ତୁ ଚିତ୍କାର କରିବାରୁ ଅଭିଯୁକ୍ତ ତ୍ରୟ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର କିଛି ବ୍ୟକ୍ତି ସେମାନଙ୍କୁ ଗୋଡ଼ାଇ ଧରିବା ସହ ପୁଲିସକୁ ଜିମା ଦେଇଥିଲେ। ଏହାକୁ ନେଇ ପୁଲିସ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ସଦର ଥାନା ଅଞ୍ଚଳର ଶିବା ନାୟକ (୩୧), ଝାରସୁଗୁଡ଼ା ଥାନା ଅଞ୍ଚଳର ଅମିତ ପାନ (୨୦) ଓ ମକରଧ୍ୱଜ ସତନାମୀ (୨୨)। ଅଭିଯୁକ୍ତ ମାନଙ୍କ ନିକଟରୁ ଗୋଟାଏ ମୋବାଇଲ ଫୋନ, ଗୋଟାଏ ଭୁଜାଲି, ଗୋଟାଏ ଛୁରୀ ଜବତ କରାଯାଇଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି।



# ଗ୍ରୁପ ଲୋନ ବାହାନାରେ ମହିଳାଙ୍କୁ ଠକେଇ

ଝାରସୁଗୁଡ଼ା,୩୦।୭ (ସମିସ):

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ମହିଳା ମାନଙ୍କୁ ଗ୍ରୁପ ଲୋନ କରାଇଦେବା ନାରେ ଦୁର୍ବୃତ୍ତ ମାନେ ଠକେଇ କରିଛନ୍ତି। ଲୋନ ବାବଦକୁ ଏକାଧିକ ମହିଳାଙ୍କ ଠାରୁ ୨୨୦୦ ଟଙ୍କା ଲେଖାଏଁ ନେଇ ୪ ଜଣ ଦୁର୍ବୃତ୍ତ ଫେରାର ମାରିଛନ୍ତି। ଠକେଇର ଶିକାର ହୋଇଥିବା ମହିଳାମାନେ ବୁଧବାର ବେଲପାହାଡ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମାଇକ୍ରୋ ଫାଇନାନ୍ସ ଜରିଆରେ ଲୋନ ଦେବୁ ବୋଲି କିଛି ଯୁବକ ବେଲପାହାଡ ଅଞ୍ଚଳର କଟୁଯୋର, ମହିଯୋର, ଛୁଆଲିବେର୍ଣ୍ଣାକୁ



ଆସି ସେଠାକାର ମହିଳା ମାନଙ୍କସହ ଯୋଗାଯୋଗ କରିଥିଲେ। ୨୨୦୦ ଟଙ୍କା ଦେଲେ ୫୦ ହଜାର ଲୋନ କରାଇଦେବାକୁ ସ୍ୱପ୍ନ ଦେଖାଇ ମହିଳା ମାନଙ୍କ ଠାରୁ ଟଙ୍କା ନେଇଥିଲେ। ଟଙ୍କା ନେବାପରେ ଏକ ରସିଦ ଦେଇ ଆଉ ଧରାଛୁଆଁ ଦେଇ ନଥିଲେ। ମହିଳା ମାନେ ଗାନ୍ଧୀ ଛକରେ ଥିବା ସେମାନଙ୍କ ଅଫିସକୁ ଯାଇ ଦେଖିଲା ବେଳକୁ ଅଫିସ ଖାଲି କରି ଦୁର୍ବୃତ୍ତ ମାନେ ଫେରାର ହୋଇ ସାରିଥିଲେ। ଫଳରେ ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣିପାରି ବେଲପାହାଡ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ଆମେରିକାର ଟିକସ କଷଣ

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ପାଇଁ ଧାର୍ଯ୍ୟ ସମୟ ଆଉ ଗୋଟିଏ ଦିନ ପରେ ଅତିକ୍ରମ କରିବ। କିନ୍ତୁ ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଅସଲ ଚେହେରା ଦୁନିଆକୁ ଦେଖାଇଛନ୍ତି। ଭାରତ ଆମେରିକାର ବନ୍ଧୁ ହୋଇଥିଲେ ମଧ୍ୟ ରୁଷରୁ ଇନ୍ଧନ ଓ ପ୍ରତିରକ୍ଷା ଉପକରଣ କିଣୁଥିବାରୁ ଭାରତର ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ସହିତ ଅତିରିକ୍ତ 'ରୁଷ୍-ଜୋରିମାନା' ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଜୋରିମାନା ପରିମାଣ କେତେ ହେବ ତାହା ଏବେ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ୧୦୦% ଟପିପାରେ ବୋଲି ସୂଚନା ମିଳିଛି। ରୁଷ୍‌କୁ ଅର୍ଥନୈତିକ ଏକଘରିକିଆ କରିବା ଲକ୍ଷ୍ୟରେ ଆମେରିକା ବଦ୍ଧ ପରିକର। ଅପରପକ୍ଷରେ ରୁଷ୍ ଭାରତର ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ହୋଇଥିବାରୁ ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ସେହି ଦେଶ ସହିତ ବାଣିଜ୍ୟ ସମ୍ପର୍କ ତୁଟାଇ ନାହିଁ କି ଆଗକୁ ମଧ୍ୟ ସେ ସମ୍ଭାବନା ନାହିଁ। ତେଣୁ ଏବେ ଭାରତ ଟ୍ରମ୍ପଙ୍କ ରୋଷର ଶିକାର ହେବା ସ୍ୱାଭାବିକ।

ଏ କଥା ସତ ଯେ ଆମ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ସିଦ୍ଧାନ୍ତ ବା ନିଷ୍ପତ୍ତିର ନିକଟବର୍ତ୍ତୀ ହୋଇଥିବା ଦାବି କରିଛନ୍ତି। ତେବେ ପରିସ୍ଥିତି ଉପରେ ଦୃଷ୍ଟି ରଖିଥିବା ବିଶେଷଜ୍ଞ ମତରେ ଏବେ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଚୂଡ଼ାନ୍ତ ରାଜିନାମା ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟିକ କାରବାର ସମ୍ଭାବନା ଉଣା। ଭାରତ-ବ୍ରିଟେନ ମଧ୍ୟରେ ବାଣିଜ୍ୟ ରାଜିନାମା ପରେ ସ୍ଥିତିରେ ପରିବର୍ତ୍ତନ ଘଟିଛି। ୟୁରୋପୀୟ ରାଷ୍ଟ୍ରସଂଘ ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଭାରତ ସହ ବାଣିଜ୍ୟକ ସଂପର୍କ ରକ୍ଷା ନେଇ ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତ ଅତିରିକ୍ତ ସମୟ ଦେଇ ଆମେରିକା ସହ ଆଲୋଚନାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେବା ସକାଶେ ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିଛି। କାରଣ ଆମେରିକା-ଭାରତର ବାଣିଜ୍ୟ ରାଜିନାମାର ପ୍ରଭାବ ଦେଶର ଅର୍ଥନୀତି ଓ ଷ୍ଟକବଜାର ଉପରେ ପଡ଼ୁଛି।

ଇତିମଧ୍ୟରେ ଟ୍ରମ୍ପ ଭାରତକୁ ବାଦଦେଇ ଅନ୍ୟ ବହୁରାଷ୍ଟ୍ର ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିସାରଲେଣି। ସେମାନଙ୍କ ମଧ୍ୟରେ ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ଫିଲପାଇନ୍ସ ଅନ୍ୟତମ। ଏହାଛଡ଼ା ଅନ୍ୟ ୨୦ଟି ରାଷ୍ଟ୍ର ସହ ଖୁବ୍ ଶୀଘ୍ର ବୁଝାମଣା ହେଉଥିବାର ସୂଚନା ମିଳିଛି। ସେହିଭଳି ଆମେରିକା ଓ ଚୀନ ମଧ୍ୟରେ ସ୍ୱାକ୍ଷରିତ ଟାରିଫ ଓ ରପ୍ତାନି ନିୟନ୍ତ୍ରଣ ରାଜିନାମାର ମିଆଦ ଅଗଷ୍ଟ ୧୨ ତାରିଖରେ ଶେଷ ହେଉଛି। ଯେତେଦୂର ମନେ ହୁଏ ପୁଣି ତାହାର ସମୟସୀମା ବଢ଼ିବ। ଦୁଇ ରାଷ୍ଟ୍ରର ପ୍ରତିନିଧିଙ୍କ ମଧ୍ୟରେ ଷ୍ଟକ୍‌ହୋମ୍ ଓ ସ୍ୱିଡେନରେ ବୁଝାମଣା ପ୍ରକ୍ରିୟା ଏଥିମଧ୍ୟରେ ଆରମ୍ଭ ହୋଇଯାଇଛି। ଆମେରିକା ଓ ଭାରତ ବାଣିଜ୍ୟ ରାଜିନାମା ବିଳମ୍ବିତ ହେବା ପଛରେ ଟ୍ରମ୍ପଙ୍କ କେତେକ ସର୍ତ୍ତ ଦାୟୀ। ତେଣୁ ଆଲୋଚନା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବାର ଗୋୟଲଙ୍କ ଦାବି ଆଶା ସଂଚାର କରୁଥିଲେ ମଧ୍ୟ ବହୁ ବିବାଦୀୟ ପ୍ରସଙ୍ଗ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏଥିପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ବିବାଦୀୟ ଆଭିମୁଖ୍ୟ ଅନ୍ୟତମ। ଯେତେଦୂର ମନେହୁଏ ବାଣିଜ୍ୟ ରାଜିନାମା ସଂପର୍କରେ କିଛି ଆସ୍ଥାସୂଚକ ମତାମତ ନେଇ ପରିସ୍ଥିତିକୁ ସହଜ ଓ ସାବଲୀନ କରିବାକୁ ପୀୟୁଷ ଗୋଏଲ ପ୍ରୟାସ କରୁଛନ୍ତି। କିନ୍ତୁ ଏହାପୂର୍ବରୁ ଟ୍ରମ୍ପ ଭାରତ ବିରୋଧରେ ଟିକସ ହାର ଘୋଷଣା କରି ପରୋକ୍ଷ ଚାପ ସୃଷ୍ଟି କରିଥିବା ଜଣାପଡୁଛି।

ଭାରତ-ଆମେରିକା ଦ୍ୱିପାକ୍ଷିକ ରାଜିନାମାରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି କୃଷି ଓ ଦୁଗ୍ଧଜାତ ଦ୍ରବ୍ୟକୁ ନେଇ। ଆମେରିକା ଉଭୟ ସାମଗ୍ରୀର ବିପଣନ ସକାଶେ ଭାରତୀୟ ବଜାର ଉନ୍ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆଭ୍ୟନ୍ତରୀଣ ବାଧ୍ୟବାଧକତା ଦୃଷ୍ଟିରୁ ଭାରତ ସାଲିସ କରିବା ଏତେ ସହଜ ନୁହେଁ। ଏମିତିରେ କୃଷକଙ୍କ ଏକାଧିକ ଦାବିକୁ ସରକାର ଗ୍ରହଣ କରୁନଥିବାରୁ ଏବେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ସରକାର ଯଦି ଚାପର ପରବର୍ତ୍ତୀ ହୋଇ ବଜାର ସୁବିଧା ଆମେରିକାକୁ ଦିଅନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଭାରତୀୟଙ୍କ ଡାଟା ଗୋପନୀୟତା ଆଇନ ଓ ସଂରକ୍ଷିତ ଡିଜିଟାଲ୍ ମାର୍କେଟ୍‌ରେ ଆମେରିକୀୟ ବୈଷୟିକ ସଂସ୍ଥାଙ୍କ ଅନୁପ୍ରବେଶ ସୁବିଧା କ୍ଷେତ୍ରରେ ଥିବା କଟକଣା ପ୍ରତ୍ୟାହାର ଦାବି ଅନ୍ୟ ଏକ ପ୍ରସଙ୍ଗ। ଦେଶର ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ ଯାହା, ସେଥିରେ ସରକାର 'ଆ ବଦଳ ମତେ ବିନ୍ଧ' ନୀତି ଅନୁସରଣ କରିବା ଏତେ ସହଜ ନୁହେଁ। ବିଳମ୍ବିତ ନିଷ୍ପତ୍ତିର ଏହି ଦିଗ ବେଶ ଚିନ୍ତା ଉଦ୍ରେକକାରୀ ହୋଇଥିଲେ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ସୀମିତ ବାଣିଜ୍ୟ କାରବାର ପାଇଁ ଯେତେଦୂର ସମ୍ଭବ ପଥ ପରିଷ୍କାର ହେବ ବୋଲି ଗତ ୨୪ ତାରିଖରେ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଇସ୍ପାତ, ଆଲୁମିନିୟମ ଓ କାର ରପ୍ତାନି ଉପରେ ଅତିରିକ୍ତ ଶୁଳ୍କ ଲାଗୁ ସକାଶେ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେଥିରେ ହ୍ରାସ ଘଟାଇବାର ସମ୍ଭାବନା ରହିଛି। ତେବେ ତାହା ବିନିମୟରେ ଭାରତ ବଜାର ଦଖଲ କରିବାର ପ୍ରୟାସକୁ ଯେ ଆଖିବୁଜି ଦିଆଯିବ ଏକଥା ନୁହେଁ।

ପାରସ୍ପରିକ ସ୍ୱାର୍ଥ ରକ୍ଷା ଏବଂ ଭୂ-ରାଜନୈତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ସ୍ତରରେ ମୁଣ୍ଡ ଟେକୁଥିବା ଫୋରମକୁ ଭଲ ଆଖିରେ ଦେଖେନାହିଁ ଆମେରିକା। ଅନେକ କ୍ଷେତ୍ରରେ ଆମେରିକାର ଏକଚ୍ଛତ୍ରବାଦୀ ଆଭିମୁଖ୍ୟ ବିରୋଧରେ ମଧ୍ୟ ଏହି ଫୋରମ୍ ନିଷ୍ପତ୍ତି ଗ୍ରହଣ କରିଥାଏ। ହୋଇପାରେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ନିଜର ସ୍ୱାର୍ଥରକ୍ଷା ପାଇଁ ଆଞ୍ଚଳିକ ଶକ୍ତିଙ୍କର ଯେଉଁ ଅଭ୍ୟୁଦୟ ଘଟୁଛି ତାହାକୁ କଠୋର କଟକଣା ପ୍ରୟୋଗ କରି ରୋକିବା ସମ୍ଭବ ନୁହେଁ। ବ୍ରିକ୍ସ ଓ ଏସ୍‌ସିଓରେ ଚୀନର ପ୍ରାଧାନ୍ୟ ଥିଲେ ମଧ୍ୟ ଭାରତ ଯେ ଅନ୍ୟତମ ଶକ୍ତି କେନ୍ଦ୍ର ତାହାକୁ ଅସ୍ୱୀକାର କରିହେବନି। ତେଣୁ ଏସବୁ ସଂଗଠନରେ ଭାରତ ଭୂମିକା ଓ ରୁଷରୁ ତୈଳ ଆମଦାନୀ ଭଳି ପ୍ରସଙ୍ଗ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଟ୍ରମ୍ପ କ୍ଷମତାସୀନ ହେବା ପରେ ପରେ ଯେଉଁ ବାଣିଜ୍ୟ ଯୁଦ୍ଧ ଘୋଷଣା କରିଥିଲେ, ଆମେରିକାବାସୀଙ୍କ ସ୍ୱାର୍ଥ ଓ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଏବେ ସେଥିରେ ସାଲିସ୍ କରିବାକୁ ବାଧ୍ୟ ହୋଇଛନ୍ତି।

ଭାରତର ବାଣିଜ୍ୟିକ ସ୍ୱାର୍ଥରକ୍ଷାର ଗୁରୁତ୍ୱ ଦୃଷ୍ଟିରୁ. ଟ୍ରମ୍ପଙ୍କ ସହ ମଧ୍ୟ ସବୁକଥାରେ ସାଲିସ କରି ହେବନି। ଏକଥା ସତ ଯେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଲୋଚନାକୁ ଆଗେଇ ନେଇ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସହଜ ନୁହେଁ। ତେଣୁ ଭାରତକୁ ଏହି ରାଜିନାମା ପାଇଁ ଅଧିକ ସମୟ ଦେବାକୁ ପଡ଼ିବ।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଅନିଶ୍ଚିତ

**ଡଃ ସ୍ୱାଧୀନ କୁମାର ଦାଶ**

ରାଜଧାନୀର କର୍ମଜୀବୀ, ବ୍ୟବସାୟୀ ଓ ବିଦ୍ୟାର୍ଥୀଙ୍କ ସମେତ ଜନସାଧାରଣଙ୍କ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ଇସ୍ତାହାରରେ ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରତିଶ୍ରୁତି ଦେଇଥିଲେ। ନଭେମ୍ବର ୧୪, ୨୦୨୩ରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଥିଲା। ଦେଶର ଅଗ୍ରଣୀ ଦିଲ୍ଲୀ ମେଟ୍ରୋ ରେଳନିଗମ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ମଧ୍ୟ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୨୪, ଜାନୁୟାରୀ ୧ତାରିଖରେ ହୋଇଥିଲା। ଏହା ଭୁବନେଶ୍ୱର ସମେତ ରାଜ୍ୟବାସୀଙ୍କୁ ଟ୍ରାଫିକ ସମସ୍ୟାରୁ ଆଶ୍ୱସ୍ତି ପାଇବାଇବାର ଆଶ୍ୱାସନା ପ୍ରଦାନ କରିଥିଲା। ଅଧୁନା ଶିଳାନ୍ୟାସର ପ୍ରାୟତଃ ୧୮ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର ଅଗ୍ରଗତି ଦୂରେ ଥାଉ ଟେଣ୍ଡର ବାତିଲ୍ ହୋଇଥିବା ସୂଚନା ମିଳିଛି। ଏହା ଭିତରେ ଥିବା କାରଣ କ'ଣ? ତାହା ଆମ ପରି ସାଧାରଣ ଲୋକ କ'ଣ ବୁଝିପାରିବ? ସେସବୁ ଗହନ ଚାଷର ପାଠ।

ସୂଚନାଯୋଗ୍ୟ ଭାରତବର୍ଷରେ ଅଧୁନା ୧୬ଟି ସହରରେ ମେଟ୍ରୋରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଜନସାଧାରଣ ସେବାରେ ଲାଗୁଛି। ସୂଚନାଯୋଗ୍ୟ, ଭାରତବର୍ଷରେ ସର୍ବପ୍ରଥମେ ୧୯୪୯-୫୦ ମଧ୍ୟରେ ଅଗ୍ରଣୀ ସହର କଲିକତାରେ ତତ୍‌କାଳୀନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟ ମେଟ୍ରୋରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଏହାର ୨୩ ବର୍ଷ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଭାରତୀୟ ଓ ବିଦେଶ ସଂସ୍ଥା ମିଳିତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ୧୯୭୩ ମସିହାରେ କଲିକତାଠାରେ ଉକ୍ତ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଅକ୍ଟୋବର ୨୪, ୧୯୮୪ ମସିହାରେ ଭାରତବର୍ଷରେ ସର୍ବପ୍ରଥମେ ମେଟ୍ରୋ ଟ୍ରେନ ଚଳାଚଳ କରି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହେଲା। ଯଦିଓ ଏହାପରେ ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ଜୟପୁର, କୋଚି, ଲକ୍ଷ୍ନୌ, କାନପୁର, ନୋଏଡା, ଗୁଡଗାଓଁ ଓ ମିରଟ ପରି ୧୬ଟି ସହରରେ ମେଟ୍ରୋ ରେଳ ଚଳାଚଳ କରି ଦେଶର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି। ଭାରତରେ ଅଦ୍ୟାବଧି ୮୩୫ କିଲୋମିଟର ମେଟ୍ରୋ ରେଳ ମାର୍ଗ କାର୍ଯ୍ୟକ୍ଷମ ଅଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅନେକାଂଶରେ ପରିଲକ୍ଷିତ ହେଉଛି। ଯାତାୟତ ଜନିତ ସମୟ ଅପଚୟ ହ୍ରାସ ପାଇ ଉକ୍ତ ସହରଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ କରାଯାଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ କିଛି ରାଜ୍ୟମାନେ ମେଟ୍ରୋ ରେଳ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରି ପ୍ରକଳ୍ପ ସମ୍ବଳିତ ଡିପିଆର ଏବଂ ପ୍ରଶାସନିକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଏହିକ୍ରମରେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ୨୬ କି.ମି. ପ୍ରଶସ୍ତ ମେଟ୍ରୋ ରେଳ ଧାରଣା ସହ ୨୦ଟି ରହଣି ସ୍ଥାନ ନିର୍ମାଣ ପ୍ରସ୍ତାବ ରହିଥିଲା। ୬୨୬୫କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ମାଧ୍ୟମରେ ଏହାର ପ୍ରଥମ କାର୍ଯ୍ୟଭାର ଠିକା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଦେଶରେ ଯେତେସବୁ ମେଟ୍ରୋ ରେଳ ପ୍ରକଳ୍ପମାନ କରାଯାଇଛି, ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ କରାଯାଇଛି। କିନ୍ତୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଦ୍ୱାରା ପ୍ରକଳ୍ପ ନିର୍ମାଣ ଜନିତ ଅର୍ଥ ବ୍ୟୟବରାଦ କେବଳ ରାଜ୍ୟ ସରକାର ବହନ କରି ସମସ୍ତ ଅର୍ଥରାଶିର ପ୍ରାବଧାନ ନିଜସ୍ୱ ରାଜ୍ୟ ବଜେଟ୍ ମଧ୍ୟରେ ରଖିଥିଲେ। ସରକାରଙ୍କ ଏହି ଫ୍ଲାଗ୍‌ସିପ୍ ଯୋଜନା ରାଜ୍ୟର ସ୍ୱାର୍ଥର ପ୍ରମୁଖତା ବହନ କରିବା ସହ ରାଜ୍ୟସରକାରଙ୍କ ଉଲ୍ଲେଖନୀୟ ସଫଳତା ବର୍ଣ୍ଣନାର ନୂତନ ଅଧ୍ୟାୟ ହେବା ନିଶ୍ଚିତ ଥିଲା।

କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳପ୍ରକଳ୍ପ ଉଭୟ ସହର ମଧ୍ୟରେ ଅନେକ ଦିଗରୁ ସଂପର୍କ ସ୍ଥାପନାରେ ସହାୟକ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ୨୦୨୪ରେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଥିଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଶେଷ ହେବାକୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଛି ସେହି ସମୟ ମଧ୍ୟରେ ପ୍ରକଳ୍ପ ସରିବା ଲାଗି ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ପୂର୍ବ ସରକାରରେ କରାଯାଇଥିବା କୌଣସି ଜନହିତକର କାର୍ଯ୍ୟକ୍ରମ ବନ୍ଦ କରାଯିବ ନାହିଁ ବୋଲି ମଧ୍ୟ ସେ କହିଥିଲେ। ପରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ସହର ଭିତରେ ମେଟ୍ରୋ ଟ୍ରେନ ଲାଇନ୍ ନିର୍ମାଣ ହେଲେ ଯେପରି ଜନସାଧାରଣଙ୍କର କୌଣସି ସମସ୍ୟା ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ପୂର୍ବକ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଆହ୍ୱାନକ୍ରମେ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ, ଟିପିସିଓଡିଏଲ୍, ଗେଲ୍, ବିଏସ୍‌ଏନ୍‌ଏଲ୍, ୱାଟକୋ, କମିଶନରେଟ୍ ଟ୍ରାଫିକ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଟିମ୍ ଡିପିଆର ଅନୁସରଣ ପୂର୍ବକ ସହର ଭିତର ଦେଇ ଯିବାକୁ ଥିବା ସାମ୍ଭାବ୍ୟ ମେଟ୍ରୋରେଳ ଗତିପଥ ବୁଲି ଦେଖିଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କ ଦ୍ୱାରା ଉକ୍ତ ଗତିପଥର ପ୍ରତ୍ୟେକ ୧୦୦ମି. ଅନ୍ତରରେ ମାଟିସ୍ତରରୁ ୪୦ମିଟର ଖୋଳାଯାଇ ମାଟିର ମାନ ଓ ଦୃଢ଼ତାକୁ ପରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏସବୁ ପରେ ପୂର୍ତ୍ତ ବିଭାଗୀୟ ମନ୍ତ୍ରୀଙ୍କ ବିବୃତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ଭଳି ଥିଲା। ତାଙ୍କ ମନ୍ତବ୍ୟ ଦୁଇଟି ଦିଗକୁ ଉପସ୍ଥାପିତ କରିଥିଲା। ପ୍ରଥମଟି ପୂର୍ବ ସରକାରଙ୍କ ନିଷ୍ପତ୍ତି ମୁତାବକ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଏୟାରପୋର୍ଟ ଛକଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଥିବାବେଳେ ଏହା ପରିବର୍ତ୍ତନ କରାଯାଇ କଟକ ପର୍ଯ୍ୟନ୍ତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ତତ୍ ସଂକ୍ରାନ୍ତୀୟ ଆଉ ଏକ ଡିପିଆର ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସଂପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଲେ। ଦ୍ୱିତୀୟଟି ମେଟ୍ରୋ ପ୍ରକଳ୍ପଟି ମାଟି ଉପରେ ନ ଯାଇ କଲିକତା ପରି ମାଟିତଳେ ନିର୍ମାଣ କରାଯିବ ଏବଂ ୨୦ଟି ରହଣି ସ୍ଥାନ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହେଲା। କାର୍ଯ୍ୟର ତଦାରଖ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସମେତ ଗବେଷଣା ଓ ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ଏବଂ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ, ପୂର୍ତ୍ତ ବଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ, ରେଳ ସମନ୍ୱୟ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଅବସ୍ଥାପିତ କରି ଏହି ପ୍ରକଳ୍ପ କାର୍ଯ୍ୟକାରିତା ପର୍ଯ୍ୟବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ମେଟ୍ରୋ ରେଳ ପ୍ରକଳ୍ପ ସଂପର୍କିତ ଆନ୍ତଃ ମନ୍ତ୍ରୀସ୍ତରୀୟ ପ୍ରଥମ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଟେଣ୍ଡର ବାତିଲ୍ ହେବା ପରେ ସେ ସବୁ ଯୋଜନା ଶୀତଳଭଣ୍ଡାରକୁ ଚାଲିଯାଇଛି।

ଅଧୁନା ରାଜ୍ୟରେ ଅବସ୍ଥାପିତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଅଗ୍ରଗତି ଦିଗରେ କାର୍ଯ୍ୟକରିବା ଉଚିତ୍। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଆନ୍ତରିକତାର ସହିତ ନେଇ କାର୍ଯ୍ୟକାରୀ କରାଗଲେ ରାଜ୍ୟର ସ୍ୱାର୍ଥ ସାଧନ ହେବା ସହ ଓଡ଼ିଶାର ପ୍ରଗତିରେ ନୂତନ ଅଧ୍ୟାୟ ଯୋଡ଼ି ରାଜ୍ୟକୁ ଆର୍ଥିକ ଦିଗରେ ଲାଭବାନ କରିବ। ପ୍ରକଳ୍ପର ଶ୍ରେୟକୁ ନେଇ ରାଜନୈତିକ ଅଭିସନ୍ଧି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କବର ନ ଦେଉ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଶିକ୍ଷା ସାଧନ ଓ ବିଦ୍ୟାଳୟ କୋଠା

**ରାଜୀବ କୁମାର ନାୟକ**

ପିଲାମାନଙ୍କୁ ସ୍କୁଲ୍ ମନସ୍କ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ତନ୍ମଧ୍ୟରୁ 'ବାଲା' (ବିଲିଡ୍ଂ ଆଜ୍ ଲର୍ଣ୍ଣିଂ ଏଡ୍) ଯୋଜନା ଅନ୍ୟତମ। 'ବାଲା' ହେଉଛି ଏକ ଯୋଜନା, ଯେଉଁଠି ସଂପଦର ସଦୁପଯୋଗ ପୂର୍ବକ ବିଦ୍ୟାଳୟରେ ଥିବା ସ୍ଥାନ ଏବଂ କୋଠାକୁ ଅଭିନବ ଉପାୟରେ ଶିଶୁ ଅନୁକୂଳ ତଥା ପାଠପଯୋଗୀ କରି ଶୈକ୍ଷିକ ମୂଲ୍ୟ ବୃଦ୍ଧି କରିବା। ଏଥିରେ କାର୍ଯ୍ୟକଳାପ ଆଧାରିତ ଶିକ୍ଷା, ଶିଶୁ ଉପଯୋଗୀ, ସମାବେଶୀ ଶିକ୍ଷା ସାମିଲ ହେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀଙ୍କୁ ପଠନ ନିମନ୍ତେ ଉତ୍ସାହିତ କରିବା ସହିତ ତାହା ଯେପରି ଉପଭୋଗ୍ୟ ହୋଇପାରିବ ସେଥିସକାଶେ ପରିବେଶ ସୃଷ୍ଟି କରିବା, ଛାତ୍ରଛାତ୍ରୀ ଯେପରି ବୁଝିବେ ଯେ ପ୍ରତ୍ୟେକେ ଜଣେ ଜଣେ ଲେଖକ ହୋଇ ପାରିବେ, ସେମାନେ ଯେମିତି ପ୍ରକୃତ ପଠନ କୌଶଳ ହାସଲ କରି ପାରିବେ ଏବଂ ସ୍ୱୟଂ ଶିକ୍ଷାର୍ଥୀ ହୋଇ ପାରିବେ, ଭିନ୍ନ ଭିନ୍ନ ରଚନା ଶୈଳୀ ସହିତ ପରିଚିତ ହୋଇ ପାରିବେ ଏବଂ ନିଜ ପାଇଁ କ'ଣ ପଢ଼ିବାକୁ ଉପଯୁକ୍ତ ସହଜରେ ଚୟନ କରିପାରିବେ, ବିବିଧ ବ୍ୟାପକ ଅଭିବ୍ୟକ୍ତି ଦିଗରେ ଉନ୍ମୁକ୍ତ ହୋଇପାରିବେ।

ମୁଖ୍ୟ କଥା ହେଲା ବିଦ୍ୟାଳୟକୁ ଏପରି ଭାବରେ ସୁସଜ୍ଜିତ କରାଯିବ, ଯେପରିକି ଏହାର ପ୍ରତ୍ୟେକ ଧୂଳିକଣାରେ କିଛି ନା କିଛି ଶିକ୍ଷଣୀୟ ଥିବ। ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ସକାଶେ ଏଭଳି ଅନୁକୂଳ ପରିବେଶ ସୃଷ୍ଟି କରାଯିବ, ଯାହା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆସିବା ନିମିତ୍ତ ଆକର୍ଷିତ କରୁଥିବ। ସତୁରୀ-ଅଶୀ ଦଶକରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟର କାନ୍ଥବାଡ଼ରେ ବିଭିନ୍ନ ପ୍ରକାରର ନୀତିବାଣୀ, ଭାରତ, ଓଡ଼ିଶା ଓ ଜିଲ୍ଲାର ମାନଚିତ୍ର, ରାଜ୍ୟ ଓ ଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ, ଖାଦ୍ୟ ସାରଣୀ ଇତ୍ୟାଦିର ଚିତ୍ର ଓ ଲେଖା ବିଭିନ୍ନ ରଙ୍ଗ ଏବଂ ତୂଳୀ ସାହାଯ୍ୟରେ ଅଙ୍କା ଯାଉଥିଲା। ଅର୍ଥ ଅଭାବରୁ ଚିତ୍ରକର ସାହାଯ୍ୟ ନ ନେଇ ଶିକ୍ଷକଙ୍କ ମଧ୍ୟରୁ ଯାହା ଦେଇ ଚିତ୍ର ଭଲ ହେଉଥିବ ଏବଂ ଯାହାର ଅକ୍ଷର ଭଲ ହେଉଥିବ ତାଙ୍କ ମାଧ୍ୟମରେ ଏହିସବୁ ଜିନିଷ କରା ଯାଉଥିଲା। ଏବେ ଅର୍ଥର ଅଭାବ ସେତେ ମାତ୍ରାରେ ନାହିଁ। କିନ୍ତୁ ଅନେକ ବିଦ୍ୟାଳୟ ଆଜି ଶ୍ରୀହୀନ। ଏହାରି ଭିତରେ ୟୁନିସେଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ବାଲା' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ଗୋଟିଏ କରି ବିଦ୍ୟାଳୟ ଚୟନ କରାଯାଉଛି।

ଓଡ଼ିଶାରେ 'ବାଲା' ଯୋଜନାରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର କଇରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପାଖାପାଖି ୫ ଏକର ପରିମିତ ଜାଗାରେ ଥିବା ବିଦ୍ୟାଳୟର ଫାଟକରେ ବିଦ୍ୟାଳୟର ନାମ ଭିନ୍ନ ଶ୍ରୀଗଣେଶ ଓ ସରସ୍ୱତୀଙ୍କ ଚିତ୍ର ସାଙ୍ଗକୁ ଫାଟକଠାରୁ ବିଦ୍ୟାଳୟର କୋଠା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଗୋଲାକାର ସିମେଣ୍ଟ ଉପରେ ଉଭୟ ଓଡ଼ିଆ ଓ ଇଂରାଜୀ ବର୍ଣ୍ଣମାଳା, ଏକ ଶବ୍ଦ ଓ ତା'ର ଚିତ୍ର ରହିଛି। ମହାପୁରୁଷଙ୍କ ନାଁକୁ ନେଇ ଶ୍ରେଣୀ ଗୃହର ନାମକରଣ, ବିଦ୍ୟାଳୟ ପରିସରରେ ଥିବା ପ୍ରତ୍ୟେକ ବୃକ୍ଷର ଓଡ଼ିଆ, ଇଂରାଜୀ ଓ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ନାମ ଓଡ଼ିଆ ଅକ୍ଷରରେ ଏକ ଫଳକରେ ଲେଖି ଝୁଲାଯାଇଛି। କାନ୍ଥରେ ଚିତ୍ର ସହିତ 'ବାଲ୍ୟ ବିବାହକୁ ନା', 'ସେଭ୍ ଟ୍ରି' ଭଳି ବାର୍ତ୍ତାମାନ ରହିଛି। କମ୍ପ୍ୟୁଟର ହଲ ଆଗରେ କମ୍ପ୍ୟୁଟର ସଂପର୍କିତ ଅନେକ ସୂଚନା ଏବଂ କମ୍ପ୍ୟୁଟରର ବିଭିନ୍ନ ଅଂଶର ଚିତ୍ର, ପ୍ରତ୍ୟେକ ଶ୍ରେଣୀ ଗୃହରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚିତ୍ର ଯେମିତି - ଟେନସ୍ ଚାର୍ଟ, କେଉଁ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ, ସୌର ପରିବାର ଇତ୍ୟାଦି ରହିଥିବା ବେଳେ ବାରଣ୍ଡାରେ ମହାପୁରୁଷଙ୍କ ଚିତ୍ର, ବିଭିନ୍ନ ଦର୍ଶନୀୟ ସ୍ଥାନ, ବିଭିନ୍ନ ମାନଚିତ୍ର ଇତ୍ୟାଦି ସହିତ ନୀତିବାଣୀ ଲେଖା ଯାଇଛି। ପ୍ରତ୍ୟେକ କାନ୍ଥତଳେ ଶାଢ଼ି ଧଡ଼ି ସଦୃଶ ଚିତ୍ର କରି ସାଧାରଣ ମଣିଷର ଜନ ଜୀବନର କଥା ପରିଦୃଷ୍ଟ ହୁଏ। ସ୍ଥାନେ ସ୍ଥାନେ ବିଭିନ୍ନ ଜୀବଜନ୍ତୁ ଆକୃତିର ଡଷ୍ଟବିନ ଥିବା ପରିଲକ୍ଷିତ ହୁଏ। ଛାତ୍ର, ଛାତ୍ରୀ ଓ ଭିନ୍ନକ୍ଷମଙ୍କ ସକାଶେ ଅଲଗା ପାଇଖାନା ଓ ର୍ୟାମ୍ପ ସହ ଆଗରେ ଚିତ୍ର ସହ ଲେଖା ଯାଇଛି ବାଳକ କି ବାଳିକା କି ଭିନ୍ନକ୍ଷମ। ଏହା ସହିତ 'ଜଳ ହିଁ ଜୀବନ' ଚିତ୍ର ସହ ଟନିଚକିଆ ଏକ ଚୌକିରେ ଜଣେ ଭିନ୍ନକ୍ଷମ ବସିଥାଇ ଲେଖାଯାଇଛି 'ଦୟା ନୁହେଁ ମୁଁ ସୁଯୋଗ ଚାହେଁ, ତୁମ ସାଥେ ସାଥେ ଯିବାକୁ ଚାହେଁ'। ଏତଦ୍‌ବ୍ୟତୀତ ଭିନ୍ନ ଭିନ୍ନ ଡଷ୍ଟବିନ କରାଯାଇ 'ମାଟିରେ ମିଶିବ' ଏବଂ 'ମାଟିରେ ମିଶିବ ନାହିଁ' ଲେଖା ଯାଇଥିବା ଦୃଷ୍ଟିଗୋଚର ହୁଏ। ପିଲାମାନଙ୍କୁ ଆକୃଷ୍ଟ କରିବା ସକାଶେ ଟ୍ରେନର ବଗି ଓ ପ୍ଲାଟଫର୍ମ ଭଳି ମଧ୍ୟ କରାଯାଇଛି ସାଇକେଲ ଷ୍ଟାଣ୍ଡ ନିକଟରେ, ଯାହାଦ୍ୱାରା ପିଲାମାନେ ଟ୍ରେନ, ପ୍ଲାଟଫର୍ମ ଇତ୍ୟାଦି ବିଷୟରେ ଜାଣିପାରିବେ। ସୁବର୍ଣ୍ଣପୁର ଜିଲ୍ଲାର ବିନିକା ନିକଟସ୍ଥ ଲକ୍ଷବଢ଼ପୁରଠାରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠିତ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ମଧ୍ୟ ଏଭଳି ଅନେକ ଶିକ୍ଷଣୀୟ ଜିନିଷ ଦେଖିବାକୁ ମିଳେ।

ସୁବର୍ଣ୍ଣପୁର ଜିଲ୍ଲା ଏଠାରେ ଏକ ଉଦାହରଣ। 'ବାଲା' ଯୋଜନାରେ ସମଗ୍ର ଓଡ଼ିଶାରେ ବିଦ୍ୟାଳୟକୁ ଶିକ୍ଷଣୀୟ କରିବା ସକାଶେ ଅନେକ ପ୍ରଚେଷ୍ଟା ହୋଇଛି। ଅନେକ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ କମ୍ ବେଶୀ କରି ଏ ଦିଗରେ କାମ କରା ଯାଉଛି। ଅନେକ ଶ୍ରେଣୀଗୃହରେ ପରିୟଡିକ ଟେବୁଲଠୁ ଆରମ୍ଭ କରି ମାନବ ଶରୀରର ବିଭିନ୍ନ ଅଂଶ, ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ମାନଚିତ୍ର, ମହାପୁରୁଷଙ୍କ ଛବି ଇତ୍ୟାଦି କରା ଯାଉଛି। ଏହା ଛାତ୍ରଛାତ୍ରୀଙ୍କୁ ନିଶ୍ଚୟ ଅଭିଭୂତ କରୁଥିବ ଏବଂ ଶିକ୍ଷା ଅଭିମୁଖୀ କରାଉଥିବ। ଏହାବାଦ୍ ବିଭିନ୍ନ ସାମାଜିକ ସଂଗଠନ ଛାତ୍ରଛାତ୍ରୀଙ୍କୁ ପାଠ କେମିତି ସହଜ ଲାଗିବ ଭାବି ଅନେକ ପ୍ରକାରର ଜିନିଷ ପ୍ରସ୍ତୁତ କରୁଛନ୍ତି ଶିକ୍ଷଣୀୟ ଦ୍ରବ୍ୟ ମାଧ୍ୟମରେ ଶିକ୍ଷାଦାନ(ଟି.ଏଲ.ଏମ.)କୁ ଆଖି ଆଗରେ ରଖି।

ସରକାର ଏ ଦିଗରେ ଗୁରୁଦାୟିତ୍ୱ ଗ୍ରହଣ କରି ବିଭିନ୍ନ ପ୍ରକାର ବିଦ୍ୟାଳୟ ନ ଖୋଲି ସବୁ ବିଦ୍ୟାଳୟ ସମାନ ଭାବି ଏ ଦିଗରେ ଅର୍ଥ ବରାଦ କରିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଆମକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବାର ଅଛି। ଆମେ ସେହିଦିନ ଖୁସି ପ୍ରକଟ କରିବା ଯେଉଁଦିନ ବିଦ୍ୟାଳୟର ଛୁଟି ସମୟର ଦୃଶ୍ୟ ଭଳି ବିଦ୍ୟାଳୟକୁ ଆସିବା ସମୟର ଦୃଶ୍ୟ ଦେଖାଯିବ। ଅର୍ଥାତ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଉ ଅମଙ୍ଗ ହେବେ ନାହିଁ, ବରଂ ବିଦ୍ୟାଳୟ ସମୟ ଆସିଲେ ସ୍ୱତଃ ବିଦ୍ୟାଳୟ ପ୍ରତି ଆକର୍ଷିତ ହେବେ।

ପଦରପଡ଼ା(ବୌଦ୍ଧ), ମୋ: ୯୪୩୭୫୬୭୧୮୩୧

## ବିଶ୍ୱ-ଦରଦୀ ମାନବବାଦୀ ଗୋପବନ୍ଧୁ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଗୋପବନ୍ଧୁଙ୍କୁ 'ଉତ୍କଳମଣି' ସମ୍ମାନରେ ବିଭୂଷିତ କରି ଓଡ଼ିଆ ଜାତି ଗୌରବାନ୍ୱିତ। ମାତ୍ର ତାଙ୍କ ସାହିତ୍ୟ ଏବଂ ଜୀବନରେ ମାନବିକ ସମ୍ବେଦନଶୀଳତାର ଯେଉଁ ଉଷ୍ମ ପ୍ରବାହ ଅନୁଭୂତ ହୁଏ ତାହା ସମସ୍ତ ଭୌଗୋଳିକ ସୀମାକୁ ଯେ ଅତିକ୍ରମ କରିଯିବାର ଅସୀମ ଶ୍ରଦ୍ଧାରେ ମହିମାନ୍ୱିତ -ଏହି ନିଗୂଢ଼ ସତ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରିନାହିଁ। ଏ ପ୍ରୟାସ ଏବେ ମଧ୍ୟ ଜାରି ରହିଥିବା ଓଡ଼ିଆ ସାହିତ୍ୟ ପ୍ରତି ଶୁଭସଙ୍କେତ। ଗୋପବନ୍ଧୁଙ୍କ ହୃଦୟର ସୂକ୍ଷ୍ମତମ ଅଂଶଗୁଡ଼ିକ ସୁବିକଶିତ ହୋଇପାରିଥିବାରୁ ତାଙ୍କ କଣ୍ଠରେ ଭରିଯାଇଥିଲା ଅମାପ ମମତା, ନୟନଯୁଗଳ ହୋଇଯାଉଥିଲା ଅଶ୍ରୁସ୍ନାତ, କବିତା ଲେଖିବା ଆରମ୍ଭ କଲେ ତ୍ୟାଗପୂତ ଚରିତ୍ରମାନଙ୍କ ଭାବନାରେ ସେ ହୋଇଯାଉଥିଲେ ଭାବାବିଷ୍ଟ। ଗଦ୍ୟରଚନାରେ ବି ପ୍ରତିବିମ୍ବିତ ହେଉଥିଲା ତାଙ୍କ ସ୍ୱାଧୀନ, ସ୍ୱାଭିମାନ-ସମ୍ପନ୍ନ, ସମଦୁଃଖୀ ଅନ୍ତରଙ୍ଗ ଅନ୍ତଃସତ୍ତାଟି। ଧର୍ମପଦକୁ ସେ ଜୀବନ୍ୟାସ ଦେଲେ ସ୍ୱରଚିତ କାବ୍ୟରେ। ପ୍ରମାଣିତ କରିଦେଲେ ଯେ ସମ୍ପୂର୍ଣ୍ଣ ଭାବରେ ପ୍ରଜ୍ୱଳିତ ହୋଇ ଉଠିବାରେ ହିଁ ଜୀବନ-ଦୀପର ମହତ୍ତର ଉଦ୍ଦେଶ୍ୟ ହୋଇଯାଏ ସାଧିତ। କାବ୍ୟ କବିତା ଓ କବି-ଆତ୍ମା ସହ ସଂଯୁକ୍ତ ସାଧାରଣ ପାଠକ କଣ୍ଠରୁ ମଧ୍ୟ ତେଣୁ ଝରିଆସେ - 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ ଦଣ୍ଡ / କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।'

ଗୋପବନ୍ଧୁଙ୍କ ଜୀବନ କାଳ ମଧ୍ୟ ସଂକୁଚିତ। ମାତ୍ର ୫୨ ବର୍ଷ ବୟସରେ ସେ ଚିର ନିଦ୍ରା ବରଣ କରିନିଅନ୍ତି। ଅଥଚ ଏହି ସଂକ୍ଷିପ୍ତ ଜୀବନର ସୀମା ମଧ୍ୟରେ ସେ ଯେଉଁ ଅସୀମତା ଧାରଣ କରିଛନ୍ତି ସ୍ୱକୀୟ ଚେତନାରେ ଏବଂ ନିଜକୁ ବିତରିତ କରି ଦେଇଛନ୍ତି ନିର୍ବିଚାର ଭାବରେ, ତାହା ହିଁ ଯେ ଅନନ୍ୟ ଓ ଅତୁଳନୀୟ। କୌଣସି ସ୍ୱାଧୀନ କବିର ଆତ୍ମା ଓ ମୁକ୍ତିଅଭିମୁଖୀ ସଂଗ୍ରାମୀ ମନକୁ ବନ୍ଦୀ କରି ରଖିବା ପାଇଁ କ'ଣ ଏ ପୃଥିବୀରେ ନିର୍ମିତ ହୋଇପାରିଛି ନା ହୋଇପାରେ କୌଣସି କାରାଗୃହ? ଗୋପବନ୍ଧୁଙ୍କ ଶରୀରଟି ହଜାରୀବାଗ ଜେଲରେ ବନ୍ଦୀ ହୋଇ ରହିଥିବା ବେଳେ ବି ତାଙ୍କ ଆତ୍ମିକ ଆକୁଳତା ପ୍ରଦକ୍ଷିଣ କରୁଥିଲା ସମଗ୍ର ଓଡ଼ିଶାକୁ। ସେପରି ପ୍ରାଣବନ୍ତ ଉଦବିଗ୍ନତା କ'ଣ କୌଣସି ନିର୍ଦ୍ଦିଷ୍ଟ ସୀମାରେ ରହିପାରେ ଆବଦ୍ଧ? ତାହା ତ ପବନର ଢେଉରେ ଭାସିଯାଇପାରେ ଦୂର-ଦୂରାନ୍ତର, ଦେଶ-ଦେଶାନ୍ତର। 'ବନ୍ଦୀର ଆତ୍ମକଥା', 'କାରାକବିତା'ର ପ୍ରାଣପ୍ରାଚୁର୍ଯ୍ୟ ଗର୍ଭିତ ପଦଗୁଡ଼ିକ ସେହି ବିପୁଳ ଶକ୍ତି ଓ ଆନ୍ତରିକତାରେ ହୋଇ ଉଠିଛନ୍ତି ଅନ୍ତଃସ୍ପର୍ଶୀ ଆଉ ପ୍ରଭାବଦୀପ୍ତ। 'ସମାଜ' ଓ 'ସତ୍ୟବାଦୀ' ମାଧ୍ୟମରେ ପୁରପଲ୍ଲୀରେ ସେ ସୃଷ୍ଟି କରିଦେଇ ପାରିଛନ୍ତି ଅହିଂସାର ମନ୍ତ୍ର। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମ୍ପ୍ରସାରିତ କରିଦେଇଛନ୍ତି ସର୍ବତ୍ର।

ଜଣେ ମଣିଷର ହୃଦୟ ପ୍ରତିମୁହୂର୍ତ୍ତରେ ହୋଇପାରେ କିପରି ଆବେଗ-ସ୍ପନ୍ଦିତ, ନବ ନବ ଚିନ୍ତନରେ ଆଲୋଡ଼ିତ, ମଣିଷର ଦୁଃଖ ଓ ଦୁର୍ଭାଗ୍ୟରେ ବିଗଳିତ; ତାହାର ମହତ୍ତର ଉଦାହରଣ ଗୋପବନ୍ଧୁ ଦାସ। ତାଙ୍କୁ ପଣ୍ଡିତ ଭାବରେ ମଧ୍ୟ ବିଭୂଷିତ କରାଯାଇଛି। କିନ୍ତୁ ପାଣ୍ଡିତ୍ୟଠାରୁ ଯାହା ସହସ୍ର ଗୁଣରେ ଗରୀୟାନ ସେଇ ଅକୃତ୍ରିମ ଶ୍ରଦ୍ଧା, ନିଷ୍କପଟ ହୃଦୟର ଭାବାବେଗ ବହନ କରି ସେ ନିକଟତର ହୋଇଛନ୍ତି ମଣିଷର। ସତ୍ୟବାଦୀ ବନ ବିଦ୍ୟାଳୟ ନିର୍ମାଣ କଲେ ସେ ମଣିଷ ଗଢ଼ିବା ସକାଶେ। ତାହା ତ ତାଙ୍କର ଏକ ଶ୍ରେଷ୍ଠ ମହାକାବ୍ୟ। ପୁଣି ଯେତେବେଳେ ଭାରତୀୟ ଜାତୀୟତାବୋଧ ତାଙ୍କ ଅନ୍ତରକୁ କରିଛି ବ୍ୟାକୁଳ ନିଜକୁ ଝାସ ଦେଇଛନ୍ତି ସ୍ୱଦେଶ ପ୍ରେମର ମହାସ୍ରୋତରେ।

ବନ ବିଦ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବୋଧନ କରି ଯାହା ସେ ଉଚ୍ଚାରଣ କରୁଥିଲେ ତାହାକୁ ମହାକାଳ ମଳିନ କରିଦେଇ ପାରିନାହିଁ। ତାଙ୍କ ବକ୍ତବ୍ୟ ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ଗଦ୍ୟକୃତି ଭାବରେ ଗୃହୀତ। ଭାଷା ହୋଇପାରେ କେତେ ସରଳ, କେତେ ଭାବଉଦ୍ରେକକାରୀ, ସଂଚରଣକ୍ଷମ ତାହା ତାଙ୍କ ରଚନାବଳୀରୁ ଯେ କେହି ହୃଦୟଙ୍ଗମ କରିପାରିବେ ଅନାୟାସରେ। ଓଡ଼ିଶାର ସୁପ୍ରସିଦ୍ଧ ଗାଥାକବି ରାଧାମୋହନ ଗଡ଼ନାୟକ 'ବିଶ୍ୱଜୀବନ ପଥେ' କବିତା ରଚନା କରି ପ୍ରମାଣିତ କରିଦେଇଛନ୍ତି ଯେ, ଗୋପବନ୍ଧୁ ଯଥାର୍ଥରେ ହେଉଛନ୍ତି ବିଶ୍ୱବାଦୀ ଓ ବିଶ୍ୱଦରଦୀ। ସେ ପ୍ରଥମେ ଜଣେ ଉଚ୍ଚକୋଟୀର ମଣିଷ। ତା'ପରେ କବି। ତାଙ୍କ କାବ୍ୟ, କବିତା, ଗଦ୍ୟସୃଷ୍ଟି ସର୍ବତ୍ର ଯେଉଁ ପ୍ରାଣ-ତରଙ୍ଗ ପରିବ୍ୟାପ୍ତ ହୋଇ ରହିଛି ଆମର ସାମାନ୍ୟ ଶ୍ରଦ୍ଧାର ସ୍ପର୍ଶ ଲାଭ କଲେ ତାହାର ଅସାମାନ୍ୟ ଆଲୋକ ନିଶ୍ଚୟ ଆମକୁ ଆବୃତ୍ତ କରି ରଖିବ ବାତାବରଣ ଯେତେ ପ୍ରତିକୂଳ ହୋଇ ରହିଥିଲେ ମଧ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପାରଗତା ଲୁଚାଇବା ପାଇଁ ଅପଚେଷ୍ଟା: ବିଜେଡି

## ସରକାରଙ୍କ ଉପରେ ଆସ୍ଥା ହରାଇଲେଣି କି ରାଜ୍ୟ ବିଜେପି ଯୁବ ଓ ମହିଳା ମୋର୍ଚ୍ଚା

**ଭୁବନେଶ୍ୱର,୩୦।୭ (ସମିସ):** ବିଜେପି ରାଜ୍ୟ ମହିଳା ଶାଖା ଦ୍ୱାରା ବୁଧବାର ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ଆଜି କଡା ପ୍ରତିକ୍ରିୟା ଦେଇଛି ବିଜେଡି। ବିଜେପି ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ଏହି ବିଫଳତାକୁ ଲୁଚାଇବାକୁ ଗତ କାଲି ବିଜେପି ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇପ୍ସିତା କହିଛନ୍ତି ରାଜ୍ୟରେ ଗତ ତେର ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଛନ୍ତି। ବିଜେପି ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ, ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି। ମାତ୍ର




ଯେତେବେଳେ ବିଜେପି କର୍ମକର୍ତ୍ତା ମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ ରଖୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ନେତା ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଯେଉଁ ଦଳର ସଭାପତିଙ୍କୁ ୨୦୦୮ ମସିହାରେ ଓଡ଼ିଶା ନିବାସରେ ଗୋଟିଏ ରୁମରେ ତାଲା ପକାଇ ଅଟକାଯାଇଥିଲା, ସେହି ଦଳର ଯୁବ ସଭାପତି ନବୀନ ବାବୁଙ୍କୁ ପ୍ରଶ୍ନ ପଚାରିବା କେତେ ଦୂର ଯୁକ୍ତିଯୁକ୍ତ ? ବିଜେପି ଯୁବ ମୋର୍ଚ୍ଚାର ସଭାପତି ଶିଷ୍ଟାଚାର ଓ ଶାଳୀନତା ଭୁଲି ମନ୍ତବ୍ୟ ଦେଇ ଅନ୍ୟ ଛାତ୍ର ସଂଗଠନକୁ କ୍ୟାମ୍ପସ ଯିବାରେ ବାରଣ କରିବା ବେଳେ ଭୁଲି ଯାଉଛନ୍ତି ଯେ ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସଂପୃକ୍ତ । ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀର ଆତ୍ମଦାହ ଘଟଣାରେ ଦୀର୍ଘ ୬ ମାସ କାଳ ସେ ନ୍ୟାୟ ପାଇବା ପାଇଁ ସଂଘର୍ଷ କରିଥିଲେ। ବିଜେପିର ଛାତ୍ର ସଂଗଠନ ଏବିଭିପିର ଜଣେ ସଦସ୍ୟ ହୋଇଥିବା ସତ୍ତ୍ୱେ, ସୌମ୍ୟାଶ୍ରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବା ପାଇଁ ବିଫଳ ହୋଇଥିଲେ, ଯେଉଁଥିପାଇଁ ଏଭଳି ଅଭାବନୀୟ କାଣ୍ଡ ଘଟିଲା। ରାଜ୍ୟ ବିଜେପି ସରକାର ନ୍ୟାୟ ଦେବାରେ ବିଫଳ ହୋଇଥିବା ବେଳେ ଅନ୍ୟକୁ ଅଙ୍ଗୁଳି ଦେଖାଇବାର ଅଧିକାର ବିଜେପି ନେତାମାନେ ହରାଇଛନ୍ତି। ଏହାଛଡା, ଗତ ତେର ମାସରେ ରାଜ୍ୟରେ ୧୮,୦୦୦ରୁ ଉଦ୍ଧ୍ୱର୍ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ଦୁଷ୍କର୍ମ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଛାତ୍ରୀ, ନାବାଳିକା ଓ ମହିଳା ମାନେ ଅସୁରକ୍ଷିତ ବୋଲି ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେଉଥିଲା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଥିଲେ।

# ଅବଶିଷ୍ଟାଂଶ

### ଅଧା ବିଶ୍ୱ...

ଶକ୍ତିଶାଳୀ ଭୂକଂପରେ ରୁଷଠାରୁ ଆରମ୍ଭ କରି ଜାପାନ ମଧ୍ୟ ଥରି ଉଠିଛି। ଏହାପ୍ରଭାବରେ ସମଗ୍ର ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ସୁନାମୀର ପ୍ରଭାବ ଆମେରିକାର କାଲିଫର୍ଣ୍ଣିଆ ସହର ଉପକୂଳରେ ମଧ୍ୟ ଦେଖିବାକୁ ମିଳିଛି।

ରୁଷ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରୁଷ ଉପକୂଳ କାମଚାଟକାରେ ୩ରୁ ୪ ମିଟର ଉଚ୍ଚର ଜୁଆର ଆସିଥିଲା। ରୁଷ ପୂର୍ବ ଉପକୂଳର ଏକ ବନ୍ଦର ସହରରେ ସୁନାମୀ ଯୋଗୁଁ ସମୁଦ୍ର ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସହରରେ ୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ରୁଷର ସେଭେରୋ-କୁରିସ୍କ ଅଞ୍ଚଳ ମଧ୍ୟ ସୁନାମୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ଷୟକ୍ଷତି ପରିମାଣ ସଂପର୍କରେ କିଛି ସୂଚନା ଦିଆଯାଇ ନାହିଁ। ରୁଷ ଟିଭିରେ ପ୍ରସାରିତ ରିପୋର୍ଟ ଅନୁଯାୟୀ ଏହି ବନ୍ଦର ସହରର ଅନେକ କୋଠା ଭୁଶୁଡ଼ି ପଡ଼ିବା ସହିତ ସମୁଦ୍ର ଜୁଆରରେ ଭାସି ଯାଇଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଦିଆଯାଇ ନାହିଁ। ଭୂମିକମ୍ପ ପରେ ଜାପାନ, ଆମେରିକା, ଅଲଶସ୍କା, ଚିଲି, ନ୍ୟୁଜିଲାଣ୍ଡ ଓ ହୱାଇରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏହି ଅଞ୍ଚଳରେ ଉପକୂଳବର୍ତ୍ତୀ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆ।।ମେରିକାର କାଲିଫର୍ଣ୍ଣିଆ ଏବଂ ଓରେଗନ୍ ଉପକୂଳରେ ସୁନାମୀ ସତର୍କତା ରହିଛି। ଏଠାରେ ଦୁଇରୁ ତିନି ମିଟର ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ନଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ବିଶେଷକରି ତଳିଆ ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ିଆସିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ରୁଷ ଉପକୂଳରୁ ସୁନାମୀ ସତର୍କତା ହଟାଇ ଦିଆଯାଇଥିବା ବେଳେ ଆମେରିକା,କଲମ୍ବିଆ, ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ ଓ ଚିଲିରେ ସୁନାମୀ ଆଲର୍ଟ ବଳବତ୍ତର ରହିଛି। ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ଯିବାଲାଗି ପରାମର୍ଶ ଦିଆଯାଇଛି।

### ୯୭ ମିନିଟ୍‌ରେ...

ମିଶାଇ ଏହି ଉପଗ୍ରହର ନାମ ନିସାର ରଖାଯାଇଛି। ନାସା- ଇସ୍ରୋ ସିନ୍ଥେଟିକ ଆପେରଚର ରାଡାର (ନିସାର) ଉପଗ୍ରହର ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ଉପଗ୍ରହ ଘଞ୍ଚ ଜଙ୍ଗଲ୍ ଓ ଅନ୍ଧାରରେ ମଧ୍ୟ ଦେଖିପାରିବ। ଓଏହା ୯୭ ମିନିଟ୍‌ରେ ପୃଥିବୀର ପରିକ୍ରମଣ କରିବ। ଏହା ୯୮.୪ ଡିଗ୍ରୀ ନଇଁ କରି ରହିବ। ଲଞ୍ଚ୍ ହେବାର ୧୮ ମିନିଟ୍ ପରେ ନିସାର କକ୍ଷପଥରେ ଅବସ୍ଥାପିତ ହୋଇଛି।

ନିସାର ୭୪୭ କିମି ଉପରେ ପୋଲର ଅର୍ବିଟ୍‌ରେ ପୃଥିବୀ ଚାରିପେଟ ଘୂରିବ। ଅର୍ଥାତ୍ ନିସାର ଧ୍ରୁବତାରା ଅର୍ଥାତ ନର୍ଥପୋଲ ଦେଇ ପରିକ୍ରମା କରିବ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ୧୨ ଦିନରେ ନିସାର ପୃଥିବୀକୁ ୧, ୧୭୩ ଥର ପରିକ୍ରମା କରିବ। ଏହା ପୃଥିବୀ ପୃଷ୍ଠର ପ୍ରତି ଇଞ୍ଚର ଜମିକୁ ମ୍ୟାପ କରିପାରିବ। ଘନ ବାଦଲ, ଘଞ୍ଚ ଜଙ୍ଗଲ, ଧୂଆଁ ଏପରିକ ଘନ ଅନ୍ଧାରରେ ମଧ୍ୟ ନିସାର ଦେଖିପାରିବ। ପୃଥିବୀ ହେବାକୁ ଥିବା ସବୁଠାରୁ ଛୋଟ ପରବର୍ତ୍ତନକୁ ମଧ୍ୟ ନିସାର ରେକର୍ଡ କରିପାରିବ। ଭୂମି ଓ ବରଫର ପରିବର୍ତ୍ତନ ଓ ଜଙ୍ଗଲ, ଚାଷଜମି ଏବ ପ୍ରାକୃତିକ ସ୍ଥାନକୁ ଏହା ମିନିଟରେ ଚିହ୍ନଟ କରିବ। ଏହା ଦ୍ୱାରା ପରିବେଶ କିପରି ରହିଛି ତାହା ଜାଣିବାକୁ ପ୍ରୟାସ କରିବ। ସେହିପରି ସମୁଦ୍ର ଲହଡି ଓ ଏହାର ପରିବର୍ତ୍ତନ ସମେତ ସାମୁଦ୍ରିକ ପରିବେଶକୁ ଏହା ଟ୍ରାକ କରିବ। ଏହା ପୃଥିବୀର ହାଇ କ୍ୱାଲିଟି ଫଟୋ ଉଠାଇପାରିବ।

### ଭାରତ ଉପରେ...

ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ। ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ। ଏହାର କିଛି ସମୟ ପରେ ତାହାକୁ ଶୁଳ୍କକୁ ସ୍ଥଗିତ ରଖାଯାଇଥିଲା। ତେବେ ବଡ଼ କଥା ହେଉଛି, ଟ୍ରମ୍ପ ଯେପରି ଅନ୍ୟ ଦେଶଗୁଡ଼ିକ ପାଇଁ ନୂଆ ଟାରିଫର ଆନୁଷ୍ଠାନିକ ପତ୍ର ଜାରି କରୁଛନ୍ତି, ସେମିତି ଭାରତ ପାଇଁ ଏ ପର୍ଯ୍ୟନ୍ତ ଜାରି କରିନାହାନ୍ତି। କିନ୍ତୁ ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନହେଲା ତେବେ ହୁଏତ ଟ୍ରମ୍ପ ଭାରତକୁ ବି ନୋଟିସ୍ ଜାରି କରିପାରନ୍ତି।

### କ୍ଷୟକ୍ଷତି ରିପୋର୍ଟ...

ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ତେବେ ଏବେ ବି ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ରହିଛି। ଏହି ଅଞ୍ଚଳରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପାଇଁ ଆହୁରି ଦୁଇ ଦିନ ସମୟ ଲାଗିପାରେ। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ଦିଆଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହଛନ୍ତି।

ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି, ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନଃସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। 'ଜିରୋ କାଜୁଆଲିଟି' ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳ ଉତ୍ସଗୁଡିକର ବିଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଅନେକ ସ୍ଥାନରେ ସାପ କାମୁଡ଼ା ପରି ଘଟଣା ଘଟେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଦଳି ଉପରେ...

ଗତ ମେ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲାସ୍ତରୀୟ ବଦଳି କମିଟି(ଡିଏଲଟିସି)କୁ ମେ୧୫ରୁ ଜୁନ୧୫ ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ କଳହାଣ୍ଡି ଜିଲ୍ଲାର ଶିକ୍ଷକଙ୍କୁ ମଧ୍ୟ ଅନୁରୁପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ରମେ ବଦଳି କରାଯାଇଥିଲା। ଏପରିକି ଆବେଦନକାରୀଙ୍କୁ ୧୦୦କିଲୋମିଟର ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନ ଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଚାରି ସପ୍ତାହ ପରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

### ୪ ଶିକ୍ଷକ ସମେତ...

ଟଙ୍କା ଆଦାୟ କରିଥିବା ବେଳେ ଏହି ରାକେଟ ବିଭିନ୍ନ ଜିଲ୍ଲାକୁ ଲମ୍ବିଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ଦସ୍ତାବିଜ, ମୋବାଇଲ୍ ଫୋନ୍ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ ଓ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଜବତ କରିଛି କ୍ରାଇମବ୍ରାଞ୍ଚ। ସମସ୍ତଙ୍କୁ କଟକର ଜେଏମଏଫସି-୩ ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କ ଲିଙ୍କ୍ ଖୋଜିବା ଏବଂ ଏହି ମାମଲାରେ ସେମାନଙ୍କ ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କ୍ରାଇମବ୍ରାଞ୍ଚ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି କୁହାଯାଇଛି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଛାପଡା ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ କଟକ ସଦର ଥାନା ଗୋପାଳପୁର ଦେହୁରିସାହି ରହୁଥିବା ଜିତନ ମହାରଣା। ଗିରଫ ହୋଇଥିବା ୪ ଜଣ ଶିକ୍ଷକ ହେଲେ ରାୟଗଡା ଜିଲ୍ଲା ଆମ୍ବୋଦଲା ଥାନା କୋମାସାହି ନିବାସୀ ବିଜୟ ମିଶ୍ର (୫୩), କୋରାପୁଟ ଜିଲ୍ଲା କୁନ୍ଦ୍ରା ସାଗରଗୁଡାର ସନାତନ ବିଷୋୟୀ (୫୧), ଗଞ୍ଜାମ ବୈଦନାଥପୁର ଥାନା ଲିଙ୍ଗିପାଲି କେଶବନଗର ଅଞ୍ଚଳର ଅଜୟ ସାହୁ (୪୩) ଓ ବାଲେଶ୍ୱର ରୁପସା ଥାନା ଜୁକାନନ୍ଦି ଅଞ୍ଚଳର ଜୟନ୍ତ ରାଉତ (୪୪)। ଅନ୍ୟ ଜଣେ ଅଭିଯୁକ୍ତ ହେଉଛି ଦଲାଲ ବାଦାମବାଡି ଥାନା ନାରାୟଣ ଲେନର ରାମଜୀ ପ୍ରସାଦ ଗୁପ୍ତା (୫୧)।

ଅଭିଯୁକ୍ତ ଜିତନ୍ ମହାରଣା କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ କରୁଛନ୍ତି, ଯିଏ ବେଆଇନ ଭାବରେ କୌଶଳକ୍ରମେ ବୋର୍ଡ ଉପସଭାପତିଙ୍କ ଲାପଟପରୁ ପରୀକ୍ଷା ପୂର୍ବରୁ ପେନଡ୍ରାଇଭରେ ପ୍ରଶ୍ନପତ୍ର ହାସଲ କରିଥିଲେ। ପରେ ସେ ଏହି ପ୍ରଶ୍ନପତ୍ରକୁ ରାଜ୍ୟ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଷୋଇଙ୍କୁ ପ୍ରଦାନ କରିଥିଲେ। ସେମାନେ ଗତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ ପାଇଁ ପ୍ରଲୋଭିତ କରିଥିଲେ। କିଛି ଦଲାଲ ତଥା ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଏବଂ ଜୟନ୍ତ ରାଉତଙ୍କୁ ଏହି ପ୍ରଶ୍ନପତ୍ର ସେମାନେ ବିକ୍ରି କରିଥିଲେ ବୋଲି ପଚରାଉଚୁରା ପରେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ଏଥିପାଇଁ ଉଭୟ ନଗଦ ଓ ଅନଲାଇନ ଟଙ୍କା କାରବାର ହୋଇଥିଲା। ପ୍ରଶ୍ନପତ୍ର ଲିକ ଘଟଣାର ମାଷ୍ଟରମାଇଣ୍ଡ ଜିତନର ଆକାଉଣ୍ଟକୁ ଫୋନ-ପେ ଜରିଆରେ ୨ଲକ୍ଷ ୫୦ହଜାର ଟଙ୍କା ସ୍ଥାନାନ୍ତର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ଆରଆଇ ଅମିନ...

ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ ବୋଲି ମଧ୍ୟ ସେ କହିଛନ୍ତି। ଏହାପରେ ୧୪ ଦିନ ଭିତରେ ସାନି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ମଧ୍ୟ ମେନ୍ ପରୀକ୍ଷାକୁ ବାତିଲ୍ କରାଯାଇଥିବାନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପରୀକ୍ଷା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

ସାରା ରାଜ୍ୟରେ ମେନ୍ ପରୀକ୍ଷା ଆଉ ମାତ୍ର ୨ଦିନ ପରେ ଅର୍ଥାତ୍ ଅଗଷ୍ଟ ୧ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଡ୍‌ମିଟ୍ କାର୍ଡ ଜାରି ହେବା ସହ ପରୀକ୍ଷା ଦେବାକୁ ପିଲାମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥିଲେ। ହେଲେ ପରୀକ୍ଷା ବାତିଲ୍ ହେବା ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ଅପରପକ୍ଷରେ ପ୍ରିଲିମ୍‌ନାରୀ ଓ ମେନ୍ ପରୀକ୍ଷା ବଦଳରେ ଗୋଟିଏ ପରୀକ୍ଷା କରି ୫ଗୁଣା ପିଲାଙ୍କୁ ଦକ୍ଷତା ପରୀକ୍ଷା (ସ୍କିଲ୍ ଟେଷ୍ଟ) ପାଇଁ ଚୟନ କରିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ପୂର୍ବରୁ ଏପରି ବ୍ୟବସ୍ଥା ଥିଲା ଏବଂ ଏହାଦ୍ୱାରା ଖୁବ୍ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ସରିପାରିବ ବୋଲି ପରୀକ୍ଷାର୍ଥୀ ସୁନୀଲ୍ କୁମାର ମିଶ୍ର କହିଛନ୍ତି। ସେହିପରି ମୂଳରୁ ପରୀକ୍ଷା ବାତିଲ୍ କରିବା ଦାବିରେ ଆନ୍ଦୋଳନ କରୁଥିବା ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ଆବାହକ ବିଭୂତି ଭୂଷଣ କହିଛନ୍ତି ଯେ, ପରୀକ୍ଷାରେ ଅନିୟମିତତା ହୋଇଥିବା ସରକାର ମଧ୍ୟ ସ୍ୱୀକାର କରିଥିଲ। ତେଣୁ ସେତେବେଳେ ପରୀକ୍ଷାକୁ ବତିଲ୍ କରିଥିଲେ ପୁନଃ ପରୀକ୍ଷା ସହ ନିଯୁକ୍ତି ମଧ୍ୟ ପାଇ ସାରିଥାନ୍ତେ ପରୀକ୍ଷାର୍ଥୀ। ଆଶାୟୀଙ୍କ ଦାବିକୁ ବିଚାର ନକରି ପଦକ୍ଷେପ ନେବାଦ୍ୱାରା ରାଜ୍ୟର ଲକ୍ଷଲକ୍ଷ ମେଧାବୀ ମାନସିକ ଯନ୍ତ୍ରଣା ପାଉଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ପରୀକ୍ଷା ଆରମ୍ଭରୁ ବିବାଦୀୟ ହୋଇଥିଲା। କମ୍ପ୍ୟୁଟର ସେଣ୍ଟରରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବାପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**AFFIDAVIT**

By virtue of an affidavit No.2844, Dtd.28.07.2025 sworn before the Executive Magistrate, Bhogarai I, Jyotshnarani Mohanty, W/o. Nimai Charan Mohanty, At Chowki, Po. Kumbharmuli, Ps. Bhogarai, Dist. Balasore, Odisha, declare that unfortunately my daughter name spelling as Kruti Gagruti Mohanty instead of correct spelling Kruti Jagruti Mohanty in her Adhar card vide no. 622064060225. Henceforth, she will be known as **Kruti Jagruti Mohanty** for all purposes.

**AFFIDAVIT**

ମୁଁ ପୁଷ୍ପଲତା ସାହୁ, ବୟସ(୧୯), ପିତା/ ସହଦେବ ସାହୁ, ଗ୍ରାମ-ଅଲିନଗର, ଥାନା -ଧାମନଗର, ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଏଲ୍‌ଆଇସି ବଣ୍ଡରେ ପୁଷ୍ପାଞ୍ଜଳି ସାହୁ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସର ବଣ୍ଡ ନଂ-୫୮୬୫୩୪୬୨୬ ରେ ମୋର ନାମ ପୁଷ୍ପଲତାସାହୁ ପରିବର୍ତ୍ତେ ପୁଷ୍ପାଞ୍ଜଳି ସାହୁ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ- ୭୨୪ ତା- ୨୮/୧/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ପୁଷ୍ପଲତା ସାହୁ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ପୁଷ୍ପଲତା ସାହୁ ଏବଂ ପୁଷ୍ପାଞ୍ଜଳି ସାହୁ ଜଣେଅଟନ୍ତି)

ସ୍ୱା/-ପୁଷ୍ପଲତା ସାହୁ

**AFFIDAVIT**

By virtue of an affidavit Sl. No. 557, dtd. 10.07.2025 before the Notary, Bhubaneswar, I Papunu Naik Resident of At-Ranapalli, Po-Merikoti, Ps-Badagada, Dist-Ganjam, Pin-761109,Odisha I have changed my name from Papun Naik to Papunu Naik for all purposes.

**Sd/- Papunu Naik**

**AFFIDAVIT**

By virtue of an affidavit before the Executive Magistrate, Dharakote, Ganjam on dtd.18.07.2025 , I am Smt. Rina Guru, D/o - Bijaya Swain , residing at Jahada ,P.S Dharakote, Dist- Ganjam-761107 hereby declare that my actual name is Rina Guru, D/o- Bijaya Swain mentioned in Adhaar card and in my voter card my name is mentioned as Rina Guru, W/o- Prafulla Guru but in my son's BSE 10th certificate my name is mentioned as Runa Guru. That **Rina Guru and Runa Guru** is same and one person. It is for all purpose.

**AFFIDAVIT**

By virtue of an affidavit No-5091 before the Magistrate, Chandbali, dtd- 18/07/2025. I, Rajib Lochan Barik, Age-39years, S/O- Ranka Barik, Vill- Nayahat, PO-Gopalpur, PS- Chandbali, Dist- Bhadrak, Odisha, declare that I have changed my daughter's name from **Pratiasa Barik to Adyasha Barik**, Henceforth, she will be known as **ADYASHA BARIK** for all purpose.

**AFFIDAVIT**

By virtue of an affidavit Sl. No. 605, dtd. 28.07.2025 before the Notary, Bhubaneswar,I Sashirekha Behera Resident of At-Sankarpur,Po-Arunodaya Market,Ps-Badambadi, Dist-Cuttack,Pin-753012,Odisha I have changed my name from Sashi Behera to Saahirekha Behera for all purposes.

**Sd/- Sashirekha Behera**

**AFFIDAVIT**

I, Vinod Kumar Vishvakarma, aged about 43 years, S/o- Rajdev Vishwakarma, resident of Plot No. N4/298 F, Nayapalli, IRC Village, Bhubaneswar, Dist- Khordha, PIN-751015 Odisha declared by this affidavit No. 610, dtd-28/07/2025 that now onwards I shall be known as **VINOD RAJDEV VISHWAKARMA** for all future purposes.

**AFFIDAVIT**

By virtue of an affidavit before Executive Magistrate, Umerkote, bearing affidavit no.5067 dtd.24.07. 2025, I Chandni Sen, W/o- Arun Sen rsident of Vill: Dargaguda, U.V.4, Po.- Chikalpadar, Ps.- Umerkote, Dist.- Nabarangpur, Odisha state that, before my marriage my name has been mentioned as **Chandni Byapari** in my UCO Bank Passbook as per my father's surname. After marriage my name has been mentioned as **Chandni Sen** in my Aadhaar & PAN card as per my husband's surname. I want to rectify my name in my UCO Bank passbook from **Chandni Byapari** to **Chandni Sen**.

**AFFIDAVIT**

By virtue of an affidavit sworn before The Notary Public, Padampur, on dated-27/07/2025. I, **Malati Pathy,** W/o- Late Nabin Kishor Pathy, permanent & current resident of At- Darlipali, Po- Bharsuja, Ps- Loisingha, Dist- Balangir, PIN- 767061, Odisha declare that I have changed my name from **Manati Pathy** (old name) To **Malati Pathy** (new name). Henceforth, I shall be known as **Malati Pathy** (new name) for all future purposes.

**Malati Pathy**

**AFFIDAVIT**

I, Devi Prasad Rath, aged about 52 years, S/o- Late Gobinda Chandra Rath, resident of Plot No. 35/12, Unit-4, Madhusudan Nagar, Bhubaneswar, Dist-Khordha, PIN-751001 Odisha declared by this affidavit No. 612, dtd-30/07/2025 that now onwards I shall be known as **DEBI PRASAD RATH** for all future purposes.

**CHANGE OF NAME**

By virtue of an affidavit before Executive Magistrate, Nabarangpur, bearing affidavit no/901 dtd.29.07.2025, I Narasingh Bhatra, S/o- Late Achyut Bhatra resident of Vill./Po.- Sindhigaon, Ps./Dist.- Nabarangpur, Odisha, Pin-764063 state that, I have changed my minor son's name from **Rupash Bhatra** (Old Name) to **Manash Bhatra** (New Name). Hereafter he will be known as **Manash Bhatra** (New Name) for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 29/07/2025. I, **Hira Mahalinga** (new name) formerly called as **Hira Chandra Mahalinga** (old name), Son of Pandaru Mahalinga, Permanent resident of AT/PO- Ghunsar, PS- Saintala, Dist- Balangir, (Odisha), PIN- 767032, now residing at the same place affirm that I have changed my name from **Hira Chandra Mahalinga** (old name) to **Hira Mahalinga** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Hira Mahalinga** (new name).

**Hira Mahalinga**

**Gour Mohan Sathua Higher Secondary School**
**Kostha, Mayurbhanj**
**No. 877 / Date. 30.07.2025**

**ADVERTISEMENT FOR GUEST FACULTY**

WALK-IN-INTERVIEW for selection of Guest Faculties for Pol. Science, Computer Teacher & Physical Education (sports) will be conducted for the Session 2025-26 on **Dtd. 01.08.2025 at 11 A.M.** Essential Qualification PG in Concerned subject with 50% Marks (Except Computer Teacher & Physical Education) No TA / DA is admissible.

**Sd/- Principal**
**G.M.S.H.S.School, Kostha, Mayurbhanj**

**R. S. MAHAVIDYALAYA**
**ODAGAON, DIST- NAYAGARH**

**WALK-IN-INTERVIEW**

Candidates securing 55% marks or above at the P.G. level may appear the interview for the post of Lecturer in Logic & Philosophy on Guest Basis to be conducted at **11.30 AM on dt. 07/08/2025** in the Office of the Sub-Collector, Nayagarh with supporting documents and biodata.

**Sd/-Principal-Cum-Secretary**
**R.S. Mahavidyalaya, Odagaon**

# ଜମି ସମାନ: ବଢୁଛନ୍ତି ଚାଷୀ; ବଢୁଛି ଫସଲ

ଭବାନୀପାଟଣା, ୩୦।୭ (ସମିସ)

ରାଜ୍ୟରେ ଧାନ ଉତ୍ପାଦନ ପାଇଁ କଳାହାଣ୍ଡି ଜିଲ୍ଲା ବରଗଡ଼ ଜିଲ୍ଲାପରେ ଦ୍ୱିତୀୟ ସ୍ଥାନରେ ରହିଛି। ଆଉ ଦୁଇବର୍ଷ ମଧ୍ୟରେ ଏହି ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିବାର ସମ୍ଭାବନାକୁ ଏଡେଇଦେଇ ହେବନାହିଁ। ଗତ ୭/୮ ବର୍ଷର ଅନୁଶୀଳନରୁ ଜଣାପଡ଼ିଛି ଯେ ଆବଶ୍ୟକ ଜଳସେଚନ ସୁବିଧାକୁ ତ୍ୱରାନ୍ୱିତ କରାଯିବା ପରେ ଧାନ ଫସଲ ଆଶାତୀତ ରୂପେ ବୃଦ୍ଧି ପାଇଛି। ସେହିଭଳି ଚାଷୀ ସଂଖ୍ୟା ଦୁଇଗୁଣରେ ପହଞ୍ଚିଛି। କିନ୍ତୁ ଯେତିକି ଜମିରେ ଧାନ ଚାଷ ହେଉଥିଲା ବର୍ତ୍ତମାନ ପ୍ରାୟ ସେତିକି ହିଁ ରହିଥିବା କାଗଜପତ୍ରରୁ ସୂଚିତ ହେଉଛି। ବିଶେଷଭାବେ ବୃହତ୍ତ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ଚାଷୀ ଜୀବନର ଲାଇଫ ଲାଇନ ପାଲଟିଛି। ସେହିପରି ମଧ୍ୟମ ଜଳସେଚନ କ୍ଷେତ୍ରରେ ଉତେଇ ଓ ରେତ ଜଳସେଚନ ପ୍ରକଳ୍ପ ଏବଂ କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ବେଶ୍ ସହାୟକ ହୋଇପାରିଛି। ଏହାଫଳରେ ଧାନ ଉତ୍ପାଦନ ହାର ବୃଦ୍ଧି ପାଇବା ସ୍ୱାଭାବିକ ବୋଲି କୁହାଯାଇପାରେ। ଇନ୍ଦ୍ରାବତୀ ଯୋଜନା ଦ୍ୱାରା ୨ଲକ୍ଷ ୧୮ ହଜାର ହେକ୍ଟର, ଉତେଇ ଖରିଫରେ ୯୬୨୬ ହେକ୍ଟର ଓ ରେତ ପ୍ରକଳ୍ପ ଖରିଫ ଚାଷ ପାଇଁ ୮୫୦୦ ହେକ୍ଟର ଜମିକୁ ଜଳ ଯୋଗାଉଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୩-୧୪ ମସିହାରେ ଖରିଫ ଓ ରବି ଚାଷରେ ମାତ୍ର ୪୩୯୮୬୧୭.୪୭ କ୍ୱିଣ୍ଟାଲ ଧାନ କ୍ରୟ ବିକ୍ରି ହୋଇଥିଲା। ତାହା ଧୀରେ ଧୀରେ ବୃଦ୍ଧିପାଇ ବର୍ତ୍ତମାନ ୯୩୬୭୦୭୨.୦୭ କ୍ୱିଣ୍ଟାଲରେ ପହଞ୍ଚିଛି। କଳାହାଣ୍ଡି ଜିଲ୍ଲା ଦୁଇଗୁଣରୁ ଅଧିକ ଧାନ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଗତ ସରକାର ସମୟର ପ୍ରଚେଷ୍ଟାର ଫଳ ସ୍ୱରୂପ ଚାଷୀ ଆର୍ଥିକ ସ୍ୱାବଲମ୍ବୀ ହୋଇଥିବା କଥାକୁ ସମସ୍ତେ ସ୍ୱୀକାର କରିଆସୁଛନ୍ତି। ଅନ୍ୟ ପ୍ରକଳ୍ପଗୁଡିକ ନୂଆ ସରକାର ହାତକୁ ନେଲେ ଧାନ ଚାଷ ଏକ ସମୃଦ୍ଧ ଜିଲ୍ଲା ଭାବେ କଳାହାଣ୍ଡି ନିଶ୍ଚିତରୂପେ ମାନ୍ୟତା ପାଇବ ବୋଲି ଅନେକ ଚାଷୀ ନିଜ ମତ ରଖିଛନ୍ତି। ଅନ୍ୟପକ୍ଷେ ଜିଲ୍ଲାର ଚାଷୀ ସଂଖ୍ୟା ୨୦୧୪/୧୫ ମସିହାରେ ୬୧୨୭୦ଜଣ ଥିବା ବେଳେ ଗତବର୍ଷ ୧, ୧୪୫୩୭ଜଣ ଚାଷୀଙ୍କ ପଞ୍ଜିକରଣ ହୋଇଥିବା ପ୍ରକାଶ। ଚଳିତ ଖରିଫରେ ୧୯ ତାରିଖଠୁ ୨୯ ତାରିଖ ସୁଦ୍ଧା ଧାନ ବିକ୍ରି ପାଇଁ ୨୭ହଜାରରୁ ଅଧିକ ଚାଷୀ ପଞ୍ଜିକରଣ କରିଛନ୍ତି। ଏହାରି ଭିତରେ ଚାଷୀ ନିଜ ନିଜ ପ୍ୟାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) ଓ ଧାନ କ୍ରୟ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଖକୁ ଯାଇ ପଞ୍ଜୀକରଣ କରୁଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲାରେ ୭୪ଟି ପ୍ୟାକ୍ସ ଓ ୨୮ଟି ଧାନ କ୍ରୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ତେବେ ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜିକରଣ ଚାଲିବ। ରାଜ୍ୟ ସରକାରଙ୍କ ଇନପୁଟ୍ ସହାୟତା ମିଶି ଚାଷୀ ଗତ ଖରିଫ ଓ ରବି ଋତୁରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପାଉଥିବାବେଳେ ଇନପୁଟ ସହାୟତା ଟଙ୍କା ପାଇଁ କେତକ ଭାଗ ଚାଷୀ ନିରାଶ ହୋଇଛନ୍ତି। କେତକ ସ୍ଥାନରେ ଭାଗ ଚାଷ କରୁଥିବା ଚାଷୀଙ୍କ ଇନ୍‌ପୁଟ୍ ସହାୟତା ରାଶି ଜମିର ପ୍ରକୃତ ମାଲିକ ରଖିଦେଉଥିବା ଜଣାପଡ଼ିଛି। ଚଳିତ ଥର ଚାଷୀଙ୍କ ପଞ୍ଜୀକରଣ ନୂତନ ଆକାରରେ ହେଉଛି। ତେଣୁ ନକଲି ଚାଷୀ ଗଳାବାଟ ଦେଇ ଧାନ ବିକ୍ରି କରୁଥିବାରୁ ସରକାର ଏଥିରେ ରୋକ ଲଗାଇବା ପାଇଁ ଉଦ୍ୟମ କରିଛନ୍ତି। ଚାଷୀ ଏବଂ ଭାଗଚାଷୀଙ୍କ ଇ-କେୱାଇସି କରାଯାଉଛି। ଆଧାର ଇ-କେୱାଇସି ସଂଲଗ୍ନ ବ୍ୟାଙ୍କ ଖାତା ଜରିଆରେ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଜମି ମାଲିକଙ୍କ ସମ୍ମତିରେ ଠିକା ଆକାରରେ ଚାଷ କରୁଥିବା ଭାଗଚାଷୀଙ୍କ ପାଇଁ ଜମି ମାଲିକଙ୍କ ସହମତି ପତ୍ର ଓ ଖାତାଦାରଙ୍କ ସହମତି ପତ୍ରକୁ ପି-ପାସ୍‌ରେ ଅପ୍‌ଲୋଡ୍ କରାଯାଉଛି। ପଞ୍ଜୀକୃତ ଚାଷୀକୁ ଚାଷୀ ପଞ୍ଜୀକରଣର ପ୍ରମାଣ ସ୍ୱରୂପ ସ୍ଲିପ୍ ପ୍ରଦାନ କରାଯିବାର ନୂତନ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପ୍ରକୃତ ଚାଷୀ ସରକାରଙ୍କ ସୁବିଧା ପାଇପାରିବେ। ସେହିପରି ସଚେତନତା ସୃଷ୍ଟି ସକାଶେ ଜିଲ୍ଲା ପ୍ରଶାସନ, ନିୟନ୍ତ୍ରିତ ବଜାର କମିଟି ଓ ସମବାୟ ବିଭାଗ ପକ୍ଷରୁ ଚାଷୀ ପଞ୍ଜୀକରଣ ପଦ୍ଧତି ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଉଛି। ତେବେ ନୂଆ ନିୟମରେ ଚାଷୀ କାଗଜପତ୍ର ପ୍ରସ୍ତୁତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଞ୍ଜୀକରଣରେ ସରଳୀକରଣ କରିଛନ୍ତି। ବାପା କି ଜେଜେ ବାପାଙ୍କ ନାମରେ ଜମିଥିଲେ ବି ପୁଅମାନେ ପୃଥକ ଭାବେ ଚାଷ କରିବାରୁ ଚାଷୀ ସଂଖ୍ୟା ବଢୁଛି। ତତସହିତ ଟୋକାନ ପାଇବାରେ ସହଜ ହେଉଥିବା ଯୋଗାଣ ବିଭାଗ କହିଛି। ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜୀକରଣ କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି ତେବେ ତାଙ୍କୁ ଅନ୍ୟ ଭାଇମାନଙ୍କ ଲିଖିତ ସ୍ୱୀକୃତି ନାମା ପଞ୍ଜୀକରଣ ସମୟରେ ଦାଖଲ କରିବାକୁ ହେବ ବୋଲି ସରକାରଙ୍କ ପକ୍ଷରୁ ନୂତନ ନିର୍ଦ୍ଦେଶନାମା ଆସିଛି। ଏହି ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ କେଉଁ ଜମିରେ ଚାଷ ହୋଇଛି, ତାହା ଜଳସେଚିତ ଜମି କି ନୁହେଁ, କେନାଲ ପାଣି ଦ୍ୱାରା ଚାଷ ହୋଇଛି କି ନାହିଁ, ତାହା ଉଠା ଜଳସେଚନରୁ ଚାଷ ହୋଇଛି କିମ୍ବା ଅଣଜଳସେଚିତ ଜମି ତାହା ପଞ୍ଜୀକରଣ ଦାୟିତ୍ୱରେ ଥିବା ପାକ୍ସ ସମ୍ପାଦକ ଅନୁମୋଦନ କରୁଛନ୍ତି। ପରେ ଉପଗ୍ରହ ସର୍ବେକ୍ଷଣରେ ସନ୍ଦିଗ୍ଧ ଜମି ସଂଖ୍ୟା ଜଣାପଡୁଛି। ତଥାପି କଳାହାଣ୍ଡି ଜିଲ୍ଲାରେ ପ୍ରତିବର୍ଷ ଭଳି ଦଲାଲମାନଙ୍କ ପ୍ରଭାବରେ ନକଲି ଚାଷୀ ପଞ୍ଜୀକରଣ ହାର ବଢୁଛି। ଚାଷ କରାଯାଉଥିବା ସମୁଦାୟ ଉତ୍ପାଦିତ ଧାନ ଫସଲରୁ କିଛିଧାନ ସରକାରଙ୍କ ପଞ୍ଜୀକରଣ ବ୍ୟବସ୍ଥା ସହିତ ଯୋଡି ନ ହୋଇ ଦଲାଲ ହାତକୁ ଚାଲିଯାଉଛି ବୋଲି କେତକ ପ୍ରକାଶ କରିଛନ୍ତି। ସେ ଯାହାହେଉ ଚାଷୀ ପଞ୍ଜୀକରଣର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଛି। ବେଳେବେଳେ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ୍ ପଡୁଛନ୍ତି। ଟୋକନ ପାଇବାରେ ହଇରାଣ ହେଉଛନ୍ତି। ସେହିପରି ଅଧିକାଂଶ ଜମି ମାଲିକ ଚାଷ କରୁ ନ ଥିବା ବେଳେ ଭାଗଚାଷୀ ହିଁ ଚାଷ କରୁଛନ୍ତି। କିନ୍ତୁ ଭାଗଚାଷୀଙ୍କୁ କିଛି ଜମି ମାଲିକମାନେ ନିଜର ସହମତି ପତ୍ର ଦେଉନାହାନ୍ତି। ଜମି ମାଲିକ ଚାଷ ନ କରି ନିଜ ନାମରେ ପଞ୍ଜୀକରଣ କରୁଛି। ଫଳରେ ଭାଗଚାଷୀର ଧାନ ବିକ୍ରି ଟଙ୍କା ଜମି ମାଲିକ ବ୍ୟାଙ୍କ୍ ଖାତାରେ ଜମା ହେଉଛି। ଜମି ମାଲିକ ପୂର୍ବ ସର୍ତ୍ତ ସହିତ ଇନପୁଟ ଟଙ୍କା କାଟି ରଖି ନିଜ ଇଚ୍ଛା ଅନୁସାରେ ଭାଗଚାଷୀଙ୍କୁ ଦେଉଥିବା ଅଭିଯୋଗ ହେଉଛି। ସରକାର ଏ ଦିଗରେ ଦୃଷ୍ଟି ଦେଇ ଭାଗ ଚାଷୀଙ୍କ ମଙ୍ଗଳ ଚିନ୍ତା କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି।

- ଧାନ ବିକ୍ରି ପଞ୍ଜିକରଣ ବୃଦ୍ଧିର କାରଣ ଇନ୍‌ପୁଟ୍ ସହାୟତା
- ୧୦ ଦିନରେ ଚାଷୀ ପଞ୍ଜିକରଣ ସଂଖ୍ୟା ୨୭ ହଜାର ଟପିଛି
- ଭାଗ ଚାଷୀଙ୍କ ଭାଗ୍ୟରେ ଘୁଞ୍ଚୁନି ଦୁଃଖ

## ଦପଲା ଶେଉଲମୁଣ୍ଡା ରାସ୍ତା ମରଣଯନ୍ତା



ଶଗଡ଼ା, ୩୦।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶେଉଲମୁଣ୍ଡା ଛକରୁ ଦପଲା ହାଟପଦା ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ବର୍ଷା ଦିନରେ ଏହି ରାସ୍ତାରେ ଖାଲଖମା ସହ ପାଣି କାଦୁଅରେ ଭର୍ତ୍ତି ହୋଇଥିବା ବେଳେ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଲୋକଙ୍କ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ଛାତ୍ରଛାତ୍ରୀ ବହୁ କଷ୍ଟରେ ଯିବା ଆସିବା କରିଥାନ୍ତି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟିଥାଏ। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ରାସ୍ତା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ଖୁବ୍ ଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

- ଅବ୍ୟବସ୍ଥା ଭିତରେ ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ବୈଠକରେ ତାତିଲେ ଅଭିଭାବକ

- ବହୁଦିନରୁ ପ୍ରଧାନ ଶିକ୍ଷକ ପଦ ଖାଲି
- ବାରମ୍ବାର ଅନୁରୋଧ ସତ୍ତ୍ୱେ ଫଳ ଶୁନ୍
- ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ

ମନମୁଣ୍ଡା, ୩୦।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ୧୮୮୧ ମସିହାରେ ସ୍ଥାପିତ ମନମୁଣ୍ଡା ମଧ୍ୟ ଇଂରାଜୀ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବହୁ ଅବ୍ୟବସ୍ଥା ମଧ୍ୟରେ ରହିଛି। ପ୍ରାୟ ୩ ଏକର ପରିମିତ ଜମିରେ ଅବସ୍ଥିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୨ ଜଣ ଶିକ୍ଷକ ଏବଂ ୫ ଜଣ ଶିକ୍ଷୟିତ୍ରୀ ରହଛନ୍ତି। ପ୍ରଧାନ ଶିକ୍ଷକ ପଦବୀ କିନ୍ତୁ ବହୁ ଦିନରୁ ଖାଲି ପଡ଼ିଛି। ଅବଶ୍ୟ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ମିଶ୍ରଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦବୀରେ ଅବସ୍ଥାପିତ କରାଯାଇଛି। ତେବେ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଅନେକ ଥର ବିଇଓ ଏବଂ ଡିଇଓଙ୍କୁ ଅନୁରୋଧ କରିଛନ୍ତି। ଏଭଳିକି ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଯଥା ଶୀଘ୍ର ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା; କିନ୍ତୁ ତାହା କରାଗଲା ନାହିଁ। ବୁଧବାର ଅଭିଭାବକମାନେ ସ୍କୁଲରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୀଘ୍ର ଏହି ସ୍କୁଲ ପାଇଁ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ଦେଲେ ସେମାନେ ପିଲାଙ୍କୁ ସ୍କୁଲକୁ ପଠାଇବେ ନାହିଁ। ତାଲା ପକାଇ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଖେଳକୁଦ ପାଇଁ ଉଦ୍ଦିଷ୍ଟ ଜାଗାରେ ପଞ୍ଚାୟତ ତରଫରୁ ଚାରାରୋପଣ କରି ଦିଆଯାଇଛି। ସ୍କୁଲର ପଶ୍ଚିମ ଦିଗରେ ପର୍ଯ୍ୟାପ୍ତ ଜାଗା ରହିଛି। ସେଠାରେ ଚାହିଁଥିଲେ ଚାରାରୋପଣ କରାଯାଇପାରିଥାନ୍ତା ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୁରୁଣା ଘର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଣୁ ଅନାବନା ଗଛ ଉଠି ସାପଙ୍କ ଗନ୍ତାଘର ପାଲଟିଛି। ସ୍କୁଲର ପଶ୍ଚିମ ଦିଗ ବାଡକୁ କେହି ଭାଙ୍ଗି ଦେଇଛି। ସ୍କୁଲ କର୍ତ୍ତୃପକ୍ଷ ସେଥିପ୍ରତି ଆଖି ବୁଜି ଦେଇଛନ୍ତି। ଏ ସବୁ ଅବ୍ୟବସ୍ଥା ପାଇଁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପୋଲ ଉପରେ ବିପଦସଂକୁଳ ଗାତ



ଲାଞ୍ଜିଗଡ଼, ୩୦।୭ (ସମିସ): ଭବାନୀପାଟଣା-ରାୟଗଡ଼ାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଢେପଗୁଡ଼ା ପୋଲ ଉପରେ ଏକାଧିକ ଗାତ ବିପଦସଂକୁଳ ଅବସ୍ଥାରେ ରହିଛି। ଏଥିପାଇଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ପରେ ବିଭାଗ ପକ୍ଷରୁ କିଛି ପିଚୁ ଓ ଚିପ୍ସ ପକାଇ ଗାତଗୁଡ଼ିକୁ ମରାମତି କରାଯାଉଛି; ହେଲେ ପୁଣି କିଛିଦିନ ପରେ ଚିପ୍ସ ବାହାରି ଗାତ ସୃଷ୍ଟି ହେଉଛି। ତେବେ ନିମ୍ନମାନର ମରାମତି ଯୋଗୁଁ ବାରମ୍ବାର ଏପରି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ପୋଲ ଉପରେ ଦୈନନ୍ଦିନ ହଜାର ହଜାର ମାଲବାହୀ ଯାନବାହନ ଚଳାଚଳ କରୁଛି। ଅନେକ ସମୟରେ ଯାନବାହନ ଚଳାଚଳ ବେଳେ ଏହି ଗାତ ଉପରେ ପଡ଼ି ଅନେକ ଦୁର୍ଘଟଣା ଘଟୁଥିବା ନଜିର ରହିଛି।

## ପାଷ୍ଟିକୁଡ଼ିକୁ ବ୍ଲକ୍ ମାନ୍ୟତା ଦାବି

କେସିଙ୍ଗା, ୩୦।୭ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ିକୁ ନୂତନ ବ୍ଲକ ଘୋଷଣା କରିବା ପାଇଁ ଦାବି ଆରମ୍ଭ ହେଲାଣି। କେସିଙ୍ଗାରୁ ପ୍ରାୟ ୨୫ କିମି ଓ ଭବାନୀପାଟଣାଠାରୁ ପ୍ରାୟ ୧୫ କିମି ଦୂରରେ ୨୬ନମ୍ବର ଜାତୀୟ ରାଜପଥ କଡ଼ରେ ପାଷ୍ଟିକୁଡ଼ି ପଞ୍ଚାୟତ ଅବସ୍ଥିତ। ଯେକୌଣସି ସରକାରୀ କାମ ପାଇଁ ଗ୍ରାମର ଜନସାଧାରଣ କେସିଙ୍ଗା ବ୍ଲକ ଉପରେ ନିର୍ଭର କରିଥାଆନ୍ତି। ଛୋଟିଆ କାମ ପାଇଁ କୌଣସି ଅଫିସକୁ ଆସିବାକୁ ପଡୁଛି। ଅଫିସର ନ ଥିଲେ ନିରାଶ ହୋଇ ଫେରିବାକୁ ପଡ଼ିଥାଏ। ତେଣୁ ପାଷ୍ଟିକୁଡ଼ି ଅଞ୍ଚଳରେ ଏକ ନୂତନ ବ୍ଲକ ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ନୂତନ ବ୍ଲକ ସ୍ଥାପନ ଦାବି ଉପରେ କଳାହାଣ୍ଡି ଜିଲ୍ଲା ସରପଞ୍ଚ ସଂଘ ସଭାପତି ସୁବୋଧ ରଣା କହିଛନ୍ତି ଯେ, ଲୋକଙ୍କୁ କେସିଙ୍ଗା ଦୂର ହେଉଛି। କିଛି ଜରୁରି ସରକାରୀ କାମ ପଡ଼ିଲେ ଲୋକଙ୍କୁ କେସିଙ୍ଗା ଯିବାକୁ ପଡୁଛି। କାମ ନ ହେଲେ ଏତେ ଦୂରରୁ ନିରାଶ ହୋଇ ଫେରିବାକୁ ପଡୁଛି। ପାଷ୍ଟିକୁଡ଼ିରେ ବ୍ଲକ ହେଲେ କେସିଙ୍ଗା ବ୍ଲକର ପ୍ରାୟ ୧୦ ପଞ୍ଚାୟତ ଓ ଭବାନୀପାଟଣା ବ୍ଲକର ପ୍ରାୟ ୫ ପଞ୍ଚାୟତବାସୀ ଉପକୃତ ହେବେ।

## ବଡ଼ପୋଡ଼ାଗୁଡ଼ା-ମହାଜନଗୁଡା ରାସ୍ତା ଶୋଚନୀୟ



କୋକସରା, ୩୦।୭ (ସମିସ): ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା, ମହାଜନଗୁଡା ରାସ୍ତା ମରାମତି ଅଭାବ କାରଣରୁ ଅନେକ ଦିନ ହେଲା ଶୋଚନୀୟ ହୋଇପଡ଼ିଛି। ଏହା ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡ଼ପୋଡ଼ାଗୁଡ଼ାଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ପ୍ରାୟ ୪ କିମି ଏହି ରାସ୍ତାକୁ କିଛି ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ନିର୍ମାଣ ପରେ ୫ବର୍ଷର ରକ୍ଷଣାବେକ୍ଷଣ ଅବଧି ମଧ୍ୟ ସରିଛି; ହେଲେ ଅନେକ ଦିନ ହେଲା ମରାମତି ଅଭାବ କାରଣରୁ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ସହ ରାସ୍ତାରେ ପାଣି ଜମି ରହୁଛି। ରାସ୍ତାଟି ୨୬ ନମ୍ବର ଜାତୀୟ ରାଜପଥରୁ ବିଜୁ ଏକ୍ସପ୍ରେସୱେକୁ ସଂଯୋଗ ରହିଥିବାରୁ ପ୍ରତିଦିନ ଏହି ରାସ୍ତାରେ ଶହଶହ ଗାଡ଼ି ମୋଟର ସହ ଅଞ୍ଚଳବାସୀ ନିର୍ଭରଶୀଳ। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବଡ଼ପୋଡ଼ାଗୁଡ଼ା, ମହାଜନଗୁଡା, ରଏନଗୁଡା, ତଲାଗାଁ ସମେତ ଆଖପାଖ ଗାଁ ଲୋକେ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ରାସ୍ତା ମରାମତି ଦିଗରେ ପ୍ରସ୍ତାବ ଦିଆଯାଇଛି ବୋଲି କହିଛନ୍ତି।

## ସରକାରୀ କାର୍ଯ୍ୟକ୍ରମରେ ଅବହେଳାରୁ ୧୧ ବିଇଓଙ୍କ ଦରମା ବନ୍ଦ

- ବଲାଙ୍ଗିର ଶିକ୍ଷା ବିଭାଗରେ ବଡ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟକ୍ରମ ଟାର୍ଗେଟ ପୂରିଲାନି
- ଦରମା ବନ୍ଦ ପାଇଁ ଟ୍ରେଜେରୀ ଅଧିକାରୀଙ୍କୁ ଜଣାଇଲେ ଡିଇଓ

ବଲାଙ୍ଗିର, ୩୦।୭ (ସମିସ): ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ କାର୍ଯ୍ୟକ୍ରମକୁ ଅବହେଳା ଓ ଟାର୍ଗେଟ ପୂରଣରେ ବିଫଳତା ଯୋଗୁଁ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାର ୧୪ ବ୍ଲକରେ କାର୍ଯ୍ୟରତ ଥିବା ୧୧ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ଦିଆଯାଇଥିବା ଟାର୍ଗେଟ ପୂରଣ ହୋଇନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ପରିବେଶ ପ୍ରଦୂଷଣ ରୋକିବା, ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ବୃକ୍ଷରୋପଣକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ତଥା ରାଜ୍ୟର ସମସ୍ତ ସ୍କୁଲରେ ଆୟୋଜନ କରିବା ସହ ଲୋକଙ୍କୁ ବୃକ୍ଷରୋପଣ କରିବାକୁ ସଚେତନ କରିବା, ସ୍କୁଲମାନଙ୍କରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହିକ୍ରମରେ ଜିଲ୍ଲା ଶିକ୍ଷା ବିଭାଗର ଏକ ବଡ ଭୂମିକା ରହିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କଙ୍କ ପାଇଁ ମଧ୍ୟ ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଠିକ ଭାବେ ଆୟୋଜନ କରାଯାଇନଥିବାରୁ ଏହା ବିଫଳ ହୋଇଥିବା ଜଣାପଡ଼ିଛି। ଯେଉଁ ଟାର୍ଗେଟ ଜିଲ୍ଲା ଶିକ୍ଷା ବିଭାଗ ବିଇଓମାନଙ୍କ ପାଇଁ ଧାର୍ଯ୍ୟ କରିଥିଲା ତାହା ପୂରଣ ହୋଇପାରିନଥିବା ଜଣାପଡ଼ିଛି। ଯାହାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିଇଓମାନଙ୍କ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲ୍ଲାର ୧୪ ବ୍ଲକରେ କାର୍ଯ୍ୟରତ ଥିବା ୧୧ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜୁଲାଇ ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଚିଠି ନଂ ୬୦୭୬ ତାରିଖ ୨୯.୦୭.୨୦୨୫ ରେ ଲୋଇସିଂହା ଓ ଆଗଲପୁର ବ୍ଲକ ଦାୟିତ୍ୱରେ ଥିବା ଶ୍ୟାମ ମେହେର, ବଲାଙ୍ଗିର ଓ ସଇଁନ୍ତଲା ବ୍ଲକ ଦାୟିତ୍ୱରେ ଥିବା ଦୀଲିପ ଯୋଷୀ, ଟିଟିଲାଗଡ଼ ବିଇଓ ଆର୍ତ୍ତତ୍ରାଣ ରଥ, ଦେଓଗାଁ ବିଇଓ ମମତା ମହାଡିକ, ଗୁଡଭେଲା ବିଇଓ ନମିତାରାଣୀ ଭୋଇ, ବଙ୍ଗୋମୁଣ୍ଡା ବିଇଓ ବୈକୁଣ୍ଠ ଶବର, ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ତୁରେକେଲା ବିଇଓ ଗୌତମ ପଟେଲ, ବେଲପଡ଼ା ଓ ଖପ୍ରାଖୋଲ ବିଇଓ ଅଭିନବ ମିଶ୍ର, ପାଟଣାଗଡ଼ ବିଇଓ ଶଙ୍କର ପ୍ରସାଦ ମାଝୀ ଓ ପୁଇଁନ୍ତଲା ବିଇଓ ରତ୍ନମୟୀ ପୁରୋହିତ ଦରମା ବନ୍ଦ କରିବାକୁ ସମସ୍ତ ଟ୍ରେଜେରି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବୈଷୟିକ କାରଣରୁ ୨ରେ ସମସ୍ତ ଡାକଘର ବନ୍ଦ

ଭବାନୀପାଟଣା, ୩୦।୭ (ସମିସ): ଅଗଷ୍ଟ ୨ତାରିଖରେ ଭବାନୀପାଟଣା ପ୍ରଧାନ ଡାକଘର, ନୂଆପଡ଼ା ମୁଖ୍ୟ ଡାକଘର ଏବଂ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ଅଧୀନ ସମସ୍ତ ଉପଡ଼ାକଘର ଓ ଶାଖା ଡାକଘରରେ ଡାକସେବା ବନ୍ଦ ରହିବ। ଡାକବିଭାଗ ଦ୍ୱାରା ବର୍ତ୍ତମାନ ବ୍ୟବହୃତ ଏସ୍‌ଏପି ସଫ୍ଟୱେୟାର୍ ବଦଳରେ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଆଧୁନିକ ଡାକବ୍ୟବସ୍ଥା ଓ ପ୍ରଯୁକ୍ତି (ଆଇଟି ୨.୦ ସଫ୍ଟୱେୟାର) ପ୍ରଚଳିତ ହେବାକୁ ଯାଉଛି। ଭବାନୀପାଟଣା ପ୍ରଧାନ ଡାକଘର, ନୂଆପଡ଼ା ମୁଖ୍ୟ ଡାକଘର ଓ ଏହା ଅଧୀନ ସମସ୍ତ ଉପଡ଼ାକଘର ଓ ଏମାନଙ୍କ ଅଧୀନ ସମସ୍ତ ଶାଖା ଡାକଘରେ ଅଗଷ୍ଟ ୪ରୁ ଏହି ସଫ୍ଟୱେୟାର ପ୍ରଚଳନ ଦ୍ୱାରା ଡାକସେବା ଅଧିକ ତ୍ୱରାନ୍ୱିତ ହେବା ସହ ନେଟ୍‌ୱର୍କ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଣୁ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ବୈଷୟିକ କାରଣରୁ ଡାକସେବା ବନ୍ଦ ରହିବ ବୋଲି କଳାହାଣ୍ଡି ଡାକମଣ୍ଡଳ ଡାକ ଅଧୀକ୍ଷକ ସୁଶାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ପରିତ୍ୟକ୍ତ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ



ଲାଞ୍ଜିଗଡ଼, ୩୦।୭ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ଶବ ବ୍ୟବଚ୍ଛେଦ ଗୃହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଲାଞ୍ଜିଗଡ଼ ବ୍ଲକର ୧୮ଟି ପଞ୍ଚାୟତର ଲୋକେ ଦୁର୍ଘଟଣା, ହତ୍ୟା, କୌଣସି ସନ୍ଦେହଜନକ ମୃତ୍ୟୁ ଓ ଅପମୃତ୍ୟୁ ଘଟିଲେ ଶବ ବ୍ୟବଚ୍ଛେଦ ପାଇଁ ଏହି ବ୍ୟବଚ୍ଛେଦ ଗୃହ ଉପରେ ନିର୍ଭର କରିଥାନ୍ତି। ତେବେ ଦୀର୍ଘ ବର୍ଷ ହେଲା ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଏହି ବ୍ୟବଚ୍ଛେଦ ଗୃହ ଅପନ୍ତରା ହୋଇ ପଡ଼ିରହିଛି। ଗୃହ ସାମ୍ନାରେ ଲଟାବୁଦା ଭର୍ତ୍ତି ହୋଇଥିବାବେଳେ ଦିନରେ ମଧ୍ୟ ସରୀସୃପ ଭୟ ଲାଗି ରହିଛି। ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଶବଗୃହରେ ଶବ ସଂରକ୍ଷିତ କରି ରଖିବା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନ ଥିବାବେଳେ ବ୍ୟବଚ୍ଛେଦ ପାଇଁ ଅଣାଯାଉଥିବା ଶବକୁ ଜଗି ରହିବା ମୁସ୍କିଲ ହୋଇପଡୁଛି। ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ରାସ୍ତା ଉପରେ ଛୋଟ କଲଭର୍ଟଟିଏ ଥିବାବେଳେ ତାହା ଭାଙ୍ଗିରୁଜି ଯାଇଛି। ଏହା ନିକଟରେ ଲୋକେ ଅଳିଆ ଗଦା କରିଦେଇଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଶବ ବ୍ୟବଚ୍ଛେଦ ଗୃହର ପୁନଃରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି।

# ଠାକୁରପାଲିରେ ନିର୍ମାଣ କାମ ନିମ୍ନମାନର !

ନୂଆପଡ଼ା/କୋମନା, ୩୦।୭ (ସମିସ)



- ଗଣେଶ ମଣ୍ଡପ, ବିଦ୍ୟାଳୟ ଗୃହ ନିର୍ମାଣ ନିମ୍ନମାନର ଅଭିଯୋଗ
- ଗଣେଶ ମଣ୍ଡପ ପୁନଃ ନିର୍ମାଣ ହେବ
- ସ୍କୁଲ ଘର ନିର୍ମାଣ ଉପରେ ବି ଦୃଷ୍ଟି ନ ଦେଲେ ଆନ୍ଦୋଳନ

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସିଲଭା ପଞ୍ଚାୟତର ଠାକୁରପାଲି ଗାଁରେ ସରପଞ୍ଚ ପରିବାରର ମନୋମୁଖୀ କାରବାର ଯୋଗୁଁ ନିର୍ମାଣ କାମ ସବୁ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ଗଣେଶ ମଣ୍ଡପ ନିର୍ମାଣ ଏବଂ ସ୍କୁଲ ଘର ନିର୍ମାଣ ନାମରେ ଲକ୍ଷାଧିକ ଟଙ୍କାର ଅନିୟମିତତା ହେଉଥିବାବେଳେ କାମ ସବୁ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଗଣେଶ ମଣ୍ଡପର ପୁନଃ ନିର୍ମାଣ ହେବ ବୋଲି କୁହାଯାଉଥିବାବେଳେ ସ୍କୁଲ ନିର୍ମାଣର ନିରପେକ୍ଷ ତଦନ୍ତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଠାକୁରପାଲି ଗାଁରେ ଦୀର୍ଘ ଦିନ ହେବ ଏକ ଗଣେଶ ମଣ୍ଡପ ନିର୍ମାଣ ସକାଶେ ଲୋକେ ଦାବି କରିଆସୁଥିଲେ। ଏଣୁ ତତ୍କାଳୀନ ସରକାର ନବୀନ ଓଡ଼ିଶା କାର୍ଯ୍ୟକ୍ରମରୁ ୫ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ଗ୍ରାମବାସୀ ଏହି କାମ ଗାଁ କମିଟି ତ୍ତ୍ୱାବଧାନରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ; ହେଲେ କୁଆଡେ ସେଠିକାର ସରପଞ୍ଚ ଏହାକୁ ନିଜ ଅକ୍ତିଆରକୁ ଆଣି ନିଜ ମନମୁତାବକ କାମ ଆରମ୍ଭ କଲେ। ବିଭାଗୀୟ ଯନ୍ତ୍ରୀ ଜଣକ କେବଳ ଲେ-ଆଉଟ ଦେଇ ଛାଡିଦେଇ ଚାଲିଗଲେ। ନିର୍ମାଣ ହେବା ଦିନଠାରୁ କେହି ଅଧିକାରୀ କି ଯନ୍ତ୍ରୀଙ୍କ ଦେଖା ଦର୍ଶନ ମିଳିଲା ନାହିଁ। ବର୍ତ୍ତମାନ ଉପରେ ଛାଉଣୀ ହେବାବେଳକୁ ବର୍ଷା ଦିନ ହେତୁ ସବୁ ନିମ୍ନମାନର କାମ ପଦାକୁ ଆସୁଛି। ନିର୍ଦ୍ଧାରିତ ଏଷ୍ଟିମେଟ ମୁତାବକ କାମ କରାଯାଇ ନ ଥିବାବେଳେ ଖମ୍ବଗୁଡିକରୁ ସିମେଣ୍ଟ ଖସୁଛି। ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ଆବଶ୍ୟକ ସଂଖ୍ୟକ ପିଲାର କରାଯାଇ ନ ଥିବାରୁ ବର୍ତ୍ତମାନ ଏହା ଦୋହୁଲ୍ୟମାନ ସ୍ଥିତିରେ ରହିଛି। ସ୍ଲାବ୍ କରିବା ଆଗରୁ ବି ଏହା ଖସିଯାଇପାରେ ବୋଲି ଗ୍ରାମବାସୀ ଆକଳନ କରୁଛନ୍ତି। ଏଭଳି ସ୍ଥିତିରେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଖବର ଦେବାରେ ବୁଧବାର ନିର୍ମାଣସ୍ଥଳକୁ ଆସି ସ୍ଥିତି ପରଖିଛନ୍ତି। ଏହିଭଳି ଗାଁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ୧୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ଅତିରିକ୍ତ ଶ୍ରେଣୀ କୋଠରି ନିର୍ମାଣ ଚାଲିଛି। ଏଥିରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇଥିବା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସମେତ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ପାଇବା ପରେ ଆମ ପ୍ରତିନିଧି ମଧ୍ୟ ଗାଁରେ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ସ୍ଥିତିର ସତ୍ୟତା ଅନୁଧ୍ୟାନ କରିବା ପରେ ବିଭାଗୀୟ ଯନ୍ତ୍ରୀ ଗୁରୁପ୍ରସାଦ କିଷାନଙ୍କୁ ସମ୍ପର୍କ କରିଥିଲେ। ଗଣେଶ ମଣ୍ଡପ କଥା ସ୍ୱୀକାର କରିଥିଲେ। ଏହାକୁ ସରପଞ୍ଚ ଭାଙ୍ଗି ପୁଣିଥରେ ନିର୍ମାଣ କରିବେ। ବିଦ୍ୟାଳୟ କଥା ମଧ୍ୟ ସେ ଦେଖିଛନ୍ତି। ଏହାକୁ ନେଇ ବିଡିଓଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ତେବେ ଏହାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗାଁର ତିଳୋତ୍ତମା ରଣା, ବିଶିକେଶନ ଶବର, ସୁକଦେବ ସରାଫ, ରାମେଶ୍ୱର ଦୁବେ, ଶଶିଭୂଷଣ ଶବର, ଚମନ ବାରିକ, ଶିବ ରଣା, ଲିଲେଶ ଶବର, ଅର୍ଜୁନ ଯାଦବ, ଶୈଳେନ୍ଦ୍ର ଶର୍ମା, ଗୋକୁଳ ଗଉଡ, ଯୋଗୀନ୍ଦ୍ର ଗଉଡ, ବେଦଲାଲ ସରାଫ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଓଡ଼ିଶା ସୂଚନା କମିଶନକୁ ନେଇ ଅସନ୍ତୋଷ

# ବିନା ଶୁଣାଣିରେ ଖାରଜ ହେଉଛି ଶହ ଶହ ମାମଲା



ବଲାଙ୍ଗିର,୩୦।୭(ସମିସ): ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆହ୍ୱାନ ଦେଇଛନ୍ତି। କିନ୍ତୁ ତାଙ୍କ ଦ୍ୱାରା ନିଯୁକ୍ତ ସୂଚନା କମିଶନ ସଦସ୍ୟମାନେ ସ୍ୱଚ୍ଛ ଶାସନ ପାଇଁ କାର୍ଯ୍ୟକାରୀ ହେଉଥିବା ସୂଚନା ଅଧିକା ଆଇନକୁ ତଳିତଳାନ୍ତ କରିବାରେ ଲାଗିଥିବା ଅଭିଯୋଗ ହୋଇଛି । ଏନେଇ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ତରଫରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ଗତ ଏପ୍ରିଲ ୨୦୨୫ ରେ ଜଣେ ମୁଖ୍ୟ ସୂଚନା କମିଶନର ଓ ତିନି ଜଣ ସୂଚନା କମିଶନର ନିଯୁକ୍ତି କରିଥିଲେ। ବଲାଙ୍ଗିର ଜିଲ୍ଲାର ସୂଚନା ଅଧିକାର କର୍ମୀ ଅର୍ଦ୍ଧେନ୍ଦୁ ନାରାୟଣ ବେହେରା ଗତ ଗତ ୩ ତାରିଖରେ କେଉଁ ସୂଚନା କମିଶନର କେତେ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହାର ତଥ୍ୟ ପ୍ରଦାନ କରିବାକୁ ସୂଚନା କମିଶନର କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଗତ ୨୧ ତାରିଖରେ ଏନେଇ ସୂଚନା କମିଶନ ବିନା ଶୁଣାଣିରେ ଖାରଜ କରିଥିବା କେସ ସଂପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସୂଚନା ଅନୁସାରେ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ୨୫୯ ଟି ଅଭିଯୋଗ ଓ ଦ୍ୱିତୀୟ ଅପିଲ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ସେହିପରି ସୂଚନା କମିଶନର ଜଗନ୍ନାଥ ରଥ ୨୪୨ ଟି ଅଭିଯୋଗ କେସ ଖାରଜ କରିଛନ୍ତି। ପ୍ରାଣବନ୍ଧୁ ଆଚାର୍ଯ୍ୟ ୨୮ ଟି କେସ୍ ଖାରଜ କରିଛନ୍ତି। ପବିତ୍ର ମଣ୍ଡଳ ୧୩୦ଟି କେସ ଖାରଜ କରିଦେଇଛନ୍ତି। କଳ୍ପନା ପଟ୍ଟନାୟକ ୮୮ଟି ଅଭିଯୋଗ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହିପରି ସମୁଦାୟ ୮୦୦ କେସ ଖାରଜ ହୋଇଥିବା ସୂଚନାରେ ଜଣାପଡିଛି ।ସୂଚନାଯୋଗ୍ୟ ଯେ, ଏହି ସମସ୍ତ କେସ ୨୦୨୧ ଓ ୨୦୨୨ ମସିହାର ଏହି ଦୁଇ ବର୍ଷ ପୂର୍ବରୁ ମଗାଯାଇଥିବା ମାମଲା। ତଥ୍ୟ ନ ମିଳିବାରୁ ନାଗରିକମାନେ ସୂଚନା କମିଶନରେ କେସ କରିଥିଲେ। ବର୍ତ୍ତମାନ ସୂଚନା କମିଶନରେ ଏହି ସବୁ କେସ ଶୁଣାଣି ଆରମ୍ଭ ହୋଇଛି। ଏହି ସବୁ କେସ ଗୁଡିକର ବହୁ ଗୁରୁତ୍ୱ ରହିଥିବାରୁ ଅପିଲକାରୀ ଅଭିଯୋଗକାରୀ ନାଗରିକମାନେ ସେମାନଙ୍କର କେସ ଶୁଣାଣି ପାଇଁ ଅପେକ୍ଷା କରିଥିଲା ବେଳେ ମୁଖ୍ୟ ସୂଚନା କମିଶନର ଶୁଣାଣି ନ କରି ଖାରଜ କରିଛନ୍ତି। ଅନେକ ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୧ ମସିହାରେ ନିବେଦିତା ରାୟ ନାମକ ଜଣେ ମହିଳା କଟକର ରଉଳିଆ ଗଞ୍ଜ ଥାନାରେ ତାଙ୍କ ସ୍ୱାମୀଙ୍କ ନାମରେ ହୋଇଥିବା ମିଥ୍ୟ ଅଭିଯୋଗର ବିବରଣୀ ଓ ସିସିଟିଭି ଫୁଟେଜ ମାଗିଥିଲେ ତଥ୍ୟ ନ ମିଳିବାରୁ ସେ ସୂଚନା କମିଶନରରେ ଅଭିଯୋଗ କରିଥିଲେ। ସୂଚନା କମିଶନ କେସକୁ ଶୁଣାଣି ନ କରି ଖାରଜ କରିଦେଇଛନ୍ତି। କମିଶନରଙ୍କ ଆଇନ ବିରୋଧୀ ନିଷ୍ପତ୍ତି ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ପିଟିସନକୁ ଗ୍ରହଣ କରି ସୂଚନା କମିଶନଙ୍କୁ ନୋଟିସ ଜାରି କରିଥିବା ସୂଚନା ଅଧିକାର କର୍ମୀ ସୂଚନା ଦେଇଛନ୍ତି। ସୂଚନା ଅଧିକାର ଆଇନ ଧାରା ୧୮, ୧୯ ଓ ୨୦ ଅନୁଯାୟୀ, ସୂଚନା କମିଶନ ଅପିଲ ଓ ଅଭିଯୋଗ ଗୁଡିକୁ ଶୁଣାଣି କରି ସୂଚନା ପ୍ରଦାନ କରାଇବେ ଓ ଆଇନ ଉଲଙ୍ଘନକାରୀ ପି.ଆଇ.ଓ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ ୨୦୦୭ ର ରୁଲ ୭ (୪) ଅନୁଯାୟୀ ସୂଚନା କମିଶନ କୌଣସି କେସ ଶୁଣାଣି ନ କରି ଖାରଜ କରିପାରିବ ନାହିଁ। ତେଣୁ ସୂଚନା କମିଶନ ଯେପରି ବେଆଇନ ଭାବେ କେସ ଖାରଜ କରୁଛନ୍ତି ଓ ନାଗରିକମାନେ ନ୍ୟାୟ ପାଉନାହାନ୍ତି ସେଥିପାଇଁ କମିଶନ ବିରୋଧରେ ଅସନ୍ତୋଷ ବଢିବାରେ ଲାଗିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ନିକଟରେ ଶହ ଶହ ଅଭିଯୋଗ ହୋଇଛି। ତେଣୁ ସୂଚନା କମିଶନଙ୍କ ବିରୋଧରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟପାଳଙ୍କ ନିକଟରେ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ପକ୍ଷରୁ ଦାବି କରାଯାଇଛି ।ଦାବି ପୂରଣ ନହେଲେ ଆନ୍ଦୋଳନ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ ପ୍ରକାଶ କରିଛନ୍ତି।

## ଗଣେଶ ପୂଜା, ନୂଆଁଖାଇ ପାଇଁ ପ୍ରସ୍ତୁତି

ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଭାଲୁଡୁଙ୍ଗୁରି ଗ୍ରାମରେ ଚଳିତ ବର୍ଷ ୩୦ତମ ଗଣେଶ ପୂଜା ଓ ନୂଆଁଖାଇ ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ "ପ୍ରତିଭା'ର ଚତୁର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଗ୍ରାମର ଭଗବତ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କମିଟିର ସଦସ୍ୟ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ପୂଜା ପୂର୍ବାହ୍ଣ ୧୧ଟାରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଣେଶ ପୂଜା ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ଅପରାହ୍ଣ ୧ଟାରେ ପ୍ରସାଦ ସେବନ ଏବଂ ଅଗଷ୍ଟ ୨୯ ତାରିଖ ଦିନ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଆଲୋଚନା କରାଯାଇଥିଲା। ଗଣେଶ ପୂଜା କମିଟିର ସଂପାଦକ ମଦନ ସାହୁ କହିଛନ୍ତି, "ପ୍ରତିଭା' କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁଙ୍କୁ ମୁଖ୍ୟ ଅତିଥି ଓ ସାହିତ୍ୟିକ ତଥା ସଂଗଠକ ରାଧେଶ୍ୟାମ ମିଶ୍ରଙ୍କୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିବେ। ଭାଲୁଡୁଙ୍ଗୁରି ଗ୍ରାମର ସମାଜସେବୀ ପ୍ରତାପ ମଲ୍ଲିକଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯିବ। ସମାରୋହରେ ଗ୍ରାମର ଅନ୍ୟ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ସେହିଭଳି ଚଳିତ ବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଉପହାର ଦିଆଯିବ। ବରିଷ୍ଠ ଓ କନିଷ୍ଠ ବର୍ଗରେ ଆୟୋଜିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେବ। ଏହି ବୈଠକରେ ପୂଜା କମିଟିର ସଦସ୍ୟ ଦୀପକ ସାହୁ, ଆକାଶ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଗିରିଧାରୀ ମଲ୍ଲୀକ, ବାବୁ ଦେହୁରୀ, ଗୋପୀନାଥ ସାହୁ, ଧନଞ୍ଜୟ ମାଝୀ, ହେମନ୍ତ ମାଝୀ, ଗଦାଧର ସାହୁ, ଲିକୁନ ସାହୁ, ବୁଲୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍‌ଲାଇନ୍ ମାଧ୍ୟମରେ ଭୁବନେଶ୍ୱରରୁ ମହେନ୍ଦ୍ର ସାହୁ, ସୋନପୁରରୁ ସୁବ୍ରତ ସାହୁ, ଭଗବାନ ଧଳ ଏବଂ ତାମିଲନାଡୁରୁ ଅନେକ ସଦସ୍ୟ ଯୋଡ଼ି ହୋଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଶଗଡା,୩୦।୭(ସମିସ): କଣ୍ଟାମାଳ ନାରାୟଣପ୍ରସାଦ ରାସ୍ତାର ଘୁଚାଙ୍ଗି ଛକ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ନାରାୟଣ ପ୍ରସାଦ ପଞ୍ଚାୟତ ଭଙ୍ଗାଗୋରା ଗ୍ରାମର ଟଙ୍କଧର ଭୋଇଙ୍କ ମୃତ୍ୟୁ ଘଟିଛି। ସେହି ଗାଁର ବସନ୍ତ ଗୁରୁତର ହୋଇଛନ୍ତି। କଣ୍ଟାମାଳ ଦମକଳ କେନ୍ଦ୍ରର ଗାଡିରେ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଟଙ୍କଧରଙ୍କୁ ମୃତ ଘୋଷଣା କରିଥିଲେ।

## ବାଲିଶଙ୍କରା ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ



ବାଲିଶଙ୍କରା,୩୦।୭(ସମିସ): ବାଲିଶଙ୍କରା ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆର ଚତୁଃପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ସାଂସଦ ପ୍ରତିନିଧି ଉଚ୍ଛବ ତନ୍ତୀ ଯୋଗଦେଇ 'ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅଧିନରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରତିବର୍ଷ ଗୋଟିଏ ଲେଖାଏଁ ଚାରାରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ସନ୍ତାନ ଜନ୍ମ ଦେବାଠାରୁ ଚାରାରୋପଣ କରିବା ଅଧିକ ପୂଣ୍ୟ କାର୍ଯ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ। ବାଲିଶଙ୍କରା ବ୍ଲକ୍ ସାମ୍ବାଦିକ ପ୍ରଦୀପ କୁମାର ନନ୍ଦ ଓ ସତ ସେଠଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ବେହେରା, ଦୁବରାଜ ମହାକୁଲ, ସୁଶାନ୍ତ ଦାନୀ, ଅନିଲ ବାଘ, ନଇମ ବକ୍ସ, ଅଶୋକ ସା, ମୌସମ ଦାନୀ, ଗୁଡେଶ୍ୱେର ଦାନୀ, ମଣ୍ଟୁ ରଣା, ରାଜୀବ ନାଏକ, ଶୁଭମ ନାଏକ, ପିଣ୍ଟୁ ଧୁରୁଆ, ହୃଦାନନ୍ଦ ବାରିକ, ମନରଞ୍ଜନ ଓରାମ, ପିଠିଆର ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିମ୍ବ ଓ ଅଁଳା ଚାରରୋପଣ କରାଯାଇଥିଲା।

## ଦେଶୀ ମଦ ସହ ବାଇକ୍ ଜବତ; ଜଣେ ଗିରଫ

ବଣାଇଁ,୩୦।୭(ସମିସ): ଅବକାରୀ ବିଭାଗ ପକ୍ଷରୁ ବଣାଇଁ ବିଜୁ ଛକ ନିକଟରେ ଅତର୍କିତ ଚଢ଼ଉ କରି ୩୦ ଲିଟର ଦେଶୀମଦ ସହ ଏକ ବାଇକ୍‌କୁ ଜବତ କରିଛି। ବେଆଇନ୍ ଦେଶୀମଦ ଚାଲାଣ ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟିକାୟତ ପାଲି ଥାନା ସୁଲଭଡିହି ଗ୍ରାମର ଗୁରୁଚରଣ ଭୂମିଜ (୧୯) ବୋଲି ଜଣାପଡ଼ିଛି।



ସୂଚନାମୁତାବକ, ବଣାଇଁ ସହରକୁ ତଳିତା ରାସ୍ତାଦେଇ ଅନେକ ସମୟରେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ନିକଟରେ ପୂର୍ବରୁ ଖବର ଥିଲା। ବୁଧବାର ବିଶେଷ ସୂତ୍ରରୁ ଖବର ପାଇ ବଣାଇଁ ଅବକାରୀ ଅଧିକାରୀ ତେଜରାଜ ଗହୀର ସଦଳବଳ ସେହି ରାସ୍ତାର ବିଜୁ ଛକ ନିକଟରେ ଛକି ବସିଥିଲେ। ଏହି ସମୟରେ ଏକ ପଲସର ବାଇକ୍ ଯୋଗେ ଜଣେ ଯୁବକ ଏକ ଏୟାର ବେଗ ନେଇ ସହର ଭିତରକୁ ଯାଉଥିବାବେଳେ ତାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୩୦ ଲିଟର ଦେଶୀମଦ ଥିବା ଦେଖିବାକୁ ମିଳିଥିଲା। ପରେ ମଦ ସହ ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚାଯାଇଛି।

## ଚାମ୍ବର ଅଫ୍ କମର୍ସ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଉରକେଲା,୩୦।୭(ସମିସ): ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନର ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ରାଉରକେଲା ଚାମ୍ବର ଅଫ୍ କମର୍ସର ନବ ନିର୍ବାଚିତ ସଭାପତି ମଳୟ ମଣ୍ଡଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନ୍ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀ, ସମ୍ପାଦକ ମଧୁ ମହାପାତ୍ର, ସମ୍ପାଦକ ଟାଉନ ସିପ, ମଧୁ ମଲ୍ଲିକ, କୋଷାଧକ୍ଷ କୈଳାଶ ଲେଙ୍କା ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଏସ୍‌ଏସ୍ କର ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଉପସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ କପୁର ଉପସ୍ଥିତ ଥିଲେ।

## ଅମରପାଲି ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ



ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ହାଇସ୍କୁଲରେ ବୁଧବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ ସାହୁ, ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ପୀତାମ୍ବର ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ ବିବରଣୀ ପ୍ରଦାନ କରିଥିବା ବେଳେ ବ୍ରହ୍ମାନନ୍ଦ ପ୍ରଧାନ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱଚ୍ଛତା ପକ୍ଷ ଉପରେ ଉପସ୍ଥିତ ଅଭିଭାବକଙ୍କୁ କହିଥିବା ବେଳେ କହ୍ନେଇ ଚରଣ ପଧାନ, ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ସ୍କୁଲର ଶିକ୍ଷା ପ୍ରଣାଳୀ ଓ ଅନ୍ୟାନ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ ।ଉପସ୍ଥିତ ଅଭିଭାବକମାନେ ମଧ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ ପ୍ରଦାନ କରିଥିଲେ। ଏହି ବୈଠକରେ ସ୍କୁଲର ସମସ୍ତ ଶିକ୍ଷକ, ଅଭିଭାବକ, ସ୍କୁଲର କର୍ମଚାରୀ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ସେଠି ବାଲ ବାଟିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମନୋଜ ନାୟକ ଆସ ଆମେ ସ୍କୁଲ ଯିବା ଏବଂ ମା ପାଇଁ ଗଛଟିଏ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ଅନେକ ବିଷୟରେ ଆଲୋଚନା କରିବା ସହ ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଙ୍ଗୀତା ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## କ୍ଷତିପୂରଣ ପାଇଁ ଶବ ରଖି ରାସ୍ତାରୋକ

ବୌଦ୍ଧ,୩୦।୭(ସମିସ): ବୌଦ୍ଧ-ବଲାଙ୍ଗୀର ରାସ୍ତାର ମଧୁପୁର ଛକରେ ଜୁଲାଇ ୧୦ରେ ଦୁର୍ଘଟଣାରେ ଗୁରୁତର ଶ୍ରୀମନ୍ତ ପ୍ରଧାନ ।ଆଖି ବୁଜିଛନ୍ତି। ସେ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିଲେ। ଜହ୍ନପଙ୍କ ପଟରୁ ବୌଦ୍ଧ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର (ନଂ ଓଡି ୦୨-ସିଟି ୧୧୩୭) ଧକ୍କା ଦେବାରୁ ଶ୍ରୀମନ୍ତ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶେଷରେ ସେ ଆଖି ବୁଜିଛନ୍ତି। ଗାଁରେ ଶବ ପହଞ୍ଚିବା ପରେ ପରିବାର ଓ ଗ୍ରାମବାସୀ ମୃତଦେହକୁ କିଛି ସମୟ ମଧୁପୁର ଛକରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ରାସ୍ତାରୋକ୍ ପ୍ରତ୍ୟାହାର ହୋଇଥିଲା।

## ଆର୍‌ଏସ୍‌ପି ସିଲିକନ୍ ଷ୍ଟିଲ୍ ମିଲ୍‌ର ସ୍ୱର୍ଣ୍ଣ ପଦକ ହାସଲ

ରାଉରକେଲା,୩୦।୭(ସମିସ): କାର୍ଯ୍ୟସ୍ଥଳୀରେ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅନ୍ତର୍ଗତ ସିଲିକନ ଷ୍ଟିଲ ମିଲ୍‌ର ସେଫ୍ଟି ସର୍କଲ୍ ଟିମ୍ 'ସୁରକ୍ଷା ପ୍ରହରୀ' ଦଳ ସେଲ୍, ଭିଲାଇ ଇସ୍ପାତ କାରଖାନାଠାରେ ଅନୁଷ୍ଠିତ ୧୬ତମ ଚାପ୍ଟର ସମ୍ମିଳନୀ "ଚାପ୍ଟର କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍' (ସିସିକ୍ୟୁସି-୨୦୨୫) ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପିର ସେଫ୍ଟି ସର୍କଲ୍ ଟିମ୍ 'ସୁରକ୍ଷା ପ୍ରହରୀ' ଆମୋନିଆ କ୍ରାକିଂ ୟୁନିଟ୍ (ଏସିୟୁ) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ଅନଲାଇନ୍ ଆମୋନିଆ ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ସୁରକ୍ଷା ମାନଦଣ୍ଡକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିବା ସହ ଆମୋନିଆ ଲିକ୍ ହେବା ସମୟରେ ସମ୍ଭାବ୍ୟ ବିପଦ ଆଶଙ୍କାକୁ ମଧ୍ୟ ହ୍ରାସ କରାଯାଇ ପାରିଛି। ଏହି ଦଳ ଏକ ସୁଦୃଢ଼ ଏବଂ ସକ୍ରିୟ ସୁରକ୍ଷା ପ୍ରଣାଳୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୁରକ୍ଷା ନିୟମ ଅନୁପାଳନକୁ ପ୍ରାଥମିକତା ଦେବା ସହ ଦ୍ରୁତ ସତର୍କତା ଏବଂ ପ୍ରତିରୋଧକାତ୍ମକ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରି ସୁରକ୍ଷାକୁ ଆହୁରି ଉନ୍ନତ କରିବା ନିମନ୍ତେ ଏକ ସାମଗ୍ରିକ ପଦ୍ଧତି ଆପଣାଇଥିଲା। "ସୁରକ୍ଷା ପ୍ରହରୀ' ଦଳ ସିଷ୍ଟମ୍‌ର ଏକ ବ୍ୟାପକ ବିଶ୍ଳେଷଣ କରିବା ସହ ଏଥିରେ ଅନେକ ପ୍ରମୁଖ ଉନ୍ନତିକରଣ ମଧ୍ୟ କରିଥିଲେ। ଯେଉଁଥିରେ ଅନଲୋଡିଂ ହୋସ୍‌ର ଅବସ୍ଥା-ଆଧାରିତ ପ୍ରତିସ୍ଥାପନ, ଜରୁରୀକାଳୀନ ପରିଚାଳନା ପାଇଁ ଆଇସୋଲେସନ୍ ଭାଲ୍ଭକୁ ଉନ୍ନତ ପ୍ରବେଶ ଏବଂ ଫ୍ଲାଞ୍ଜ ପ୍ୟାକିଂ ପ୍ରତିସ୍ଥାପନ ଅନ୍ତର୍ଭୁକ୍ତ ଥିଲା। ଆମୋନିଆ ଷ୍ଟୋରେଜ୍ ଟ୍ୟାଙ୍କ ଏବଂ କ୍ରାକିଂ ଫର୍ଣ୍ଣେସ୍ ନିକଟରେ ଚାରୋଟି ସେନ୍ସର୍-ଆଧାରିତ ଅନଲାଇନ୍ ଆମୋନିଆ ଡିଟେକ୍ଟରର ସ୍ଥାପନ ଏହି ପଦକ୍ଷେପର ମୁଖ୍ୟ ଅଂଶ ଥିଲା। ଏହି ଡିଟେକ୍ଟରଗୁଡ଼ିକ ନିୟନ୍ତ୍ରଣ କକ୍ଷରେ ଏକ ଏଚଏମ୍‌ଆଇ ମାଧ୍ୟମରେ ବାସ୍ତବ ସମୟ ସତର୍କତା ପ୍ରଦାନ କରିବ। ଯାହା ତ୍ରି-ସ୍ତରୀୟ ଆଲାର୍ମସ୍ତର ସହିତ ଆମୋନିଆ ସାନ୍ଦ୍ରତା ୨୫ ପିପିଏମ ଅତିକ୍ରମ କଲେ ଏକ ଦୃଶ୍ୟମାନ ଲ୍ୟାମ୍ପ ଫ୍ଲାସ୍, ୨୫ ପିପିଏମରେ ଥିଲେ ଏକ ବଜର ବାଜିବା ସହ ୫୦ ପିପିଏମ୍ ବା ତା'ଠାରୁ ଅଧିକ ଅତିକ୍ରମ କଲେ ଏକ ନିରନ୍ତର ଦୀର୍ଘ ଆଲାର୍ମ ବାଜିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ସିଷ୍ଟମକୁ ନିୟନ୍ତ୍ରଣ କକ୍ଷରେ ଲାଇଭ୍ ମନିଟରିଂ ସହିତ ସିସିଟିଭି ମାଧ୍ୟମରେ ମଧ୍ୟ ନିରୀକ୍ଷଣ କରାଯାଇପାରିବ, ଯାହା ଯେକୌଣସି ଅପ୍ରୀତିକର ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିବ। ଏଥିସହିତ ଏକ ସ୍ୱଚ୍ଛ ଏବଂ ବିପଦମୁକ୍ତ ପରିବେଶ ବଜାୟ ରଖିବା ପାଇଁ ଉନ୍ନତ ସ୍ୱଚ୍ଛତା ଅଭ୍ୟାସ ମଧ୍ୟ କରାଯାଇଥିଲା। ଏହି ସୁରକ୍ଷା ବୃଦ୍ଧି ପଛରେ ଥିବା ଦଳରେ ଦଳର ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର କେଦାର ନାଥ ହୁଇ, ଦଳର ଉପ-ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର ପ୍ରସନ୍ନ କୁମାର ସ୍ୱାଇଁ, ଜୁନିୟର ଇଞ୍ଜିନିୟର ସୟଦ ଅବଦୁଲ ରାଜିକ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ପାୟଲ ସରକାର ଅନ୍ତର୍ଭୁକ୍ତ ଥିଲେ। ଏହି ଦଳକୁ ସିଲିକନ ଷ୍ଟିଲ ମିଲ ବିଭାଗର ଏଜିଏମ୍ ସୁଶ୍ରୀ ଡି. ଶକୁନ୍ତଳା ରେଡ୍ଡୀ ମାର୍ଗଦର୍ଶନ କରିବା ଦଳର ଫେସିଲିଟେଟର ଥିଲେ।



## ଜିଲ୍ଲା ନୋଡାଲ ଅଫିସରଙ୍କ ବୌଦ୍ଧ ଗସ୍ତ



ବୌଦ୍ଧ,୩୦।୭(ସମିସ): ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ତଥା ବୌଦ୍ଧ ସହର ସଂଲଗ୍ନ ମାଉଲସିଙ୍ଗା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ବୌଦ୍ଧ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଦେଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାର ନୋଡାଲ ଅଫିସର ଭାବେ ନିଯୁକ୍ତ କାରାଯାଇଛି। ଶ୍ରୀ ଉପାଧ୍ୟାୟ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ଅବସରରେ ମାଆ ତଥା ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଅଙ୍ଗନବାଡି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ, ରୋଷଇ ଘରର ସ୍ୱଚ୍ଛତା, ପାଠପଢା, ଶିଶୁମାନଙ୍କ ମାଆ ମାନଙ୍କୁ ସୁଭଦ୍ରା ଯୋଜନାର କିସ୍ତି ପ୍ରଦାନ ଏବଂ ସେମାନଙ୍କ ଜୀବନ, ଜୀବିକା ବିଷୟରେ ଅଙ୍ଗନବାଡି କର୍ମୀ, ମାଆ ଏବଂ ଶିଶୁମାନଙ୍କୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ହରଭଙ୍ଗା ବଡ଼ିଓ ଶରତ ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶ୍ରୀ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ନକୁଆ ନାଳୀ ଗ୍ରାମରୁ ବୌଦ୍ଧ ବ୍ଲକର ଯୋଗୀ ଭୋଗରା ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣାଧୀନ ସେତୁ ଓ ଉଭୟ ପାର୍ଶ୍ୱର ସଂଯୋଗ ରାସ୍ତା କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ସେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ବୃନ୍ଦାବନରେ ଥିବା ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ ଓ ବୀରନରସିଂପୁରରେ ଅବସ୍ଥିତ ରାମକୃଷ୍ଣ ବାଳାଶ୍ରମ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ, ପାଠପଢ଼ା,ଶିଶୁଙ୍କ ସୁରକ୍ଷା ଅନୁଷ୍ଠାନର ସ୍ୱଚ୍ଛତା ତଦାରଖ କରିଛନ୍ତି। ଅନୁଷ୍ଠାନର ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବାଳାଶ୍ରମ ପରିସରରେ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ ଗୃହର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ୫ ମାସ ହେଲା ମିଳୁନି ଭତ୍ତା

ବୌଦ୍ଧ,୩୦।୭(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଶାରୀରିକ ଅକ୍ଷମମାନଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖରେ ଭତ୍ତା ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ବୃଦ୍ଧବୃଦ୍ଧା ଓ ଶାରୀରିକ ଅକ୍ଷମମାନେ ତାଙ୍କର ଅଭାବ ଅସୁବିଧାକୁ ଦୂର କରିବା ସହାୟକ ହୋଇଥାଏ। କିନ୍ତୁ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜେମା ନାଏକ (୯୨)ଙ୍କୁ ୫ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ରୋଗୀ ହୋଇ ଥିବାରୁ ହାତରେ କିଛି ଟଙ୍କା ନ ଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି।



ବୟସାଧିକ ହେତୁ କାହିଁକି ଭତ୍ତା ବନ୍ଦ ହୋଇଛି କାହାକୁ ବୁଝିବାକୁ ଯାଇ ପାରୁନାହାନ୍ତି। ଏନେଇ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ସାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ଜାନୁଆରୀ ମାସରେ ମଞ୍ଜୁର ନହୋଇ ତାଙ୍କ ଆକାଉଣ୍ଟକୁ ବର୍ଦ୍ଧିତ ଭତ୍ତା ୩୫ ଶହ ଟଙ୍କା ଯାଇଛି। ସେଥିପାଇଁ ତାଙ୍କର ଭତ୍ତା ହୋଲ୍ଡ କରାଯାଇଛି। ତେବେ ଆବଶ୍ୟକ କାଗଜପତ୍ର ଦେଲେ ଭତ୍ତା ରିଲିଜ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ହିତାଧିକାରୀ ଜେମା ନାଏକଙ୍କୁ ପଚାରିବାରୁ ମୁଁ କେବେ ୩୫ ଶହ ଟଙ୍କା ପାଇନାହିଁ ବୋଲି କହିଥିଲେ। ବ୍ଲକ ପ୍ରଶାସନର ଭୁଲ୍ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏହି ଅସହାୟ ବୃଦ୍ଧା। କେବଳ ଜେମା ନୁହଁନ୍ତି; ବ୍ଲକ ପ୍ରଶାସନର ଖାମଖିଆଲ ମନଭାବ ଯୋଗୁ ପଞ୍ଚାୟତର ଅନେକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଦୀର୍ଘ ୫ ମାସ ହେଲା ଭତ୍ତା ପାଉନାହାନ୍ତି।

ସ୍ୱତନ୍ତ୍ର

ସକାଳ THE SAKALA
www.sakalaepaper.com

## ପ୍ରକୃତିର ପ୍ରକୋପ

# ସୁନାମୀ



### ଜାପାନୀ ଶବ୍ଦ ସୁନାମୀ

ସୁନାମୀ ହେଉଛି ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ। ଏହା ଏକ ଜାପାନୀ ଶବ୍ଦ। ଏହା ସମୁଦ୍ର ତଥା ମହାସାଗରରେ ଦେଖିବାକୁ ମିଳିଥାଏ। ଅତ୍ୟଧିକ ଦୀର୍ଘ ତଥା ଲମ୍ବା ସାମୁଦ୍ରିକ ତରଙ୍ଗର ଶୃଙ୍ଖଳାକୁ ସୁନାମୀ କୁହାଯାଇଥାଏ। ଭୂକମ୍ପ କିମ୍ବା ଆଗ୍ନେୟଗିରି ତଥା ଜ୍ୱାଳାମୁଖୀ ବିସ୍ଫୋରଣରେ ମହାସାଗରରେ ବୃହତ୍ ଓ ଅଚାନକ ବିସ୍ଥାପନ ଯୋଗୁଁ ଜଳର ଦୀର୍ଘ ତରଙ୍ଗ ସୃଷ୍ଟି ହୋଇଥାଏ। ଏହାକୁ ଭୂକମ୍ପଜନିତ ସମୁଦ୍ର ଲହଡି ମଧ୍ୟ କୁହାଯାଇଥାଏ। ସୁନାମୀକୁ ସବୁଠାରୁ ଭୟଙ୍କର, ଶକ୍ତିଶାଳୀ ତଥା ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଥାଏ।

**ବର୍ଷା, ବନ୍ୟା, ଝଡ଼ତୋଫାନ, ବାତ୍ୟା, ବଜ୍ରପାତ, ଭୂସ୍ଖଳନ, ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ବିଶ୍ୱବ୍ୟାପୀ ହଜାର ହଜାର ଲୋକଙ୍କ ଜୀବନ ନେଉଛି ଏବଂ ଧନସମ୍ପତ୍ତିର ମଧ୍ୟ ବ୍ୟାପକ କ୍ଷତି ଘଟାଉଛି । ତେବେ ଏହିସବୁ ବିପର୍ଯ୍ୟୟର ଆଗୁଆ ସୂଚନା ମିଳୁଥିବାରୁ ଜୀବନ ହାନୀ ଓ କ୍ଷୟକ୍ଷତି ପରିମାଣ କମିକମି ଯାଉଛି । କିନ୍ତୁ ଭୂମିକମ୍ପ କେଉଁଠି ଏବଂ କେବେ ହେବ, ତାହାର ଆଗୁଆ ସୂଚନା ପାଇବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ହୋଇପାରି ନାହିଁ । ତେଣୁ ଭୂମିକମ୍ପ ଏବଂ ଏହି କାରଣରୁ ସମୁଦ୍ର ଉପକୂଳରେ ଆସୁଥିବା ସୁନାମୀ ଯୋଗୁଁ ଧନଜୀବନ କ୍ଷତି ବଢ଼ିବାରେ ଲାଗିଛି । ପ୍ରକୃତିର ଏହି ପ୍ରକୋପ ସଂପର୍କରେ ସ୍ୱତନ୍ତ୍ର ବିଶ୍ଳେଷଣ ।**

ମହାସାଗର ଭିତରେ ଭୂକମ୍ପ ଯୋଗୁଁ ବହୁ ପରିମାଣରେ ଜଳ ବିସ୍ଥାପନ ହେବାରୁ ସୁନାମୀ ହୋଇଥାଏ। ଭୂକମ୍ପକୁ ବାଦ୍ ଦେଲେ ଆଗ୍ନେୟଗିରି ବିସ୍ଫୋରଣ, ଭୂସ୍ଖଳନ ଏବଂ ପୃଥିବୀ ଉପରେ ଗ୍ରହାଣୁ ତଥା ଧୂମକେତୁ ମାଡ଼ ହେବା ଫଳରେ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ। ସୁନାମୀର ମୁଖ୍ୟ କାରଣଗୁଡିକ ବିଷୟରେ ନିମ୍ନରେ ସମ୍ୟକ ସୂଚନା ପ୍ରଦାନ କରାଗଲା..

### ଭୂକମ୍ପ

ଭୂକମ୍ପ ଯୋଗୁଁ ଅଧିକାଂଶ ସୁନାମୀ ଆସିଥାଏ। ପୃଥିବୀର ଟେକ୍ଟୋନିକ ପ୍ଲେଟ ବାଉଣ୍ଡାରୀରେ ସଂଘର୍ଷ ଯୋଗୁଁ ହିଁ ଭୂକମ୍ପ ସୃଷ୍ଟି ହୋଇଥାଏ। ଏହା ଯୋଗୁଁ ହେଉଥିବା ଭୂକମ୍ପଗୁଡିକ ୭.୦ ତୀବ୍ରତାଠାରୁ ଅଧିକ। ଏହାଦ୍ୱାର ସମୁଦ୍ର ତଳେ ଜଳ ସ୍ତର ଉପରକୁ ସିଧା ଉଠି ଆସିଥାଏ। ଏହା ଦ୍ୱାରା ବହୁ ପରିମାଣରେ ଜଳ ବିସ୍ଥାପନ ହୋଇଥାଏ। ଫଳରେ ଦୀର୍ଘ ଓ ଉଚ୍ଚ ଲହଡି ସୃଷ୍ଟି ହୋଇଥାଏ। ତେବେ ସବୁ ଭୂକମ୍ପ ସୁନାମୀ ସୃଷ୍ଟି କରି ନଥାଏ। କେବଳ ସମୁଦ୍ର ତଳରେ ୭.୦ କିମ୍ବା ତା'ଠାରୁ ଅଧିକ ତୀବ୍ର ଭୂକମ୍ପ ହେଲେ ସୁନାମୀ ଆସିଥାଏ।

### ଆଗ୍ନେୟଗିରି ବିସ୍ଫୋରଣ

ଆଗ୍ନେୟଗିରି ବିସ୍ଫୋରଣ ତଥା ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ। ତେବେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଆଗ୍ନେୟ ଉଦ୍‌ଗିରଣ ହେଲେ ବହୁ ପରିମାଣରେ ଜଳ ବିସ୍ଥାପିତ ହୋଇଥାଏ। କାରଣ ଆଗ୍ନେୟ ଉଦ୍‌ଗିରଣ କାରଣରୁ ବହୁ ପରିମାଣରେ ପଥର ଓ ପାଉଁଶ ସମୁଦ୍ରରେ ପଡ଼ିବା ଫଳରେ ଜଳ ବିସ୍ଥାପନ ହୋଇ ସୁନାମୀ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ ୧୯୮୮ରେ ପାପୁଆ ନ୍ୟୁଗିନିରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ସୁନାମୀ ଆସିଥିଲା ଓ ଏଥିରେ ବହୁ ଧନଜୀବନ ହାନି ହୋଇଥିଲା।

## କାହିଁକି ହୁଏ ସୁନାମୀ

### ଭୂସ୍ଖଳନ

ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ମଧ୍ୟ ସମୁଦ୍ରରେ ବହୁ ପରିମାଣରେ ଜଳ ବିସ୍ଥାପିତ ହେବା ଫଳରେ ସୁନାମୀ ଆସିଥାଏ। ଅବଶ୍ୟ ଏହି ଭୂସ୍ଖଳନ ଭୂକମ୍ପ କିମ୍ବା ଭୁଗର୍ଭୀୟ ଗତିବିଧି କାରଣରୁ ସୃଷ୍ଟି ହୋଇଥାଏ। ଭୂସ୍ଖଳନ ଯୋଗୁଁ ବହୁ ପରିମାଣରେ ମାଟି କିମ୍ବା ପଥର ସମୁଦ୍ରରେ ପଡ଼ିବା ଯୋଗୁଁ ଏପରି ହୋଇଥାଏ।

### ଅନ୍ୟ ସମ୍ଭାବ୍ୟ କାରଣ

ଅନ୍ୟ କାରଣ ଯୋଗୁଁ ମଧ୍ୟ ସୁନାମୀ ହୋଇଥାଏ। ସମୁଦ୍ରରେ ଉଲ୍କା ପିଣ୍ଡ କିମ୍ବା ଗ୍ରହାଣୁ ପୁଞ୍ଜ ମାଡ ହେଲେ ମଧ୍ୟ ବହୁ ପରିମାଣରେ ଜଳ ବିସ୍ଥାପନ ହୋଇ ସୁନାମୀ ଆସିଥାଏ। ସେହିପରି ସମୁଦ୍ର ଉପକୂଳରେ ବିସ୍ଫାରଣ ଜନିତ ପରୀକ୍ଷା ମଧ୍ୟ ସୁନାମୀ ସୃଷ୍ଟି କରିଥାଏ। ଉଦାହରଣ ସ୍ୱରୂପ ସମୁଦ୍ରରେ ଆଣବିକ ପରୀକ୍ଷଣ କରାଗଲେ ମଧ୍ୟ ସୁନାମୀ ଆସିବାର ଆଶଙ୍କା ରହିଥାଏ। ସେହିପରି ହିମସ୍ଖଳନ କାରଣରୁ ବଡ଼ ବଡ଼ ବରଫ ଖଣ୍ଡ ସମୁଦ୍ରରେ ପଡ଼ିଲେ ସୁନାମୀ ଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଥାଏ।

### ଭାରତରେ ଅତିକମ୍‌ରେ ୮ ସୁନାମୀ ଆସିଛି

୧୭୬୨ ପରେ ଭାରତ ଅତିକମ୍‌ରେ ୮ଥର ସୁନାମୀ ଆସିଛି। ୧୭୬୨ରେ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଓ ବଙ୍ଗୋପ ସାଗରେରେ ଭୂମକମ୍ପ କାରଣରୁ ଭାରତରେ ସୁନାମୀ ଆସିଥିଲା। ତେବେ ୨୦୦୪ରେ ଆସିଥିବା ସୁନାମୀ ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ଥିଲା। ଆଣ୍ଡାମାନ ନିକୋବର ଦୀପପୁଞ୍ଜ ସମେତ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଦ୍ୱାରା ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଏଥିରେ ୧୦, ୭୪୯ ଲୋକ ପ୍ରାଣ ହରାଇଥିଲେ ଓ ୫, ୬୪୦ ନିଖୋଜ ହୋଇଥିଲେ। ଏହାପୂର୍ବରୁ ୧୮୮୧ ଓ ୧୯୪୧ରେ ବଙ୍ଗୋପସାଗରେ ଭୂକମ୍ପ କାରଣରୁ ମଧ୍ୟ ଭାରତରେ ସୁନାମୀ ପରିଲକ୍ଷିତ ହୋଇଥିଲା। ସେହିପରି ୧୯୪୧ରେ ଆଣ୍ଡାମାନ ଦୀପପୁଞ୍ଜରେ ଭୂକମ୍ପ କାରଣରୁ ମଧ୍ୟ ସୁନାମୀ ଆସିଥିଲା।

## ବିଶ୍ୱର ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ୫ ସୁନାମୀ

**ଭାରତୀୟ ମହାସାଗରରେ ଭୂକମ୍ପ ଓ ସୁନାମୀ**
ତାରିଖ: ୨୬ ଡିସେମ୍ବର ୨୦୦୪
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୫୦ ଫୁଟ୍
୧୩ ଦେଶ କ୍ଷତିଗ୍ରସ୍ତ , ମୃତ୍ୟୁସଂଖ୍ୟା ୨ ଲକ୍ଷ ୩୦ ହଜାର




**ୟୁରୋପର ଲିସ୍‌ବନ ଭୂକମ୍ପ ଓ ସୁନାମୀ**
ତାରିଖ: ୧ ନଭେମ୍ବର ୧୭୫୫
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୫୦ ଫୁଟ୍
ମୃତ୍ୟୁସଂଖ୍ୟା: ୬୦ ହଜାରରୁ ଏକ ଲକ୍ଷ

**ଇଣ୍ଡୋନେସିଆର କ୍ରକାତାଉ ଆଗ୍ନେୟଗିରି ବିସ୍ଫୋରଣ ଓ ସୁନାମୀ**
ତାରିଖ: ୨୭ ଅଗଷ୍ଟ ୧୮୮୩
ସମୁଦ୍ର ଢେଉ ଉଚ୍ଚତା ୧୦୦ ଫୁଟ୍
ମୃତ୍ୟୁସଂଖ୍ୟା: ୩୬ ହଜାର



**ଆଫ୍ରିକା ଭୂକମ୍ପ ଓ ସୁନାମୀ**
ତାରିଖ: ୧୩ ଅଗଷ୍ଟ ୧୮୬୮
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୯୦ ଫୁଟ୍
ମୃତ୍ୟୁସଂଖ୍ୟା: ୨୫ ହଜାର

**ଜାପାନର ତୋହୋକୁ ଭୂକମ୍ପ ଓ ସୁନାମୀ**
ତାରିଖ : ୧୧ ମାର୍ଚ୍ଚ ୨୦୧୧
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୩୦ ଫୁଟ୍
ମୃତ୍ୟୁସଂଖ୍ୟା: ୧୫ ହଜାର ୫୫୦

## ବିଶ୍ୱର ୭ ବିଧ୍ୱଂସକ ଭୂକମ୍ପ

**୧୯୬୦ ମେ' ୨୨ (ଚିଲି):** ବିଶ୍ୱର ସବୁଠୁ ଭୟଙ୍କର ଭୂକମ୍ପ ଚିଲିରେ ହୋଇଥିଲା। ଏହି ଦିନ ୯.୫ ତୀବ୍ରତାରେ ଚିଲି ଦୋହଲି ଯାଇଥିଲା। ଏହାକୁ 'ଗ୍ରେଟ୍ ଚିଲିଆନ' କିମ୍ବା ଭାଲଡିଭିଆ ଭୂକମ୍ପ କୁହାଯାଏ। ଏହି ପ୍ରଳୟଙ୍କାରୀ ଭୂକମ୍ପ ୧୬୫୫ ଜଣଙ୍କ ଜୀବନ ନେଇଥିଲା। ୨ ନିୟୁତ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା। ଏହା ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥିଲା। ଏହା ଚିଲି ଏବଂ ଜାପାନରେ ସୁନାମୀ ଆଣିଥିଲା।

**୧୯୬୪ ମାର୍ଚ୍ଚ ୨୭ (ଆଲାସ୍କା):** ଆମେରିକାର ଆଲାସ୍କାରେ ଏହି ଦିନ ଦ୍ୱିତୀୟ ବୃହତ୍ତମ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ୯.୨ ତୀବ୍ରତାର ଏହି ଭୂକମ୍ପକୁ 'ଗୁଡ୍ ଫ୍ରାଇଡେ' କିମ୍ବା ୱିଲିୟମ ସାଉଣ୍ଡ ଆର୍ଥକ୍ୱେକ କୁହାଯାଇଥିଲା। ଏହା ୧୩୧ ଜଣଙ୍କ ଜୀବନ ନେଇଥିଲା। ବିପର୍ଯ୍ୟୟ ସୃଷ୍ଟି କରି ଭୂସ୍ଖଳନ ଆଣିଥିଲା। ୨୦୦ ଫୁଟ ଉଚ୍ଚତାର ସୁନାମୀ ଆସିଥିଲା। ଏଥିଯୋଗୁଁ ୨.୩ ବିଲିୟନ ଡଲାରର ସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା।

**୨୦୦୪ ଡିସେମ୍ବର ୨୬ (ସୁମାତ୍ରା):** ଇଣ୍ଡୋନେସିଆର ସବୁଠୁ ବଡ଼ ଭୂକମ୍ପ ଏହି ଦିନ ଆସିଥିଲା। ୯.୧ ତୀବ୍ରତାର ଏହି ପ୍ରାକୃତିକ ବିପର୍ଯ୍ୟୟ ୧୪ ଦେଶରେ ୨ ଲକ୍ଷ ୩୦ ହଜାର ଲୋକଙ୍କ ଜୀବନ ନେଇଥିଲା। ଏହି ଭୂକମ୍ପ ଯୋଗୁଁ ଆସିଥିବା ବିରାଟ ସୁନାମୀ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଉପକୂଳକୁ ଧ୍ୱଂସ କରିଦେଇଥିଲା।

**୨୦୧୧ ମାର୍ଚ୍ଚ ୧୧(ଜାପାନ):** ଏହି ମସିହାରେ ଜାପାନ ସମୁଦ୍ର ଭିତରେ ସୃଷ୍ଟି ୯.୧ ତୀବ୍ରତାର ଭୂକମ୍ପ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା। ଏଥିଯୋଗୁଁ ଭୟଙ୍କର ସୁନାମୀ ଆସିଥିଲା। ଏହା ଫୁକୁସିମା ପରମାଣୁ କେନ୍ଦ୍ରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଇଥିଲା। ୧୩୦ ଫୁଟର ସୁନାମୀ ୬ ମାଇଲ ଭିତରକୁ ମାଡ଼ି ଆସିଥିଲା। ୨୩୫ ବିଲିୟନ ଡଲାରର କ୍ଷୟକ୍ଷତି ଘଟାଇ ଥିବା ଏହି ଭୂକମ୍ପ ଜାପାନର ବିପର୍ଯ୍ୟୟ ପ୍ରତିକ୍ରିୟା ବ୍ୟବସ୍ଥାକୁ ନୂଆ ରୂପ ଦେଇଥିଲା।

**୧୯୫୨ ନଭେମ୍ବର ୪ (ରୁଷ):** ଏହି ବର୍ଷ ରୁଷିଆର କାମଚଟ୍‌କା ପ୍ରାୟଦ୍ୱୀପରେ ୯.୦ ତୀବ୍ରତାର ଭୂକମ୍ପ ଆସିଥିଲା। ତେବେ ଏହି ଅଞ୍ଚଳରେ ବହୁତ କମ୍ ଲୋକ ରହୁଥିବାରୁ ସେତେ କ୍ଷୟକ୍ଷତି ହୋଇ ନ ଥିଲା। ଏହାର ପ୍ରଭାବରେ ୫୦ ଫୁଟର ସୁନାମୀ ଆସିଥିଲା। ଏହା ଚିଲି, ନ୍ୟୁଜିଲାଣ୍ଡ ଏବଂ ଜାପାନକୁ ପ୍ରଭାବିତ କରିଥିଲା।

**୨୦୧୦ ଫେବୃଆରୀ ୨୭ (ଚିଲି):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପରେ ଚିଲିର ୮୦ ପ୍ରତିଶତ ଲୋକ ପ୍ରଭାବିତ ହୋଇଥିଲେ। ଏହି ଭୂକମ୍ପ ୫୨୩ ଜଣଙ୍କ ଜୀବନ ନେଇଥିଲା। ୩ ଲକ୍ଷ ୭୦ ହଜାର ଘରକୁ ଧ୍ୱଂସ କରିଦେଇଥିଲା। ଏଥିଯୋଗୁଁ ଆସିଥିବା ସୁନାମୀ ଦ୍ୱାରା ରାଜଧାନୀ ୨୮ ସେମି ପଛକୁ ପଳାଇ ଥିଲା ବୋଲି ଗବେଷକମାନେ କହିଥିଲେ।

**୧୯୦୬ ଜାନୁଆରୀ ୩୧ (ଇକ୍ୱେଡର):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପକୁ ଇକ୍ୱେଡର-କଲମ୍ବିଆ ଆର୍ଥକ୍ୱେକ କୁହାଯାଏ। ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ସୁନାମୀ ଯୋଗୁଁ ୧୫୦୦ ଜଣଙ୍କ ଜୀବନ ଯାଇଥିଲା। ଏହା ଆମେରିକାର ସାନ୍ ଫ୍ରାନ୍‌ସିସ୍କକୁ ବ୍ୟାପି ଯାଇ ଅଶେଷ କ୍ଷୟକ୍ଷତି ଘଟାଇଥିଲା।

## ଭାରତୀୟ ମହାସାଗରରେ ସବୁଠୁ ଭୟଙ୍କର ଭୂକମ୍ପ ଓ ସୁନାମୀ

ଡିସେମ୍ବର ୨୬, ୨୦୦୪। ଏହି ଦିନ ବିଶ୍ୱର ସବୁଠାରୁ ଭୟଙ୍କର ଭୂମିକମ୍ପ ଏବଂ ସୁନାମୀର ତାଣ୍ଡବ ଭାରତ ସମେତ ୧୩ଟି ଦେଶରେ ଦେଖିବାକୁ ମିଳିଥିଲା। ଭାରତ ସମେତ ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ସବୁଠାରୁ ବେଶୀ ପ୍ରଭାବିତ ହୋଇଥିଲା। ସେହିପରି ମାଳଦୀପ, ମ୍ୟାଁନମାର, ମାଲେସିଆ, ସୋମାଲିଆ, ସିଚେଲେସ୍, ବାଂଲାଦେଶ, ସିଙ୍ଗାପୁରୁ, କେନିଆ, ତାଞ୍ଜାନିଆ ଓ ମାଡାଗାସ୍କର ଭଳି ଦେଶ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା। ଇଣ୍ଡୋନେସିଆ ଓ ସୁମାତ୍ରା ଉପକୂଳରେ ଏକ ବଡ଼ଧରଣର ଭୂକମ୍ପ (୯.୧ ତ୍ରୀବ୍ରତା) ଆସିବା ଫଳରେ ସାରା ଭାରତୀୟ ମହାସାଗରରେ ଏହି ଭୟଙ୍କର ସୁନାମୀ ସୃଷ୍ଟି ହୋଇଥିଲା। ୮୦୦ ମାଇଲ ଲମ୍ବର ସୁନାମୀ ପ୍ରାୟ ସବୁ ଦିଗକୁ ପରିବ୍ୟାପ୍ତ ହୋଇଥିଲା। ଏହା ଦ୍ୱାରା ଅସମ୍ଭବ କ୍ଷୟକ୍ଷତି ହୋଇଥିଲା। ଦୁଇ ଲକ୍ଷ ୨୭ହଜାର ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବାସସ୍ଥାନ ହରାଇଥିଲେ।

## ପ୍ରଭାବିତ ଦେଶ

**ଇଣ୍ଡୋନେସିଆ:** ଏହି ଦେଶର ଆସେହ ରାଜ୍ୟ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିଲା ଓ ଏଠାରେ ସର୍ବାଧିକ ସଂଖ୍ୟକ(୨ ଲକ୍ଷରୁ ଉର୍ଦ୍ଧ୍ୱ) ଲୋକ ମୃତାହତ ହୋଇଥିଲେ। ବହୁ କୋଠା ମଧ୍ୟ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା।

**ଶ୍ରୀଲଙ୍କା:** ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ଓ ଦେଶର ଭିତ୍ତିଭୂମି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା।

**ଭାରତ:** ଭାରତର ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଏବଂ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଉପକୂଳ ଏହି ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ଭାରତରେ ୧୧ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୫ ହଜାରରୁ ଅଧିକ ଲୋକ ନିଖୋଜ ହୋଇଥିଲେ।

**ଥାଇଲାଣ୍ଡ:** ଉପକୂଳବର୍ତ୍ତୀ ଅଞ୍ଚଳ ଖାସ୍ କରି ଦକ୍ଷିଣ ଥାଇଲାଣ୍ଡରେ ଏହାର ଅଧିକ ପ୍ରଭାବ ଥିଲା ଓ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ପ୍ରଭୁତ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା।

**ମାଳଦୀପ:** ମାଳଦୀପ ସମୁଦ୍ର ପତ୍ତନଠାରୁ ମାତ୍ର ଅଳ୍ପ କେତେ ଫୁଟ୍ ଉଚ୍ଚରେ ଅବସ୍ଥିତ। ତେଣୁ ଏଠାରେ ଶହଶହ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁତ କ୍ଷୟକ୍ଷତି ମଧ୍ୟ ହୋଇଥିଲା।

**ମିଆଁମାର:** ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଥିଲା।

**ମାଲେସିଆ:** ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ପ୍ରଭାବ ଦେଖିବାକୁ ମିଳିଥିଲା।

**ସୋମାଲିଆ:** ଆଫ୍ରିକାର ଏହି ପୂର୍ବ ଉପକୂଳବର୍ତ୍ତୀ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା।

**ସେଚେଲେସ:** ଏହି ଦୀପରେ ସୁନାମୀର ହାଲକା ପ୍ରଭାବ ଦେଖିବାକୁ ମିଳିଥିଲା।

**ବାଂଲାଦେଶ:** ବାଂଲାଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଥିଲା।

**ସିଙ୍ଗାପୁର:** ଏହି ଦୀପଦେଶରେ ସୁନାମୀ କାରଣରୁ ଆଂଶିକ କ୍ଷତି ଦେଖିବାକୁ ମିଳିଥିଲା।

**କେନିଆ:** ଏହି ପୂର୍ବ ଆଫ୍ରିକୀୟ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା।

**ତାଞ୍ଜାନିଆ:** ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ମଧ୍ୟ ସାମାନ୍ୟ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା।

**ମାଡାଗାସ୍କାର:** ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦେଶରେ ସୁନାମୀର ହାଲ୍‌କା ପ୍ରଭାବ ଦେଖିବାକୁ ମିଳିଥିଲା।

## କାଗଜକଲମରେ ମାଇକ୍ରୋ ଜୋନ୍ ସର୍ଭେ | ଓଡ଼ିଶା ପାଇଁ ବଢ଼ୁଛି ବିପଦ

ଭୁବନେଶ୍ୱର,୩୦।୭ (ପ୍ରଦୀପ ଭାରତୀ):

ଋଷରେ କାମଚଟ୍‌କା ଉପଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ପରେ ଜାପାନ ଓ ଋଷରେ ଜାରି ହୋଇଛି ସୁନାମୀ ଆଲର୍ଟ। ଏହି ଦୁଇ ଦେଶ ସମେତ ପ୍ରଶାନ୍ତ ମହାସାଗର କୂଳରେ ଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ନିୟମିତ ବ୍ୟବଧାନରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭୂକମ୍ପ ଓ ସୁନାମୀ ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ବେଳେ ଓଡ଼ିଶାବାସୀଙ୍କ ମନରେ ଏବେ ଭୟ ବଢ଼ିବାରେ ଲାଗିଛି। ବଙ୍ଗୋପସାଗର କୂଳରେ ଥିବା ଓଡ଼ିଶାର ଏକାଧିକ ଜିଲ୍ଲା ଭୂକମ୍ପ ପ୍ରବଣ ବୋଲି ପୂର୍ବରୁ ରିପୋର୍ଟ ଆସିଛି। ନିକଟ ଅତୀତରେ ଓଡ଼ିଶା ବଡ଼ ଭୂକମ୍ପର ସମ୍ମୁଖୀନ ହୋଇନାହିଁ, ତଥାପି ଗଲା କିଛି ବର୍ଷ ହେବ ନିୟମିତ ଭାବେ ରାଜ୍ୟରେ ଭୂକମ୍ପ ଝଟ୍‌କା ଅନୁଭୂତ ହେଉଛି। ବେଳେ ବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହୁଥିବାରୁ ସୁନାମୀ ଭଳି ଆଶଙ୍କା ମଧ୍ୟ ବହୁ ଗୁଣାରେ ବଢ଼ିଯାଉଛି। ଗତ ଫେବୃଆରୀ ବଙ୍ଗୋପସାଗର ମଧ୍ୟରେ ୫.୧ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିପାଇଁ ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର ସମେତ ପଶ୍ଚିମବଙ୍ଗର ମଧ୍ୟ ଏକାଧିକ ସହରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ପୁରୀଠାରୁ ୨୮୬ କିଲୋମିଟର ପୂର୍ବ, ଭୁବନେଶ୍ୱରରୁ ୨୯୭ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଓ ବ୍ରହ୍ମପୁରର ପୂର୍ବରେ ୩୯୪ କିମି ଦୂରରେ ସମୁଦ୍ର ଭିତରେ ଭୂମିକମ୍ପର ଉତ୍ପତ୍ତି ସ୍ଥଳ ରହିଥିଲା। ବଙ୍ଗୋପସାଗରରେ ୯୧ କିମି ଗଭୀରତା ମଧ୍ୟରେ ଏହା ଅନୁଭୂତ ହୋଇଥିବା ବେଳେ ଯଦି ଗଭୀରତା କମ୍ ହୋଇଥାନ୍ତା, ତେବେ ନିଶ୍ଚିତ କ୍ଷୟକ୍ଷତି ଘଟାଇବାର ଆଶଙ୍କା ଥିଲା। ସମାନ ଭାବେ ୨୦୧୪ ମେ' ୨୧ ତାରିଖରେ କୋଣାର୍କଠାରୁ ୨୭୬ କିମି ଦୂରରେ ବଙ୍ଗୋପସାଗର ମଧ୍ୟରେ ୬.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ମାତ୍ର ୪୭ କିମି ଗଭୀର ରହିଥିବାରୁ ସେତେବେଳେ ରାଜ୍ୟର ବହୁ ସ୍ଥାନରେ ବଡ଼ ଧରଣର ଝଟ୍‌କା ଅନୁଭୂତ ହୋଇଥିଲା। ବଙ୍ଗୋପସାଗରରେ ୧୦ ବର୍ଷ ମଧ୍ୟରେ ୨ ଥର ଭୂକମ୍ପ ଅନୁଭୂତ ହୋଇଥିବାରୁ ଏହାକୁ ବିଶେଷଜ୍ଞମାନେ ସମାନ୍ୟ ବୋଲି ଗ୍ରହଣ କରୁ ନାହାନ୍ତି।

୨୦୧୪ ଭୂକମ୍ପ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ-କୋଣାର୍କ ପାଇଁ ଭୂତତ୍ତ୍ୱଭିତ୍ତିକ ମାଇକ୍ରୋ ଜୋନ୍ ସର୍ଭେ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାମ କେତେବାଟ ଆଗେଇଛି, ସେନେଇ କୌଣସି ସୂଚନା ନାହିଁ। ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ହେବାକୁ ଥିବା ଏହି ମାଇକ୍ରୋଜୋନ୍ ସର୍ଭେ ପାଇଁ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ (ଜିଏସଆଇ) ପକ୍ଷରୁ ସହଯୋଗ କରାଯିବାର ଥିଲା। ଏଥିରେ ପୁରୀ-କୋଣାର୍କରେ ମାଟି ତଳେ କେଉଁ ସ୍ଥାନରେ କେଉଁ ସ୍ଥିତି ଅଛି, କେଉଁଠାରେ ମାଟିତଳ ଦୁର୍ବଳ ଅବସ୍ଥାରେ ରହିଛି, ଫାଟ ରହିଛି ତାହା ଚିହ୍ନଟ ହୋଇଥାନ୍ତା। ମାତ୍ର ଏ ସବୁ କାଗଜ କଲମରେ ସୀମିତ ରହିଯାଇଛି।

ଅନ୍ୟପଟେ ପୁରୀ ନିକଟବର୍ତ୍ତୀ ବଙ୍ଗୋପସାଗରରେ ବହୁ ପ୍ରାଚୀନ ଦୁଇଟି ଫାଟ ରହିଛି। ବାରମ୍ବାର ଏଠାରେ ଭୂକମ୍ପ ସୃଷ୍ଟି ହେବା ଓ ଏହାର ତୀବ୍ରତା ବୃଦ୍ଧି ପାଉଥିବାରୁ ତୁରନ୍ତ ଏହା ଉପରେ ଗବେଷଣାର ଆବଶ୍ୟକତା ରହିଥିବା ନେଇ ଭୂତତ୍ତ୍ୱବିତ୍‌ମାନେ ଦାବି କରିଛନ୍ତି। ଭୂତତ୍ତ୍ୱବିତ ତଥା ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ, ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ନୁହେଁ; ଉପକୂଳ ଅଞ୍ଚଳ ଗୁଡ଼ିକ ଅନ୍ୟ ଅଞ୍ଚଳ ଚାପ ଓ ପ୍ଲେଟ୍ ଗତି ଦ୍ୱାରା ପ୍ରଭାବିତ ହୋଇପାରେ। ସେଥିପାଇଁ ଅଗ୍ରୀମ ପ୍ରସ୍ତୁତି, ନୀତିଗତ ଉପାୟ, ଓ ସାଧାରଣ ଲୋକଙ୍କ ସଚେତନତା ଅତ୍ୟାବଶ୍ୟକତା ବଢ଼ିଯାଇଛି। ଏହାକୁ ଗୁରୁତର ସହ ନେବା ଉଚିତ ବୋଲି ପ୍ରଫେସର ମିଶ୍ର କହିଛନ୍ତି।



# ଭୂତ ପାଇଁ ଗୀତ

ଫିଲ୍ମ 'ରକ୍ତ ଗୋଲାପ' ହେଉ କି 'ରଜନୀଗନ୍ଧା' ଏଥିରେ ସ୍ଥାନିତ ହୋଇଥିବା ଭୂତ ଗୀତ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା। ଦୀର୍ଘ ଦିନ ପରେ ପୁଣି ସେମିତି ଏକ ଗୀତ ଦେଖିବାକୁ ମିଳିବ 'ମିଡ୍ ନାଇଟ୍' ଚଳଚ୍ଚିତ୍ରରେ। ୩.୫ ମିନିଟ୍ ଅବଧି ବିଶିଷ୍ଟ ଏହି ଗୀତଟି ଅଭିନେତା ମନୁ ଦ୍ୱିବେଦୀ, ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ, ଡାଏନା, ପ୍ରିୟା ଓ ଆଲିୟାଙ୍କ ଉପରେ ଦୃଶ୍ୟାୟିତ ହୋଇଛି। 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଏହି ଗୀତଟିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଏଥିରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା। ଗୀତର ପୃଷ୍ଠଭୂମି ଯେପରି ଭୟାନକ, ସ୍ୱର ସଂଯୋଜନା ବି ସେପରି ଲୋମହର୍ଷଣକାରୀ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏଥିରେ ଏପରି ଏକ ସିଗ୍‌ନେଚର୍ ଗୀଟାର ପିସ୍ ବ୍ୟବହାର କରିଛନ୍ତି, ଯାହା ଦର୍ଶକଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରିବ। ରୋଚକ କଥାଟି ହେଉଛି, ଗୋଟିଏ ଅଶରୀରୀ ଆତ୍ମା ଏହି ଗୀତ ଜରିଆରେ ନିଜର ହତ୍ୟା ସମ୍ପର୍କରେ ସୂଚନା ଦେବାକୁ ଚାହୁଁଛି। 'ମନୁ ଦ୍ୱିବେଦୀ ଫିଲ୍ମସ୍' ନିବେଦିତ ହରର ସିନେମା 'ମିଡ୍ ନାଇଟ୍'ର ନିର୍ଦ୍ଦେଶନାରେ ଅଛନ୍ତି ନିଜେ ମନୁ ଦ୍ୱିବେଦୀ। କେବଳ ସେତିକି ନୁହେଁ, ସେ ଏଥିରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି। ଅନୁପ ଦ୍ୱିବେଦୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଡ.ରଜନୀ ରଞ୍ଜନ । ସହକାରୀ ନିର୍ଦ୍ଦେଶନାରେ ଅଛନ୍ତି ସୁରେଶ ଦାଶ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବବି ଇସଲାମ। ମନୁଙ୍କ ବ୍ୟତୀତ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ମିଡ୍ ନାଇଟ୍' ଶୀଘ୍ର ପ୍ରେକ୍ଷାଳୟକୁ ଆସିବ। ■



# ଦଶହରାରେ 'ଚ୍ୟାଲେଞ୍ଜ'

ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ। ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗରିମାକୁ ସେ ବଢ଼େଇବାରେ ସହାୟକ ହୋଇଛନ୍ତି। ପୂର୍ବରୁ 'ବ୍ଲାକମେଲ୍',' ଅ ଆ ହର୍ଷଇ' ସହିତ 'ଭିଲେନ୍' ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଛନ୍ତି। ଇତିମଧ୍ୟରେ ଅର୍ଦ୍ଧେନ୍ଦୁଙ୍କର ଆଗାମୀ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ଏହା ହେଉଛି ଷଷ୍ଠ ଅବଦାନ। ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ। ଏଥିରେ ପୁନିତ ଇସାର ଓରଫ୍ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କୁ ଦର୍ଶକେ ଚ୍ୟାଲଞ୍ଜରେ ଦେଖିବାକୁ ପାଇବେ। ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ। ଏହି ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ୍ ବ୍ୟାନରରେ ମୁକ୍ତିଲାଭ କରିବ। ■



## ଅପରାଧ ଓ ରହସ୍ୟଭରା କାହାଣୀ

# 'ଡେଲିଭରି ବୟ-୨'

ଓଡ଼ିଆ ଫିଲ୍ମ ଜଗତରେ 'ଡେଲିଭରି ବୟ'ର ସଫଳତା ପରେ ଆଉ ଏକ ଅନନ୍ୟ ରୋମାଞ୍ଚକ କାହାଣୀ ନେଇ ଆସୁଛି 'ଡେଲିଭରି ବୟ ୨'। ଏହା ହେଉଛି ଏକ ଥ୍ରିଲର ଫିଲ୍ମ, ଯାହା ଅନ୍ୟାୟ, ମିଡିଆ ହେରଫେର୍ ଓ ଗଭୀର ରହସ୍ୟ ସହ ଦର୍ଶକଙ୍କ ମନ ଜିତିବା ଆଶା କରାଯାଉଛି। ପାର୍ଥ ଜଣେ ଡେଲିଭରି ବୟ, ଯିଏ ନିଜର ଜୀବିକା ପାଇଁ କାମ କରନ୍ତି। ତାଙ୍କ ବାପା ଜଣେ ପୋଲିସ କନଷ୍ଟେବଳ। ପାର୍ଥଙ୍କ ପ୍ରେମିକା ଏକ ନ୍ୟୁଜ୍ ଚ୍ୟାନେଲରେ ରିପୋର୍ଟର ଭାବେ ଯୋଗ ଦେଇଛନ୍ତି, କିନ୍ତୁ ତାଙ୍କ ଉପରେ ଭାଇରାଲ୍ ନ୍ୟୁଜ ଦେବା ପାଇଁ ଅଧିକାରୀଙ୍କ ଚାପ ଥାଏ। ଏକ ଦୁଷ୍ଟ ଓ ମୂର୍ଖ ରିପୋର୍ଟର ତାଙ୍କ ସହଯୋଗୀ ଭ୍ରମାତ୍ମକ ଖବର ଦେଇ ଲୋକପ୍ରିୟତା ହାସଲ କରେ । ଏପଟେ ପାର୍ଥଙ୍କ ଏକ ଡେଲିଭରି ସ୍ଥାନରେ ହତ୍ୟା ଘଟେ। ସମାନ ଦୁଇଟି ଅନ୍ୟ ହତ୍ୟା ପରେ ଏକ ସ୍ପେସିଆଲ୍ ଅଫିସର ଏହି ସିରିଏଲ୍ କିଲିଂର ତଦନ୍ତ ଆରମ୍ଭ କରନ୍ତି। ପାର୍ଥଙ୍କ ପରିବାର ଓ ଘଟଣାସ୍ଥଳ ସହିତ ତାଙ୍କ ସଂଯୋଗ ଦେଖି ସନ୍ଦେହ ଉଠେ। ପ୍ରକୃତ ହତ୍ୟାକାରୀ କି ଧରାପଡ଼ିବେ ତ ? ତେବେ କାହାଣୀର ଆରମ୍ଭ ହୁଏ ଏହିଠାରୁ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ୍ । ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ବଦା, ଶ୍ରୀତମ ଦାସ, ଭୂପିନ୍ଦର। ବିଶେଷ ଭୂମିକାରେ ରହିଛନ୍ତି ଭୂମିକା ଓ ସନ୍ତୁ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ଏହା ସଫଳ ହେବ। ■



# "ମଞ୍ଚ ହେଉ କି ଧାରାବାହିକ, ଅଭିନୟ ଜୀବନ୍ତ ହେବା ଦରକାର"

## ଅମ୍ବୁ, ଅଭିନେତା

**ଗାଁ'ର ଯାତ୍ରାରେ ସେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲେ। ଅଭିନେତା ହେବା ସ୍ୱପ୍ନ ପୂରା କରିବାକୁ ସେ ସଙ୍ଗୀତ ମହାବିଦ୍ୟାଳୟରେ ନାଟକରେ ସ୍ନାତକ ପଢ଼ିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ସେ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ୨୦୨୩ ମସିହାରେ ଅଧ୍ୟୟନ ଶେଷ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି। ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ରବୀନ୍ଦ୍ର ସାହୁ। ତେବେ 'ଅମ୍ବୁ' ଭାବେ ଜଣାଶୁଣା। 'ସୁନୟନା' ତାଙ୍କର ପ୍ରଥମ ଧାରାବାହିକ। ସେ ଏବେ 'ସାଥି ସାତ ଜନ୍ମ'ରେ 'ବିକି' ଚରିତ୍ରରେ ଅଭିନୟ କରୁଛନ୍ତି। ସେ ଓଡ଼ିଆ ସିନେମାରେ ଭଏସ୍ ଡବିଂ ମଧ୍ୟ କରନ୍ତି। ତେବେ ନିଜର ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣିଥିବା ରବୀନ୍ଦ୍ରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା। ଗାଁ'ର ଯାତ୍ରାରେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲି। ଇଚ୍ଛା ଥିଲା ବଡ଼ ହେଲେ ଜଣେ ଅଭିନେତା ହେବି। ମୋ ମା' ମଧ୍ୟ ଅଭିନେତା ହେବାକୁ ସାହସ ଓ ପ୍ରେରଣା ଦେଇଥିଲେ। ହେଲେ ବାପା ପ୍ରଥମେ ପ୍ରଥମେ ଏଥିରେ ଖୁସି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ମୋ' କାମକୁ ସ୍ୱୀକୃତି ଦେଇଥିଲେ। ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରୁ ମୁଁ ତାଲିମ ନେଇଛି। ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ସ୍ନାତକ ପଢ଼ା ସହିତ ଏକାଧିକ ନାଟକ କରିବାକୁ ସୁଯୋଗ ମିଳିଛି। ତନ୍ମଧ୍ୟରୁ 'ଏନ୍‌ଏଚ୍-୩୧୬', 'ନିଧି ବାବୁ ଘରେ ଅଛ'କୁ ଦର୍ଶକ ଅଧିକ ଭଲପାଇବା ଦେଇଥିଲେ। ତେବେ ଧାରାବାହିକରେ କାମ କରିବାକୁ ମୁଁ ଅନେକ ଲୋକଙ୍କୁ ଭେଟିଛି। 'ସୁନୟନା' ମୋର ପ୍ରଥମ ଧାରାବାହିକ। ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ସ୍ୱଳ୍ପ ସମୟ ପାଇଁ ଅଭିନୟ କରିଛି। ହେଲେ 'ସାଥି ସାତ ଜନ୍ମର'ରେ ମିଳିଥିବା ଚରିତ୍ରଟି ମୋତେ ଅଧିକ ଖୁସି ଦେଇପାରିଛି।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?**

● ପ୍ରଥମତଃ ମଞ୍ଚ ନାଟକରେ ସାମ୍ନାରେ ଶହ ଶହ ଦର୍ଶକ ଥାଆନ୍ତି। ଭୁଲ୍ କହିଲେ ବି ଠିକ୍ କରି ନେବାକୁ ହୁଏ। ଗୋଟିଏ ଥରରେ ଅଭିନୟ ସାରିବାକୁ ହୋଇଥାଏ। ହେଲେ ଧାରାବାହିକ ଏମିତି ଏକ ପ୍ଲାଟଫର୍ମ ଯେଉଁଠି ପ୍ରଥମେ ସଂଳାପର ସାରମର୍ମକୁ ବୁଝିବାକୁ ହୁଏ। ଗୋଟିଏ ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହୁଏ। କେମିତି ସଂଳାପ ଉଚ୍ଚାରଣ କରିବେ, କେମିତି ଅଭିନୟ କରିବେ ତାହା ନିର୍ଦ୍ଦେଶକ ବୁଝାଇ ଦିଅନ୍ତି। ଏହା ପରେ ଫାଇନାଲ ଅଭିନୟ କରାଯାଏ। ତେଣୁ କ୍ୟାମେରା ସାମ୍ନାରେ ଭୟ କରି ନ ଥିଲି। ତେବେ ମଞ୍ଚ ହେଉ କି ଧାରାବାହିକ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**'ସାଥି ସାତ ଜନ୍ମର' ବିକି ଚରିତ୍ର ସଂପର୍କରେ କିଛି କୁହନ୍ତୁ?**

● ବିକି ହେଉଛି ନାୟକର ସାନ ଭାଇ। ସେ ବହୁତ ବଦମାସ୍, ବାଲୁଙ୍ଗାମୀ କରେ। ଝିଅମାନଙ୍କୁ ବହୁତ ହଇରାଣ କରେ। ଏସବୁ ବିକିର ନିତିଦିନିଆ କାମ। ତେବେ ଏହି ଚରିତ୍ରଟିକୁ ବେଶ୍ ଭଲ ଭାବେ କରିବାକୁ ଆପ୍ରାଣ ଚେଷ୍ଟା କରୁଛି। ଦର୍ଶକ ଖୁବ୍ କମ୍ ସମୟରେ ବହୁତ ଭଲପାଇବା ଦେଇଛନ୍ତି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋ ମା'ଙ୍କୁ ସବୁ ଦେଇଥିଲି।

**ସଂଘର୍ଷରେ କେବେ ଥକି ପଡ଼ିଛନ୍ତି କି?**

● ଜଣେ ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି। ଏବେ ବି ସଂଘର୍ଷ ଜାରି ରହିଛି। ଗୋଟିଏ କଥା କହିବି ସଂଘର୍ଷ ହିଁ ମଜାଦିଏ। ସଂଘର୍ଷରେ ହାର ମାନିଲେ ଅଭିନେତା ହେବା ଇଚ୍ଛା ଆଉ ଆସକ୍ତି ମରିଯାଏ। କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ।

**ଧାରାବାହିକ ସହିତ ନାଟକରେ ଅଭିନୟ କରିବାରେ କେମିତି ସମନ୍ୱୟ ରଖନ୍ତି?**

● ନାଟକରୁ ମୋର ଅଭିନୟ କ୍ୟାରିଅର୍ ଆରମ୍ଭ କରିଛି। ତେଣୁ ଯେଉଁଥିରୁ ମୁଁ ତିଆରି ହୋଇଛି ତାକୁ କେବେ ଛାଡ଼ି ପାରିବିନି। ତେଣୁ ଏବେ ଧାରାବାହିକ ସହିତ ନାଟକ କରୁଛି। ଜୀବନ ଥିବା ଯାଏଁ ଦୁଇଟିକୁ ନେଇ ଆଗକୁ ଚାଲିବି। ଅନେକ ଫିଲ୍ମ ପାଇଁ ଭଏସ୍ ଦେଉଥିଲି।

**କଳାକାରଟିଏ ହେବାକୁ କ'ଣ ଦରକାର ?**

● ପ୍ରଥମେ ସୁସ୍ଥ ମନ ଓ ସୁସ୍ଥ ଶରୀର ଆବଶ୍ୟକ। ତେଣୁ ସୁସ୍ଥ ରହିବା ସହିତ ଅଭିନୟ କରିବାକୁ ଆସୁଥିବା ପିଲା ଦୈନିକ ସଂଳାପ କହିବା ଅଭ୍ୟାସ କରିପାରିବେ। ରସ ମାଧ୍ୟମରେ ଗୋଟିଏ ସଂଳାପକୁ ୮ ରୁ ୯ ଥର କହିବା ଦ୍ୱାରା ଅଭିନୟ ଭଲ ହୋଇଥାଏ। ତେଣୁ ସବୁରି ଊର୍ଦ୍ଧ୍ୱରେ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ।


**ଦର୍ଶକଙ୍କୁ କ'ଣ କହିବେ?**

● ଦର୍ଶକ ହେଉଛନ୍ତି ଭଗବାନ। ସେମାନେ ଖୁସିରେ ରହିଲେ ଆମକୁ ଖୁସି ଦେବେ । ଦର୍ଶକଙ୍କୁ କେବଳ ଏତିକି କହିବି ସେମାନଙ୍କର ଭଲପାଇବା ଏମିତି ଦେଉଥାନ୍ତୁ, ମୁଁ ଆଗକୁ ଆଗକୁ ବଢୁଥାଏ। ■

ପରଦା ପଛର କାହାଣୀ

# ଗୋଟିଏ ଟେକ୍‌ରେ ସୁପରହିଟ୍ ଗୀତ ସୁଟିଂ

ଚଳଚ୍ଚିତ୍ରର ଗୋଟିଏ ଗୀତକୁ ସୁଟିଂ କରିବା ପାଇଁ ଦୀର୍ଘ ସମୟ ଲାଗିଥାଏ। ବାରମ୍ବାର ଟେକ୍ ନେବାକୁ ପଡ଼ିଥାଏ। ତେବେ ଏଭଳି ଏକ ସୁପରହିଟ୍ ଗୀତ ରହିଛି, ଯାହା ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ୧୯୬୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଆରାଧନା'। ଶର୍ମିଳା ଟାଗୋର ଏବଂ ରାଜେଶ ଖାନ୍ନା ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ କରିଥିଲା। ଫିଲ୍ମରେ ଉଭୟଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ମୋଟ ସାତୋଟି ଗୀତ ରହିଛି। ତେବେ ରୋମାଣ୍ଟିକ୍ ଗୀତ 'ରୂପ୍ ତେରା ମସ୍ତାନା, ପ୍ୟାର୍ ମେରା ଦିୱାନା...' ଗୀତ ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ଏହି ଗୀତରେ କିଶୋର କୁମାର କଣ୍ଠଦାନ କରିଥିଲେ। ଶକ୍ତି ସାମନ୍ତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସିନେମା ହଲ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ହିନ୍ଦୀ ଫିଲ୍ମ। ଏହାର ବଜେଟ୍ ୮୦ ଲକ୍ଷ ଟଙ୍କା ଥିଲା, ତେବେ ଏହା ବକ୍ସ ଅଫିସ୍‌ରେ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିଲା। ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ୯୦୦ କୋଟି। ହିନ୍ଦୀରେ ନିର୍ମିତ ଏହି ଫିଲ୍ମକୁ ପରବର୍ତ୍ତୀ ସମୟରେ ବଙ୍ଗଳାରେ ମଧ୍ୟ ଡବିଂ କରାଯାଇଥିଲା। ଏହାର ସଫଳତାକୁ ଦେଖି ପରେ ତାମିଲରେ 'ଶିବଗାମିନ୍ ସେଲବାନ' ଓ ତେଲୁଗୁରେ 'କନବାରୀ କଲାଲୁ' ନାମରେ ରିମେକ୍ କରାଯାଇଛି। ସେହିପରି ଏହି ଫିଲ୍ମ ଆଇଏମ୍‌ଡିବିରେ ୧୦ ରୁ ୭.୬ ରେଟିଂ ପାଇଥିଲା। 'ଆରାଧନା'କୁ ୧୭ତମ ଫିଲ୍ମ ଫେୟାର୍ ଆୱାର୍ଡରେ 'ବେଷ୍ଟ ଫିଲ୍ମ ଆୱାର୍ଡ' ମିଳିଥିଲା। ସେହିପରି ଶର୍ମିଳାଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ ପୁରସ୍କାର ମିଳିଥିଲା। ଫିଲ୍ମର କାହାଣୀ ବନ୍ଦନା ତ୍ରିପାଠୀଙ୍କ (ଶର୍ମିଳା ଟାଗୋର) ଉପରେ ଆଧାରିତ। ସେ ଜଣେ ଏୟାରଫୋର୍ସ ପାଇଲଟ୍ ଅରୁଣ ବର୍ମା (ରାଜେଶ ଖାନ୍ନା)ଙ୍କୁ ଭଲ ପାଉଥିଲେ। ତେବେ ଏକ ଦୁର୍ଘଟଣାରେ ଅରୁଣଙ୍କ ମୃତ୍ୟୁ ହୋଇଯାଏ। ତେଣୁ ସମାଜ ଭୟରେ ବନ୍ଦନା ନିଜ ଛୁଆକୁ ଅନାଥ ଆଶ୍ରମରେ ଛାଡ଼ି ଦିଅନ୍ତି। ଫିଲ୍ମରେ ବହୁ ଉତ୍ଥାନ ପତନ ଦେଖିବାକୁ ମିଳିଛି। ତେବେ ଏହାର ସୁପରହିଟ୍ ଗୀତ ଗୋଟିଏ ଟେକ୍‌ରେ ସୁଟିଂ ହେବାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ■



ସକାଳ THE SAKALA
www.sakalaepaper.com

# ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍



ଲଣ୍ଡନ, ୩୦।୭ (ଏଜେନ୍ସି): କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ଭାରତୀୟ ଦଳର ଅଧିନାୟକ ଗିଲ୍ ଏହି ମ୍ୟାଚରେ ଆଉ ଏକ କୀର୍ତ୍ତିମାନ କରିବା ଲକ୍ଷ୍ୟରେ ରହିଛନ୍ତି। ନେତୃତ୍ୱ ପଦାର୍ପଣର ପ୍ରଥମ ଟେଷ୍ଟ ସିରିଜରେ ଗିଲ୍ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚରେ ୭୨୨ ରନ କରିସାରିଛନ୍ତି। ଏହି ପାଳିରେ ସେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍ ଆଉ ୧୧ ରନ କଲେ ଭାରତୀୟ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ୪୬ ବର୍ଷ ତଳେ ସୁନିଲ ଗାଭାସ୍କର ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୭୩୨ ରନ କରିଥିଲେ। ସେହିଭଳି ଗିଲ୍ ଆଉ ୩୧ ରନ କଲେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହେବେ। ଗ୍ରାହମ ଗୁଚ୍ ୧୯୯୦ରେ ଭାରତ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୫୨ ରନ କରିଥିଲେ। ସେହିଭଳି ଗିଲ୍ ଯଦି ଆଉ ୫୩ ରନ କରିବେ ତେବେ କୌଣସି ଦେଶ ବିପକ୍ଷରେ ଟେଷ୍ଟ ସିରିଜରେ ଭାରତୀୟ ଭାବେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ଗାଭାସ୍କାର ୧୯୭୧ରେ ୱେଷ୍ଟଇଣ୍ଡିଜ ବିପକ୍ଷ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୭୪ ରନ କରିଥିଲେ।

# ଭରତ ଅରୁଣ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ବୋଲିଂ ପ୍ରଶିକ୍ଷକ



ଲକ୍ଷ୍ନୌ , ୩୦।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଭରତ ଅରୁଣଙ୍କୁ ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଭରତ ୨ ବର୍ଷ ପାଇଁ ଲକ୍ଷ୍ନୌ ଦଳ ସହ କାର୍ଯ୍ୟ କରିବାକୁ ଚୁକ୍ତି କରିଥିବା ଜଣାପଡ଼ିଛି। ଫଳରେ ପୂର୍ବତନ ଭାରତୀୟ ବୋଲର ଜାହିର ଖାନଙ୍କ ସହ ମିଶି ଏବେ ଏକାଠି କାମ କରିବେ। ଜାହିର ପୂର୍ବରୁ ଲକ୍ଷ୍ନୌର ବୋଲିଂ ପରାମର୍ଶଦାତା ରହିଛନ୍ତି। ୬୨ ବର୍ଷୀୟ ଭରତ ପୂର୍ବରୁ ଭାରତୀୟ ସିନିଅର ଦଳର ବୋଲିଂ ପ୍ରଶିକ୍ଷକ ଭାବେ ବେଶ୍ ସଫଳତା ପାଇଥିଲେ। ତାଙ୍କ ସମୟରେ ଭାରତୀୟ ଦଳର ବୋଲିଂ ବେଶ୍ ଶୃଙ୍ଖଳିତ ହୋଇପାରିଥିଲା। ଏହାପରେ ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବୋଲିଂ ପ୍ରଶିକ୍ଷକ ଭାବେ ୨୦୨୨ରେ ଯୋଗଦେଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ କୋଲକାତା ୨୦୨୪ରେ ଆଇପିଏଲ୍ ଚାମ୍ପିଅନ ହୋଇପାରିଥିଲା। ସେ କୋଲକାତା ସହ ୪ ବର୍ଷ ଲାଗି ଚୁକ୍ତି କରିଥିଲେ ମଧ୍ୟ ଗୋଟିଏ ବର୍ଷ ପୂର୍ବରୁ ଲକ୍ଷ୍ନୌ ଫ୍ରାଞ୍ଚାଇଜରେ ଯୋଗଦେଇଛନ୍ତି। କିନ୍ତୁ ଗୋଟିଏ ବର୍ଷ ଆଗରୁ କୋଲକାତା ଛାଡ଼ିବା ନେଇ କେକେଆର୍, ଲକ୍ଷ୍ନୌ ଫ୍ରାଞ୍ଚାଇଜ କିମ୍ବା ଅରୁଣଙ୍କ ପକ୍ଷରୁ କୌଣସି ବିବୃତି ରଖାଯାଇନାହିଁ।

**ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି: ଆଜିଠୁ ନିର୍ଣ୍ଣାୟକ ୫ମ ଟେଷ୍ଟ**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ



ଲଣ୍ଡନ, ୩୦।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଅନ୍ତିମ ତଥା ୫ମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ୨-୧ରେ ପଛୁଆ ରହିଥିବା ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଡ୍ର' ରଖି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଘରୋଇ ଇଂଲଣ୍ଡ ଦଳ ଅତିକମ୍‌ରେ ଏହି ମ୍ୟାଚ୍‌କୁ ଡ୍ର ରଖି ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ଏହି ସିରିଜର ନିର୍ଣ୍ଣାୟକ ୫ମ ମୁକାବିଲା ବେଶ୍ ରୋମାଞ୍ଚକ ହେବାକୁ ଯାଉଛି। ପୂର୍ବରୁ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଖେଳାଯାଇଥିବା ୩ୟ ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ୫ ୱିକେଟ୍ ଓ ୨୨ ରନରେ ବିଜୟୀ ହୋଇଥିଲା। ଅପରପକ୍ଷରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ୨ୟ ଟେଷ୍ଟରେ ୩୩୬ ରନର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ମାତ୍ ଦେଇ ସ୍ମରଣୀୟ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫର୍ଡରେ ଖେଳାଯାଇଥିବା ୪ର୍ଥ ଟେଷ୍ଟ ଅମୀମାଂସିତ ରହିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ୫ମ ଟେଷ୍ଟ ଉପରେ ରହିଛି।

ଲଣ୍ଡନରେ ଅବସ୍ଥିତ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡ ସାଧାରଣତଃ ଦ୍ରୁତ ବୋଲରଙ୍କୁ ସୁହାଇଥାଏ। ଏହାକୁ ନଜରରେ ରଖି ଘରୋଇ ଇଂଲଣ୍ଡ ଦଳ ଏହାର ଚୂଡ଼ାନ୍ତ ଏକାଦଶରେ ୪ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନେଇଛି। ସେହିଭଳି ୪ର୍ଥ ଟେଷ୍ଟ ଖେଳିଥିବା ଏକମାତ୍ର ସ୍ପିନର ଲିଆମ ଡସନଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ଦଳର ଏହି ରଣନୀତିରୁ ଏହା ସ୍ପଷ୍ଟ ଯେ ସିରିଜର ପ୍ରଥମ ୪ଟି ମ୍ୟାଚ୍ ଅପେକ୍ଷା ପିଚ୍ ଏଠାରେ ଦ୍ରୁତ ବୋଲିଂକୁ ସୁହାଇବ। ଚଳିତ ସିଜନରେ ଏଠାରେ ଖେଳାଯାଇଥିବା ୫ଟି କାଉଣ୍ଟି ମ୍ୟାଚରେ ପତନ ଘଟିଥିବା ୧୫୦ ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲର ୧୩୧ଟି ହାତେଇଥିଲେ। ତେଣୁ କେନିଙ୍ଗଟନ ଓଭାଲ ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି କହିଲେ ଏହା ଅତ୍ୟୁକ୍ତି ହେବ ନାହିଁ।

## ବୁମ୍‌ରାଙ୍କୁ ବିଶ୍ରାମ !

ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସ୍ଥିତି ସୃଷ୍ଟି କରିଛି। ସିରିଜ ବଞ୍ଚାଇବାକୁ ହେଲେ ଗିଲ୍ ବାହିନୀକୁ ଏହି ମ୍ୟାଚ୍ ଜିତିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ଭାରତ ଏଠାରେ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଡ୍ର ରୁହେ ତେବେ ଇଂଲଣ୍ଡ ୨-୧ରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ହାତେଇନେବ। ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତରେ ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ବୁମ୍‌ରା ଏହି ମ୍ୟାଚ୍ ଖେଳିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଓ ଡାକ୍ତରଙ୍କ ଉପରେ ନିର୍ଭର କରେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ବୁମ୍‌ରା ପ୍ରଥମ, ୩ୟ ଓ ୪ର୍ଥ ମ୍ୟାଚ୍ ଖେଳିଛନ୍ତି। ତେଣୁ ତାଙ୍କୁ ୫ମ ଟେଷ୍ଟରୁ ବିଶ୍ରାମ ଦିଆଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ରିପୋର୍ଟ ମୁତାବକ, ବୁମ୍‌ରାଙ୍କ ପିଠି ଯନ୍ତ୍ରଣା ଓ ଦୀର୍ଘକାଳୀନ ସ୍ଥିତିକୁ ଧ୍ୟାନରେ ରଖି ଏହି ମ୍ୟାଚରେ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ମେଡିକାଲ ଟିମ୍ ପରାମର୍ଶ ଦେଇଛି। ଫଳରେ ଏହି ମ୍ୟାଚରେ ବୁମ୍‌ରାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂହ, ଆକାଶଦୀପ୍ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ସେହିଭଳି ଆହତ ହୋଇ ବାଦ୍ ପଡ଼ିଥିବା ଋଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଏହି ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି।

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ**

ଜାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍ (ଅଧିନାୟକ), ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜାକବ ବେଥେଲ, ଜେମି ସ୍ମିଥ (ୱିକେଟ୍‌କିପର), କ୍ରିସ୍ ୱକ୍ସ, ଗସ୍ ଆଟକିନସନ, ଜେମି ଓଭରଟନ ଓ ଜୋଶ୍ ଟଙ୍ଗ୍।

**ସମ୍ଭାବ୍ୟ ଭାରତୀୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟକିପର), ଶାର୍ଦ୍ଦୁଳ ଠାକୁର, ଆକାଶଦୀପ୍, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**

## ଷ୍ଟୋକ୍ସ ବାଦ୍; ପୋପ୍‌ଙ୍କୁ ନେତୃତ୍ୱ



ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟ ପୂର୍ବରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଛି। ଦଳର ଅଧିନାୟକ ତଥା ଶ୍ରେଷ୍ଠ ଫର୍ମ ଦେଇ ଗତି କରୁଥିବା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଏହି ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ଚତୁର୍ଥ ଟେଷ୍ଟ ଖେଳୁଥିବାବେଳେ ସେ ଆଘାତ ପାଇଥିଲେ। ତେଣୁ ତାଙ୍କ ସ୍ଥାନରେ ଓଲି ପୋପ୍‌ଙ୍କୁ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଏକାଦଶରେ ଇଂଲଣ୍ଡ ୪ଟି ପରିବର୍ତ୍ତନ କରିଛି। ଷ୍ଟୋକ୍ସଙ୍କ ସମେତ ଜୋଫ୍ରା ଆର୍ଚର, ବ୍ରାଏଡନ କ୍ରାସ ଓ ୪ର୍ଥ ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ଲିଆମ ଡସନ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ଖେଳାଳିଙ୍କ ସ୍ଥାନରେ ୩ ଦ୍ରୁତ ବୋଲର ସରେର ଗସ୍ ଆଟକିନସନ, ଜେମି ଓଭରଟନ ଓ ନର୍ଥମ୍ପଟନସାୟରର ଜୋଶ୍ ଟଙ୍ଗ୍ ସାମିଲ ହୋଇଛନ୍ତି। ସେହିଭଳି ସ୍ପିନ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କୁ ମଧ୍ୟ ସୁଯୋଗ ମିଳିଛି।

**ଗ୍ରୀନ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ସ୍ନୁକର**

# ଆଜିଠୁ ନକ୍‌ଆଉଟ୍ ପର୍ଯ୍ୟାୟ




ଭୁବନେଶ୍ୱର, ୩୦।୭ (ସମିସ): ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ଗୁରୁବାରଠାରୁ ନକ୍‌ଆଉଟ୍ ତଥା ପ୍ରି-କ୍ୱାର୍ଟର ରାଉଣ୍ଡ ଆରମ୍ଭ ହେବ। ବୁଧବାର ଅନୁଷ୍ଠିତ ମ୍ୟାଚରେ ନିଶାନ୍ତ ବିଶ୍ୱାଳ, କୁନାଲ ଅଗରୱାଲ, ଶରଦ ବେହେରା, ସିଦ୍ଧାର୍ଥ ସେନ, ବରୁଣ ପୂର୍ବା, ଚେତନ ଆନନ୍ଦ, ଆକାଶ ମହାପାତ୍ର ଓ ଜ୍ଞାନ ଦାସ ବିଜୟ ହୋଇଛନ୍ତି। ଏଥିସହ ଡ. ରାକେଶ ପ୍ରଧାନ, ଅଲତାଫ ଅଲି, ଆକାଶ, ଜ୍ଞାନ, ଚେତନ, ନିଶାନ୍ତ, ସିଦ୍ଧାର୍ଥ, ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ, ଶରଦ, ଚିରାଗ ଆରୋରା ଓ ରଞ୍ଜିତ ପତି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ଅଷ୍ଟ୍ରେଲିଆ ଦଳକୁ ହେଡ୍, ହାଜଲେଉଡ୍ ଫେରିଲେ

ସିଡ୍‌ନୀ, ୩୦।୭ (ଏଜେନ୍ସି): ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ ଲାଗି ବୁଧବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମିଚେଲ ମାର୍ଶଙ୍କୁ ଉଭୟ ଟି-୨୦ ଓ ଏକଦିବସୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଟି-୨୦ ଦଳକୁ ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟର୍ ଟ୍ରାଭିସ୍ ହେଡ୍ ଓ ଅଭିଜ୍ଞ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କୁ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଉଭୟଙ୍କୁ ବିଶ୍ରାମ ଦିଆଯାଇଥିଲା। ତେବେ ୱେଷ୍ଟଇଣ୍ଡିଜ ସିରିଜରେ ଖେଳି ନ ଥିବା ଦୁଇ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ପୁଣିଥରେ ବିଶ୍ରାମ ଦିଆଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ଘରୋଇ ମାଟିରେ ୩ଟି ଲେଖାଏ ଟି-୨୦ ଓ ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ୧୦, ୧୨ ଓ ୧୬ରେ ଯଥାକ୍ରମେ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ।

**● ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ**

## ହର୍‌ଦୀପ୍ ବିଶ୍ୱ ଚାମ୍ପିଅନ




ଏଥେନ୍ସ, ୩୦।୭ (ଏଜେନ୍ସି): ଗ୍ରୀସରେ ଚାଲିଥିବା ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତକୁ ବଡ଼ ସଫଳତା ମିଳିଛି। ଏଥିରେ ଭାରତର ହର୍‌ଦୀପ୍ ଗ୍ରୀକୋ-ରୋମାନ ରେସଲିଂର ୧୧୦ କିଗ୍ରା ବିଭାଗରେ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ହର୍‌ଦୀପ୍ ଇରାନର ୟାଜଦାନ ରିଜା ଡେଲ୍‌ରୌଜଙ୍କୁ ପରାସ୍ତ କରିଥିଲେ। ଏଥିସହ ଗ୍ରୀକୋ-ରୋମାନର ସବୁଠୁ ଓଜନ ବିଭାଗରେ ଚାମ୍ପିଅନ ହେବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ବିନୋଦ କୁମାର (୧୯୮୦ରେ ୪୫ କିଗ୍ରା), ପପୁ ଯାଦବ (୧୯୯୨ରେ ୫୧ କିଗ୍ରା) ଓ ସୂରଜ (୨୦୨୨ରେ ୫୫ କିଗ୍ରା) ଚାମ୍ପିଅନ ହୋଇଥିଲେ ମଧ୍ୟ ଏହା ଲାଇଟ୍-ୱେଟ୍ ବର୍ଗର ଥିଲା। ହର୍‌ଦୀପଙ୍କ ବିଜୟ ଚଳିତ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତର ପ୍ରଥମ ପଦକ ଥିଲା।

**ୱାର୍ଲ୍ଡ ଚାମ୍ପିଅନ୍‌ସିପ୍ ଅଫ୍ ଲିଜେଣ୍ଡ୍ସ ସେମିଫାଇନାଲ**

# ପାକିସ୍ତାନ ସହ ଖେଳିବାକୁ ମନାକଲା ଭାରତ




ବର୍ମିଂହାମ, ୩୦।୭ (ଏଜେନ୍ସି): ଅବସରପ୍ରାପ୍ତ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ନେଇ ଇଂଲଣ୍ଡରେ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡ (ଡବ୍ଲ୍ୟୁସିଏଲ୍) ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏହାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ଗୁରୁବାର ଦୁଇଟିଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଭାରତ ଚାମ୍ପିଅନ୍ସ ଓ ପାକିସ୍ତାନ ଚାମ୍ପିଅନ୍ସ ମଧ୍ୟରେ ସନ୍ଧ୍ୟାରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସ ଓ ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ପରସ୍ପରକୁ ଭେଟିବେ। ତେବେ ଏହି ହାଇଭୋଲଟେଜ୍ ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନିଷ୍ପତ୍ତି ନେଇଛି। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ଖେଳିବାକୁ ଯୁବରାଜ ସିଂହଙ୍କ ନେତୃତ୍ୱାଧୀନ ଭାରତ ମନା କରିଦେଇଛି। 'ଦେଶ ପ୍ରଥମେ' ନ୍ୟାୟରେ ଅଧିନାୟକ ଯୁବରାଜଙ୍କ ସମେତ ସୁରେଶ ରାଇନା, ଶିଖର ଧାୱନ, ୟୁସୁଫ୍ ପଠାନ ପ୍ରମୁଖ ଏହି ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏହାକୁ ନେଇ ଭାରତର 'ଅପରେସନ ସିନ୍ଦୁର' ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶ ସହ କ୍ରିକେଟ ଏକାଠି ଖେଳାଯାଇପାରିବ ନାହିଁ ବୋଲି ଭାରତୀୟ ଖେଳାଳିମାନେ କହିଛନ୍ତି। ପୂର୍ବରୁ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ସମାନ କାରଣ ଲାଗି ପାକିସ୍ତାନ ସହ ଖେଳି ନ ଥିଲେ। ଭାରତ ସେମିଫାଇନାଲ୍ ନ ଖେଳିବା ଫଳରେ ପାକିସ୍ତାନକୁ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଡବ୍ଲ୍ୟୁସିଏଲ୍‌ର ଅନ୍ୟତମ ପ୍ରମୁଖ ପ୍ରାୟୋଜକ 'ଇଜି ମାଇଁ ଟ୍ରିପ' ମଧ୍ୟ ଭାରତ-ପାକିସ୍ତାନ ସେମିଫାଇନାଲ ମ୍ୟାଚରୁ ଓହରିଯିବା ନେଇ ପୂର୍ବରୁ ଘୋଷଣା କରିଥିଲା। ଆତଙ୍କବାଦ ଓ କ୍ରିକେଟ୍ ଏକାଠି ହୋଇପାରିବ ନାହିଁ ବୋଲି ଏହାର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି କହିଥିଲେ।

# ହେନରୀଙ୍କୁ ୬ ୱିକେଟ୍; ଜିମ୍ବାୱେ ୧୪୯ରେ ସୀମିତ



ବୁଲାୱାୟୋ, ୩୦।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର୍ ମ୍ୟାଟ୍ ହେନରୀଙ୍କୁ ସାମ୍ନା କରି ନ ପାରି ଜିମ୍ବାୱେ ପ୍ରଥମ ପାଳିରେ ୬୦.୩ ଓଭର ଖେଳି ମାତ୍ର ୧୪୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅଧିନାୟକ କ୍ରେଗ୍ ଏର୍ଭିନ ସର୍ବାଧିକ ୩୯, ୱିକେଟ୍‌ରକ୍ଷକ ତାଫାଦଜୱା ସିଗା ୩୦, ନିକ୍ ୱେଲ୍‌ଚ ୨୭, ବେନ କୁରାନ ୧୩ ରନ କରିଥିଲେ। ଅଭିଜ୍ଞ ଖେଳାଳି ସିନ୍ ୱିଲିୟମ୍ସ ୨ ଓ ବ୍ରାଏନ ବେନେଟ୍ ୬ ରନ କରି ନିରାଶ କରିଥିଲେ। ହେନରୀ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩୯ ରନ ବ୍ୟୟରେ ୬ଟି ୱିକେଟ୍ ନେଇଥିଲେ। ନାଥନ ସ୍ମିଥ ୩ଟି ୱିକେଟ୍ ନେଇଥିବାବେଳେ ଭିନସେଣ୍ଟ ମାସେକେସା ରନ୍‌ଆଉଟ୍ ହୋଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପସ୍ ସୁଦ୍ଧା ୨୬ ଓଭରରେ କୌଣସି ୱିକେଟ୍ ନ ହରାଇ ୯୨ ରନ ସଂଗ୍ରହ କରିଛି। ୱିଲ ୟଙ୍ଗ ୪୧ ଓ ଡେଭନ କନୱେ ୫୧ ରନ କରି ଖେଳୁଛନ୍ତି।

## ବାସନ୍ଦର ୪୨ ମାସ ପରେ ଫେରିଲେ ଟେଲର୍



ନ୍ୟୁଜିଲାଣ୍ଡ ବିପକ୍ଷ ଚଳିତ ଟେଷ୍ଟ ସିରିଜର ଅନ୍ତିମ ତଥା ୨ୟ ମ୍ୟାଚ୍ ଲାଗି ଘରୋଇ ଜିମ୍ବାୱେ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଭେଟେରାନ ୱିକେଟକିପର ବ୍ୟାଟର୍ ବ୍ରେଣ୍ଡନ ଟେଲର୍‌ଙ୍କୁ ସାମିଲ କରାଯାଇଛି। ଆଇସିସିର ଦୁର୍ନୀତି ଓ ଡୋପିଂ ନିୟମ ଉଲ୍ଲଂଘନ କରିଥିବା ମାମଲାରେ ୨୦୨୨ରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ତାଙ୍କୁ ସାଢ଼େ ୩ ବର୍ଷ (୪୨ ମାସ) ବାସନ୍ଦାଦେଶ କରିଥିଲା। ଏହି ଦଣ୍ଡାଦେଶକୁ କାଟିବା ପରେ ଏବେ ସେ ୩୯ ବର୍ଷରେ ପୁଣିଥରେ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେତେବେଳେ ଟେଲର ଦିଲ୍ଲୀର ଜଣେ ବ୍ୟବସାୟୀଙ୍କଠାରୁ ୧୩ ଲକ୍ଷ ଟଙ୍କା ନେଇଥିଲେ ଏବଂ ପରେ କୋକେନ ସେବନ କରିଥିବା ଡୋପିଂ ଟେଷ୍ଟରେ ଧରାପଡ଼ିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର୍ ୨୦୦୪ରେ ପଦାର୍ପଣ କରିଥିଲେ। ଅର୍ନ୍ତଜାତୀୟ କ୍ରିକେଟରେ ସେ ଜିମ୍ବାୱେ ପାଇଁ ୩ୟ ସର୍ବାଧିକ ରନ (୯୯୩୮) ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି। ସେହିଭଳି ଜିମ୍ବାୱେ ପାଇଁ ସେ ୩ଟିଯାକ ଫର୍ମାଟ୍‌ରେ ରେକର୍ଡ ୧୭ଟି ଶତକ ମାରିଛନ୍ତି। ୨୦୨୧ରେ କ୍ରିକେଟ୍‌ରୁ ଅବସର ନେଇଥିଲେ ମଧ୍ୟ ପୁଣିଥରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ।

**ନ୍ୟାସନାଲ୍ ୱାଟର୍ ପୋଲୋ**

# ଭାଗନେବେ କିସ୍‌ର ୨୬ ଖେଳାଳି



ଭୁବନେଶ୍ୱର, ୩୦।୭ (ସମିସ): ଆଗାମୀ ୪୧ତମ ଜାତୀୟ ସବ୍-ଜୁନିଅର ଓ ୫୧ତମ ଜୁନିଅର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନସିପ୍ (ୱାଟର ପୋଲୋ) ପାଇଁ ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। କର୍ଣ୍ଣାଟକ ସନ୍ତରଣ ସଂଘ ଓ ଭାରତୀୟ ସନ୍ତରଣ ମହାସଂଘର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିଅନସିପ୍ ବେଙ୍ଗାଲୁରୁର କେନସିଙ୍ଗଟନ ପୁଲ୍‌ରେ ଅନୁଷ୍ଠିତ ହେବ। ଘୋଷିତ ଓଡ଼ିଶା ବାଳକ ଓ ବାଳିକା ଦଳରେ ୧୪ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଲା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୨୬ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିଅନସିପ୍ ଲାଗି ମନୋନୀତ ହୋଇଛନ୍ତି। କିସ୍‌ର ମନୋନୀତ ହୋଇଥିବା ୨୬ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ୧୨ଜଣ ବାଳକ ଓ ୧୪ଜଣ ବାଳିକା ରହିଛନ୍ତି। ଦୀପଙ୍କର ଦାସ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ସହ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS